

ଶୀର୍ଷ ସ୍ଥାନ ବଜାୟ ରଖିଲେ ମନ୍ଧାନା

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-102 ◆WEDNESDAY ◆8 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୨ ◆ବୁଧବାର ◆୮ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ଆଜିଠୁ ଫେସ୍ ସ୍କାନ କିମ୍ବା ଫିଙ୍ଗର୍‌ପ୍ରିଣ୍ଟରେ ପେମେଣ୍ଟ

■ **ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଅଧିକ ସହଜ ଓ ସୁରକ୍ଷିତ କରିବା ପାଇଁ ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) କାରବାର କ୍ଷେତ୍ରରେ ଆସନ୍ତାକାଲିଠାରୁ ଲାଗୁ ହେବାକୁ ଯାଉଛି ନୂଆ ନିୟମ। ଏହି ନିୟମ ଅନୁଯାୟୀ, ଏଣିକି ୟୁପିଆଇରେ ଅର୍ଥ ନେଣଦେଣ କରୁଥିବା ୟୁଜର୍ସଙ୍କୁ ପେମେଣ୍ଟ କରିବା ପାଇଁ ଆଉ ପିନ୍ ଦେବାକୁ ପଡ଼ିବନାହିଁ।



**ଦେବାକୁ ପଡ଼ିବନି ପିନ୍**

ଏହା ବଦଳରେ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟ ବା ଟିପଚିହ୍ନ ଦ୍ୱାରା ପେମେଣ୍ଟ କରିହେବ। ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଜାରି କରିଥିବା ମାର୍ଗଦର୍ଶିକା ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି, ଯେଉଁଥିରେ ପେମେଣ୍ଟ ପାଇଁ ବିକଳ୍ପ ଅଥେଣ୍ଟିକେସନ ବା ଭେରିଫାଏ କଥା କୁହାଯାଇଥିଲା।

ଏହି ନୂତନ ପଦ୍ଧତି ୟୁପିଆଇ ପେମେଣ୍ଟକୁ ଅଧିକ ସୁବିଧାଜନକ, ସୁରକ୍ଷିତ ଏବଂ ବ୍ୟବହାରକାରୀ-ଅନୁକୂଳ କରିବ। ନୂତନ ବୈଶିଷ୍ଟ୍ୟଗୁଡ଼ିକ ୟୁପିଆଇ ପେମେଣ୍ଟ କରିବା ପାଇଁ ପିନ୍‌ର ଆବଶ୍ୟକତାକୁ ଇଚ୍ଛାଧୀନ କରିବ। ଏକ ରିପୋର୍ଟ ଅନୁସାରେ, ନୂଆ ସୁବିଧା ଦ୍ୱାରା ପେମେଣ୍ଟର ଅଥେଣ୍ଟିକେସନ ଭାରତ ସରକାରଙ୍କ ଆଧାର ସିଷ୍ଟମରେ ଥିବା ବାୟୋମେଟ୍ରିକ୍ସ ▶ପୃଷ୍ଠା-୭

## ବସ୍ ଉପରେ ଧସିଲା ପାହାଡ଼; ୧୮ ମୃତ, ଫସିଛନ୍ତି ୧୦

■ **ବିଳାସପୁର, ୭।୧୦ (ଏଜେନ୍ସି):** ହିମାଚଳ ପ୍ରଦେଶ ବିଳାସପୁର ଜିଲ୍ଲାର ଭାଲୁଘାଟ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ବଡ଼ଧରଣର ଭୂସ୍ଖଳନରେ ଏକ ଘରୋଇ ବସ୍ ପୋତି ହୋଇଯାଇଛି। ଦୁର୍ଘଟଣାରେ ୧୮ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ୧୦ରୁ ଅଧିକ ଯାତ୍ରୀ ଭଗ୍ନାବଶେଷ ତଳେ ଫସି ରହିଛନ୍ତି। ୨ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ବସ୍‌ରେ ପ୍ରାୟ ୩୦ ଜଣ ଯାତ୍ରା କରୁଥିଲେ। ବସ୍‌ଟି ହରିୟାଣା ରୋହତକରୁ ବିଳାସପୁର ନିକଟସ୍ଥ ଘୁମରାୱନକୁ ଯାଉଥିବ ସମୟରେ ଏହା ଉପରେ ପାହାଡ ଧସି ଯାଇଥିଲା। ସୂଚନା ପାଇବା ପରେ ଏସ୍‌ଡିଆରଏଫ ଏବଂ ପୁଲିସ ଟିମ୍ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଆଜି ପ୍ରବଳ ବର୍ଷା ଯୋଗୁଁ ଏଭଳି ଅଘଟଣ ଘଟିଲା ବୋଲି କୁହାଯାଉଛି।



# ସୀମା ଟପିଲାଣି ଅରାଜକତା

## ରାଜ୍ୟରେ ରେକର୍ଡ ଭାଙ୍ଗୁଛି ହତ୍ୟା, ଦୁଷ୍କର୍ମ

■ **ଭୁବନେଶ୍ୱର, ୭।୧୦ (ସମିସ):** ରାଜ୍ୟରେ ବିଗିଡ଼ି ଗଲାଣି ଆଇନଶୃଙ୍ଖଳା। ପୁଲିସକୁ ଅପରାଧୀଙ୍କ ଖାତିର ନାହିଁ। ଦିନ ଦିପହରେ ଅଣ୍ଟାରେ ବନ୍ଧୁକ ଖୋସି ଅପରାଧୀ ରାଜୁତି କରୁଛନ୍ତି। ଯେଉଁଠି ଯାହାକୁ ପାରିଲେ ମଉକା ପାଇ ଗୁଳି କରୁଛନ୍ତି। ପ୍ରତିଦିନ ରାଜ୍ୟର ସବୁ ଅଞ୍ଚଳରୁ ହତ୍ୟା, ରାହାଜାନୀ, ସାମ୍ପ୍ରଦାୟିକ ଗଣ୍ଡଗୋଳ ଘଟଣା ସାମନାକୁ ଆସିବାରେ ଲାଗିଛି। ଗତ ୧୫ ମାସ ମଧ୍ୟରେ ଭଦ୍ରକ, ବାଲେଶ୍ୱର, ଖୋର୍ଦ୍ଧା, କଟକ ଆଦି

### କଥା କଥାକେ ଫୁଟୁଛି ଗୁଳି, ବୁଲୁଛି ଖଣ୍ଡା

### ଦିନକୁ ହାରାହାରି ୧୫ ଦୁଷ୍କର୍ମ, ୪ ହତ୍ୟା

ସ୍ଥାନରେ ସାମ୍ପ୍ରଦାୟିକ ସଦ୍‌ଭାବ ଭଙ୍ଗ ହୋଇଛି। ପାଞ୍ଚଟି ସ୍ଥାନରେ କର୍ଫ୍ୟୁ ଲାଗିଛି। ଗତ ୩ ଦଶନ୍ଧିରେ ସମ୍ଭବତଃ ପ୍ରଥମଥର ପାଇଁ ଭାଇଚାରାର ସହର କୁହାଯାଉଥିବା କଟକ ସହରବାସୀ ପୁଣିଥରେ କର୍ଫ୍ୟୁର ସମ୍ମୁଖୀନ ହୋଇଛନ୍ତି।

ମୋଟାମୋଟି ଭାବରେ ଅପରାଧୀଙ୍କ ଉପରେ ପୁଲିସର ନିୟନ୍ତ୍ରଣ ନାହିଁ କି ସରକାରଙ୍କ ଅଙ୍କୁଶ ନାହିଁ। କଟକ ଭସାଣିକୁ ନେଇ ଗଣ୍ଡଗୋଳ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ବେଳେ ବ୍ରହ୍ମପୁରରେ ଶାସକ ଦଳର ଜଣେ ନେତା ତଥା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଏହା ପ୍ରଶ୍ନ ଉଠାଇଛି। କଟକ ଘଟଣା ପରେ ପୁଲିସ ଗୁଇନ୍ଦା ବ୍ୟବସ୍ଥା ନିଷ୍କ୍ରିୟ ହୋଇଥିବା ଭଳି ଲାଗୁଛି। ବ୍ରହ୍ମପୁରରେ ଆଇନଜୀବୀଙ୍କ ହତ୍ୟା ଘଟଣା ଅରାଜକତା ଉପରେ ମୋହର ମାରିଛି। ଦୁଷ୍କର୍ମ, ଗଣଦୁଷ୍କର୍ମରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଥିବା ଓଡ଼ିଶା ଏବେ ହତ୍ୟାରେ ନୂଆ ରେକର୍ଡ଼ କରିବାକୁ ଯାଉଛି। ଗତ କେଇଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୯ଟି ହତ୍ୟାକାଣ୍ଡ ପଞ୍ଜୀକୃତ ହୋଇଥିଲେ ହେଁ ଏହି ମାମଲାରେ ମାତ୍ର ୧୫ ଜଣଙ୍କୁ ପୁଲିସ ଗିରଫ କରିବାକୁ ସମର୍ଥ ହୋଇଛି।



ଗୃହ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ୨୦୨୪ ମସିହାରେ ରାଜ୍ୟରେ ୩୦୫୪ଟି ବଳାତ୍କାର ଓ ୧୨୫୮ଟି ହତ୍ୟା ମାମଲା ରୁଜୁ ହୋଇଛି। ସେହିପରି ୩୫୬ ▶ପୃଷ୍ଠା-୭

## କ୍ଷୋଭ ପ୍ରକାଶ କଲେ ନବୀନ

### ଆଇନଶୃଙ୍ଖଳା ଦୃଢ଼ ରଖିବାରେ ସରକାର ସମ୍ପୂର୍ଣ୍ଣ ବିଫଳ

### ଉତ୍ସବ ମଧ୍ୟରେ ରାଜ୍ୟରେ ସୃଷ୍ଟି ହୋଇଛି ଭୟର ବାତାବରଣ

### ଲୋକଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ତତ୍ପର ହେବା ଜରୁରୀ



■ **ଭୁବନେଶ୍ୱର, ୭।୧୦ (ସମିସ):** ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ବେଳେ ପ୍ରତିଦିନି ରାଜ୍ୟର କୋଣଅନୁକୋଣରେ ଅଘଟଣ ଘଟୁଛି। ମହିଳା ହିଂସା, ଦୁଷ୍କର୍ମ ପରି ଘଟଣାକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ବଦନାମ ହୋଇଥିବା ବେଳେ ଦଙ୍ଗା, ହତ୍ୟାକାଣ୍ଡ ପରି ଅପରାଧକୁ ନେଇ ମଧ୍ୟ ରାଜ୍ୟବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ରାଜ୍ୟରେ ଏପରି ସଂଗିନ ସ୍ଥିତିକୁ ନେଇ କ୍ଷୋଭ ଏବଂ ଚିନ୍ତା ପ୍ରକାଶ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶାନ୍ତିପ୍ରିୟ ଓଡ଼ିଶାରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ମଜଭୁତ ରଖିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି; ଯାହା ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରୁଛି ବୋଲି ▶ପୃଷ୍ଠା-୭

### ବିହାରରେ ଏସ୍‌ଆଇଆର୍ ବିଭ୍ରାନ୍ତି

## ତଥ୍ୟ ମାଗିଲେ ସୁପ୍ରିମକୋର୍ଟ

■ **ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ବିହାରରେ ଅନୁଷ୍ଠିତ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୩ ଲକ୍ଷ ୬୬ ହଜାର ଭୋଟରମାନଙ୍କ ସଂପର୍କରେ ତଥ୍ୟ ଲୋଡ଼ିଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ୯ ତାରିଖ ସୁଦ୍ଧା ଏସଂପର୍କରେ ବିସ୍ତୃତ ତଥ୍ୟ ଦାଖଲ କରିବା ନିମନ୍ତେ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ଚୂଡ଼ାନ୍ତ ଭୋଟର ତାଲିକାରେ ଯେଉଁମାନଙ୍କର ନାମ ଯୋଡ଼ା ଯାଇଛି, ସେମାନଙ୍କ ସଂପର୍କରେ ମଧ୍ୟ ତଥ୍ୟ ଦେବାକୁ କୁହାଯାଇଛି। ଚୂଡାନ୍ତ ତାଲିକାରେ ୨୧ ଲକ୍ଷ ଭୋଟରଙ୍କ ନାମ ଯୋଡ଼ାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନୂଆ ଭୋଟର ଏବଂ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିବା କହିଛନ୍ତି କୋର୍ଟ।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟା ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ବିହାର ଏସ୍‌ଆଇଆର୍ ମାମଲାର ଶୁଣାଣି କରିବା ସମୟରେ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଲେ ଯେ ଯେଉଁମାନଙ୍କ ନାମ ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡ଼ିଛି ସେମାନଙ୍କ ସଂପର୍କରେ ଯାହା ବି ତଥ୍ୟ ରହିଛି, ତାହା ଦେବାକୁ ପଡ଼ିବ। ଏଥିପାଇଁ କମିସନଙ୍କୁ ଆଉ ଦୁଇ ଦିନର



### ନାମ କଟିଥିବା ୩.୬୬ ଲକ୍ଷ ଭୋଟର ଓ ନୂଆ ମତଦାତାଙ୍କ ସୂଚନା ଦେବେ କମିସନ

ସମୟ ଦିଆଯାଇଛି। ଆସନ୍ତା ୯ ତାରିଖରେ କମିସନ ଏହି ତଥ୍ୟ ଦେବେ। ସେହିଭଳି ମାନ୍ୟବର ଖଣ୍ଡପୀଠ ଉଦବେଗ ଜଣାଇଥିଲେ ଯେ ଚୂଡ଼ାନ୍ତ ତାଲିକାରେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ତାହାକୁ ନେଇ ବିଭ୍ରାନ୍ତି ରହିଛି। ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ନାମ ଚିଠା ଭୋଟର ତାଲିକା (ଡ୍ରାଫ୍ଟ ରୋଲ)ରୁ ବାଦ୍ ପଡ଼ିଥିଲା କି? ଖଣ୍ଡପୀଠଙ୍କର ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କମିସନଙ୍କ ଓକିଲ କହିଥିଲେ ଯେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନୂଆ ଭୋଟର। ▶ପୃଷ୍ଠା-୭

**ପୀତବାସ ପଣ୍ଡା ହତ୍ୟା ଘଟଣା**

## ପୁଲିସ ସ୍କାନରରେ ଶେଷ ୪ ଫୋନ୍‌କଲ୍

■ **ବ୍ରହ୍ମପୁର, ୭।୧୦ (ସମିସ):** ଶାସକ ଦଳର ଜଣେ ଆଗଧାଡ଼ିର ନେତା ତଥା ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳିକରି ହତ୍ୟା ଘଟଣା ସମଗ୍ର ରାଜ୍ୟରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି କରିଛି। ଗତକାଲି ପବିତ୍ର କୁମାର ପୂର୍ଣ୍ଣିମା ରାତିରେ ବ୍ରହ୍ମପୁରର ସହରର ବୈଦ୍ୟନାଥପୁର ଥାନା ବୈକୁଣ୍ଠନଗର ସ୍ଥିତ ଘରଠାରୁ ମାତ୍ର ୫୦ ମିଟର ଦୂରରେ ବିଚ୍ ରାସ୍ତାରେ ପୀତବାସଙ୍କୁ ଗୁଳି କରି ହତ୍ୟା କରିଥିଲେ ଦୁର୍ବୃତ୍ତ। ଗୁଳିମାଡ଼ ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। କିନ୍ତୁ ୨୪ ଘଣ୍ଟା ପରେ ମଧ୍ୟ ପୁଲିସ ହାତ ଖାଲି ରହିଛି।

**ଗୁଳିକାଣ୍ଡ ପଛରେ ବୃତ୍ତିଗତ, ରାଜନୈତିକ, ବ୍ୟକ୍ତିଗତ ଶତ୍ରୁତା ନା ସୂଚନା ଅଧିକାର ଆକ୍ରୋଶ**

ସୋମବାର ରାତି ୯ଟା ୪୨ରେ ଗୋଟିଏ ଗ୍ଲାମର ବାଇକ୍‌ରେ ଦୁଇଜଣ ଯୁବକ ଗେଟ୍‌ବଜାର ଛକରୁ ପୀତବାସ ପଣ୍ଡାଙ୍କ ଘର ଗଳି ପର୍ଯ୍ୟନ୍ତ ଚକ୍କର ମାରିଥିଲେ। ଏହାପରେ ଯୋଜନା ମୁତାବକ ହତ୍ୟା କରିଥିଲେ। ଗୁଳିମାଡ଼ ପୂର୍ବରୁ ଅର୍ଥାତ ସୋମବାର ଆଇନଜୀବୀ ପୀତବାସ ପଣ୍ଡା କାହା କାହା ସହିତ ଫୋନ୍‌ରେ କଥା ହୋଇଥିଲେ ସେନେଇ ପୁଲିସ ଯାଞ୍ଚ କରୁଛି। ଘଟଣାର ▶ପୃଷ୍ଠା-୭

## ରାଜ୍ୟରେ ଆଇନଜୀବୀଙ୍କ କଲମ ଛାଡ଼ ଆଜି

### ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିସିଆଇର ଚିଠି

■ **କଟକ,୭। ୧୦ (ସମିସ):** ବ୍ରହ୍ମପୁରର ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ଘଟଣାକୁ ରାଜ୍ୟ ବାର୍ କାଉନସିଲ୍ ତୀବ୍ର ନିନ୍ଦା କରିଛି। ଏହାର ପ୍ରତିବାଦରେ ଆସନ୍ତାକାଲି (ବୁଧବାର) ରାଜ୍ୟରେ ଆଇନଜୀବୀମାନେ ସମ୍ପୂର୍ଣ୍ଣ କଲମଛାଡ଼ କରିବେ। ବାର୍ କାଉନସିଲର ଆଜି ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିଭଳି ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ, ମୃତ ଆଇନଜୀବୀଙ୍କ ପରିବାରକୁ ୧ କୋଟି ଟଙ୍କା ▶ପୃଷ୍ଠା-୭

### ଚାକିରି ବେପାର; ବ୍ରହ୍ମପୁର ଓ ଭୁବନେଶ୍ୱରରୁ ଆଉ ଦୁଇ ଅଟକ

## କ୍ରାଇମବ୍ରାଞ୍ଚ୍‌ର କାତ ପାଉନି

■ **ଭୁବନେଶ୍ୱର, ୭।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବେପାରକୁ ନେଇ ଓଡ଼ିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ ହୁଲସ୍ଥୁଲ ହେଉଛି। ମଧ୍ୟପ୍ରଦେଶର ବ୍ୟାପମ୍ ଓ ପଶ୍ଚିମବଙ୍ଗର ଶିକ୍ଷକ ନିଯୁକ୍ତି ଜାଲିଆତିଠାରୁ ଓଡ଼ିଶା ପୁଲିସ ଚାକିରି ବିକ୍ରି ଅଧିକ ଭୟଙ୍କର ବୋଲି କୁହାଯାଉଛି। ଗତ ୩୦ ତାରିଖ ରାତିରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସହ ୩ ଦଲାଲ ଗିରଫ ହେବା ପରେ ଆଉ ୩ ଜଣଙ୍କୁ କ୍ରାଇମବ୍ରାଞ୍ଚ ଧରିଛି। ମାତ୍ର କୌଣସି ସୂତ୍ରରୁ କିଛି ଠୋସ୍ ଖବର ଓ ପ୍ରମାଣ କ୍ରାଇମବ୍ରାଞ୍ଚ ଯୋଗାଡ଼ କରିବାରେ ସକ୍ଷମ ହୋଇ ନ ଥିବା କୁହାଯାଉଛି। ପରୀକ୍ଷାର୍ଥୀଙ୍କ ବ୍ୟତୀତ ଏଯାଏ ୬ ଜଣ ଲୋକଙ୍କୁ କ୍ରାଇମବ୍ରାଞ୍ଚ ଧରିଛି ଓ ସେମାନଙ୍କୁ ଜେରା ଚଳାଇଛି। ମାତ୍ର ଷଡ଼ଯନ୍ତ୍ରର ପଶାପାଲିରେ ଏହି ସୈନିକମାନଙ୍କଠାରୁ ବିଶେଷ କିଛି ତଥ୍ୟ ମିଳି ପାରୁ ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ସମଗ୍ର ଘଟଣା ପଛରେ ଅନେକ ବଡବଡ଼ିଆଙ୍କ ଭୂମିକା ଥିବା ଜଳଜଳ ଦିଶୁଛି। ପଞ୍ଚ ସଫ୍ଟର ଶଙ୍କର ପୃଷ୍ଟି, ମଧ୍ୟସ୍ଥି ମୁନା ମହାନ୍ତି ସହ ସିଲିକନ୍ ଟେକ୍‌ଲାବ୍‌ର ସମ୍ପୃକ୍ତି ଏକପ୍ରକାର ସ୍ପଷ୍ଟ ହୋଇଛି। ମାତ୍ର ତଦନ୍ତ ଆଗକୁ ବଢ଼ିପାରୁ ନାହିଁ। କେଉଁ ପରିସ୍ଥିତିରେ ଓପିଆର୍‌ବିଠାରୁ ପରୀକ୍ଷା ପରିଚାଳନା ଠିକା ନେଇଥିବା ଆଇଟିଆଇ ଲିମିଟେଡ୍ ଓଡ଼ିଶାର ସିଲିକନ୍ ଟେକ୍‌ଲାବକୁ ପରୀକ୍ଷା ଦାୟିତ୍ୱ ଦେଲା ତାହା ଏଯାଏ ଅସ୍ପଷ୍ଟ। ଅନୁରୂପ ଭାବରେ ସିଲିକନ୍ ଟେକ୍‌ଲାବ୍ କାହିଁକି ଓ କେଉଁ ଉଦ୍ଦେଶ୍ୟରେ କୁଖ୍ୟାତ ଶଙ୍କରର ଅଖ୍ୟାତ ସଂସ୍ଥା ପଞ୍ଚ ସଫ୍ଟକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ପ୍ରଦାନ କଲା ତାହା ମଧ୍ୟ ରହସ୍ୟମୟ। ଓପିଆର୍‌ବି କର୍ତ୍ତୃପକ୍ଷ ଏହି ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରିବା ଅନେକ ଦିଗକୁ ଇଙ୍ଗିତ କରିଛି। ହୁଏତ ଓପିଆର୍‌ବି କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ସହଯୋଗ ଓ ଜ୍ଞାତସାରରେ ଏହି ସବଲେଟ୍ ▶ପୃଷ୍ଠା-୭



**ଘୋଟାଲାରେ ଓପିଆର୍‌ବି କର୍ମଚାରୀଙ୍କ ସମ୍ପୃକ୍ତି ସନ୍ଦେହ**

**କାହା ମଧ୍ୟସ୍ଥତାରେ ହୋଇଥିଲା ସିଲିକନ୍ ଓ ପଞ୍ଚସଫ୍ଟ ବୁଝାମଣା**

## ହଟିଲା କର୍ଫ୍ୟୁ; ଚାଲିଲା କଟକ

### ସ୍ୱାଭାବିକ ହେଲା ଇଣ୍ଟର୍‌ନେଟ୍ ସେବା



■ **କଟକ, ୭।୧୦ (ସମିସ):** ଦୁର୍ଗାମେଢ଼ ଭସାଣ ଶୋଭାଯାତ୍ରାରେ ଗୋଷ୍ଠୀ ସଂଘର୍ଷ ଜନିତ ଅଶାନ୍ତି ଯୋଗୁଁ ଲାଗୁ ହୋଇଥିବା ୩୬ ଘଣ୍ଟାର କର୍ଫ୍ୟୁ ଉଠିବା ପରେ ମଙ୍ଗଳବାର ସନ୍ଧ୍ୟାରୁ ଅତି ସନ୍ତର୍ପଣରେ ଚାଲିବା ଆରମ୍ଭ କରିଛି କଟକ। ଦୁଇ ଦିନର ବନ୍ଦୀ ଜୀବନ ପରେ ସହରବାସୀ ଘରୁ ବାହାରିଛନ୍ତି। ସହରର ସ୍ଥିତି ଧୀରେଧୀରେ ସ୍ୱାଭାବିକ ହୋଇ ଶାନ୍ତି ଫେରୁଛି। ଅନ୍ୟପକ୍ଷରେ ଶୋଭାଯାତ୍ରା ଗଣ୍ଡଗୋଳ ଘଟଣାରେ ପୁଲିସ ଏପର୍ଯ୍ୟନ୍ତ ୨୨ ଜଣଙ୍କୁ ଗିରଫ କରିଛି। ବନ୍ଦ ରହିଥିବା ଇଣ୍ଟର୍‌ନେଟ୍ ସେବା ସ୍ୱାଭାବିକ ହୋଇଛି।

**ପାଟ୍ରୋଲିଂ କଡ଼ାକଡ଼ି; ଗିରଫ ହେଲେଣି ୨୨**

**ସୋସିଆଲ୍ ମିଡିଆ ଉପରେ ତୀକ୍ଷ୍ଣ ନଜର**

କର୍ଫ୍ୟୁ ହଟିବା ପରେ ଛତ୍ରବଜାର, ମାଲଗୋଦାମ ସମେତ ସାରା ସହରରେ ଭିଡ଼ ପରିଲକ୍ଷିତ ହୋଇଛି। ପୁଲିସ ପକ୍ଷରୁ ବକ୍ସିବଜାର ଅଞ୍ଚଳରେ ୪୦ ପ୍ରତିଶତ ଦୋକାନ ବନ୍ଦ ରଖାଯିବା ସହ ଦରଘାବଜାରରୁ ଚୌଧୁରୀ ବଜାର ପର୍ଯ୍ୟନ୍ତ ଦୋକାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି। ଦୋକାନଗୁଡ଼ିକ ରାତି ୯ଟାରୁ ୧୦ଟା ମଧ୍ୟରେ ବନ୍ଦ କରିବାକୁ କୁହାଯାଇଛି। ଦରଘାବଜାର ଥାନା ସମେତ ସହରର ସମ୍ବେଦନଶୀଳ ସ୍ଥାନକୁ ପୁଲିସର କଡ଼ା ସୁରକ୍ଷା ବଳୟ ମଧ୍ୟରେ ▶ପୃଷ୍ଠା-୭

## ଘାସିରାମ କଂଗ୍ରେସର ନୂଆପଡ଼ା ପ୍ରାର୍ଥୀ

■ **ଭୁବନେଶ୍ୱର, ୭।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ତାରିଖ ଘୋଷଣା ହେବାର ଗୋଟିଏ ଦିନ ପରେ କଂଗ୍ରେସ ଦଳ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଗତ ନିର୍ବାଚନରେ ଏହି ଆସନରୁ ସ୍ୱାଧୀନ ଭାବେ ଲଢ଼ି ପ୍ରାୟ ୫୧ ହଜାର ଭୋଟ୍ ପାଇଥିବା ଘାସିରାମ ମାଝୀଙ୍କୁ ଦଳ ଏଠାରୁ ପ୍ରାର୍ଥୀ କରିଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେଙ୍କ ଅନୁମୋଦନ ପରେ ରାଜ୍ୟ କଂଗ୍ରେସ ପକ୍ଷରୁ ଘାସିରାମଙ୍କ ▶ପୃଷ୍ଠା-୭



**ଚିନ୍ତା ବଢ଼ାଉଛି ଆର୍ଥିକ ପରିଚାଳନା**

## ସରକାରଙ୍କ ସିନ୍ଧୁକରେ ବଜେଟ ବରାଦ

### ୫ ମାସରେ ଖର୍ଚ୍ଚ ହୋଇଛି ମାତ୍ର ୨୭ ପ୍ରତିଶତ ଆବଣ୍ଟିତ ଅର୍ଥ

■ **ଭୁବନେଶ୍ୱର, ୭।୧୦ (ସମିସ):** ଏକ ସମୟରେ ବିତ୍ତୀୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସାରା ଦେଶରେ ସୁନାମ ଅର୍ଜନ କରିଥିଲା। କେନ୍ଦ୍ର ସରକାର ଏଥିପାଇଁ ଓଡ଼ିଶାକୁ ବାରମ୍ବାର ପ୍ରଶଂସା କରିଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ରାଜ୍ୟର ଆର୍ଥିକ ପରିଚାଳନା କ୍ରମଶଃ ଲଗାମହୀନ ହେବାରେ ଲାଗିଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚ ଏବଂ ଯୋଜନା କାର୍ଯ୍ୟାନ୍ୱୟନରେ କ୍ରମାଗତ ଭାବେ ନିରୁତ୍ସାହଜନକ ପ୍ରଦର୍ଶନ ଜାରି ରହିଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ୫ ମାସ ଅର୍ଥାତ୍ ଏପ୍ରିଲ-ଅଗଷ୍ଟ ମଧ୍ୟରେ ମୋଟ ଆବଣ୍ଟିତ ଅର୍ଥର ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ କରାଯାଇ ପାରିଛି। ଚଳିତ ଆର୍ଥିକ ବର୍ଷରେ ୨ ଲକ୍ଷ ୯୦ ହଜାର କୋଟିର

**୨୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛନ୍ତି ୧୨ଟି ବିଭାଗ**

**୨ ବିଭାଗ ଖର୍ଚ୍ଚ କରି ପାରିନାହାନ୍ତି ୨ ପ୍ରତିଶତ ଅର୍ଥ**



ବଜେଟ ବିଭିନ୍ନ ବିଭାଗକୁ ଆବଣ୍ଟନ କରାଯାଇଥିବା ବେଳେ ସରକାରଙ୍କ ୪୪ଟି ବିଭାଗ ମାତ୍ର ୭୮୪୦୧ କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ବିଡ଼ମ୍ବନା ହେଉଛି କେବଳ ଦରମା, ପେନସନ ଆଦି ଅଣଯୋଜନା ବ୍ୟୟରେ ଏହାର ଏକ ବଡ଼ ଅଂଶ ବ୍ୟୟ ହୋଇଛି। ଭିତ୍ତିଭୂମି ବିକାଶ, ବିଭିନ୍ନ ଯୋଜନା ପାଇଁ ଅର୍ଥ ଆବଣ୍ଟନ ସତ୍ତ୍ୱେ ବଜେଟ ଅର୍ଥ ଖର୍ଚ୍ଚରେ ମନ୍ଥରତା ରାଜ୍ୟ ସରକାରଙ୍କ ବିତ୍ତୀୟ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ ୪୪ଟି ବିଭାଗ ମଧ୍ୟରୁ ୧୨ଟି ବିଭାଗ ନିଜ ଆବଣ୍ଟିତ ଅର୍ଥର ୨୦ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ବିଭାଗ ସର୍ବନିମ୍ନ ୧.୯୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରି ୪୪ଟି ବିଭାଗ ମଧ୍ୟରେ ସବୁଠୁ ତଳ ସ୍ଥାନରେ ରହିଛି। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ୧.୯୭ ପ୍ରତିଶତ ଅର୍ଥ ଖର୍ଚ୍ଚ କରିଛି। କ୍ରୀଡ଼ା ଓ ଯୁବସେବା ବିଭାଗ ୫.୭ ପ୍ରତିଶତ ଏବଂ ଶକ୍ତି ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ▶ପୃଷ୍ଠା-୭



# ପଦାର୍ଥ ବିଜ୍ଞାନରେ ତିନି ଆମେରିକୀୟଙ୍କୁ ନୋବେଲ

**ଷ୍ଟକହାମ, ୭।୧୦ (ଏଜେନ୍ସି):** ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ ଆମେରିକାର ତିନି ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଛି। ବୈଜ୍ଞାନିକ ଜନ୍ କ୍ଲାର୍କ, ମିସେଲ ଏଚ. ଡେଭୋରେଟ ଏବଂ ଜନ୍ ଏମ. ମାର୍ଟିନିସଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ସ୍ୱିଡେନର 'ରୟାଲ ସ୍ୱିଡିସ ଏକାଡେମି ଅଫ୍ ସାଇନ୍ସ' ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି। ଇଲେକ୍ଟ୍ରିକ ସର୍କିଟରେ ମାକ୍ରୋସ୍କୋପିକ କ୍ୱାଣ୍ଟମ ଟନଲିଂ ଏବଂ ଏନର୍ଜି କ୍ୱାଣ୍ଟିସେସନ (ଶକ୍ତିର ସ୍ତର) ର ସନ୍ଧାନ ପାଇଁ ତିନି ବୈଜ୍ଞାନିକଙ୍କୁ ସମ୍ମାନିତ କରାଯାଇଛି। କ୍ୱାଣ୍ଟମ ଟନେଲିଂ ପ୍ରକ୍ରିୟାରେ କୌଣସି କଣିକା ବ୍ୟାରିୟର ତଥା ବାଧାକୁ ଲଙ୍ଘିବା ପରିବର୍ତ୍ତେ, ତାହାର ଆଖପାଖ ଦେଇ ବାହାରି ଯାଇଥାନ୍ତି। କିନ୍ତୁ ସାଧାରଣ ଫିଜିକ୍ସ ହିସାବରେ ଏହା ଅସମ୍ଭବ। ସାଧାରଣ ଜୀବନରେ ଏହାର ଅନେକ ଉଦାହରଣ ରହିଛି। ସାଧାରଣତଃ ଏକ ବଲ୍ କାନ୍ଥରେ ମାଡ଼ ହୋଇ ଫେରି ଆସିଥାଏ। କିନ୍ତୁ କ୍ୱାଣ୍ଟମ ଦୁନିଆରେ କ୍ଷୁଦ୍ର କଣିକା ଗୁଡିକ ବେଳେବେଳେ କାନ୍ଥ ପାର ହୋଇ ଅନ୍ୟ ପାର୍ଶ୍ୱକୁ ଚାଲି ଯାଆନ୍ତି। ଏହାକୁ କ୍ୱାଣ୍ଟମ ଟନଲିଂ କୁହାଯାଇଥାଏ।

ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ମାନବିକ ସ୍ତରରେ ମଧ୍ୟ କ୍ୱାଣ୍ଟମର ପ୍ରଭାବ ପଡିପାରେ ବୋଲି ଏହି ବୈଜ୍ଞାନିକମାନେ ସାବ୍ୟସ୍ତ କରିଥିଲେ। ପରମାଣୁ ଏବଂ ଅଣୁ ସ୍ତରରେ ସୀମିତ ଥିବା କ୍ୱାଣ୍ଟମ ପ୍ରଭାବକୁ ବିପୁଳ ପରିମାଣରେ ଦେଖିହେବ କି ବୋଲି ଫିଜିକ୍ସରେ ଏକ ପ୍ରଶ୍ନ ହୋଇ ରହିଥିଲା। ୧୯୮୪ ଏବଂ ୧୯୮୫ରେ କ୍ଲାର୍କ, ଡେଭୋରେଟ ଏବଂ ମାର୍ଟିନିସ୍ କାଲିଫର୍ଣ୍ଣିଆ ୟୁନିଭର୍ସିଟିରେ ଏହା ଉପରେ ସ୍ୱତନ୍ତ୍ର ପରୀକ୍ଷଣ କରିଥିଲେ। ସେମାନେ ଦୁଇଟି ସୁପର କଣ୍ଡକ୍ଟରରୁ ଏକ ବିଦ୍ୟୁତ ସର୍କିଟ ନିର୍ମାଣ କରିଥିଲେ। ଏହି ଦୁଇ ସୁପର କଣ୍ଡକ୍ଟର ମଧ୍ୟରେ ଏକ ପତଳା ଆସ୍ତରଣ ଥିଲା। ଏହା ବିଦ୍ୟୁତ ପ୍ରବାହକୁ ରୋକି ଦେଉଥିଲା। ଏହା ସତ୍ତ୍ୱେ ବୈଜ୍ଞାନିକ ଦେଖିବାକୁ ପାଇଥିଲେ ଯେ ସର୍କିଟରେ ଥିବା ସବୁ ଚାର୍ଜ କରାଯାଇଥିବା କଣିକା ଗୁଡିକ ଏକାଠି ମିଶି ଗୋଟିଏ କଣିକା ପରି ବ୍ୟବହାର କରୁଛନ୍ତି। ଏହି କଣିକା ଗୁଡିକ ପତଳା ଆସ୍ତରଣକୁ ଲଙ୍ଘି ଅପରପାର୍ଶ୍ୱକୁ ଯାଇପାରନ୍ତି।

ଏହା କ୍ୱାଣ୍ଟମ ଟନଲିଂର ପ୍ରମାଣ ଥିଲା। ଏଥିରେ ବଡ଼ ସିଷ୍ଟମରେ କ୍ୱାଣ୍ଟମ ଟନେଲିଂକୁ କେମିତି ନିୟନ୍ତ୍ରଣ ଏବଂ ବୁଝି ହେବ ତାହା ଶିକ୍ଷା କରିଥିଲେ। ଏହି ଉଦ୍ଭାବନା କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ନୂଆ ଜ୍ଞାନକୌଶଳ ପାଇଁ ଯୁଗାନ୍ତକାରୀ ସାବ୍ୟସ୍ତ ହୋଇଥିଲା। ଭବିଷ୍ୟତରେ ଏହା ମାଧ୍ୟମରେ କ୍ୱାଣ୍ଟମ କମ୍ପ୍ୟୁଟିଂ ଏବଂ ନୂଆ ଜ୍ଞାନକୌଶଳର ବିକାଶ ଦିଗରେ ସହାୟତା ମିଳିବ। ସେମିକଣ୍ଡକ୍ଟର, କମ୍ପ୍ୟୁଟର ଏବଂ ମାଇକ୍ରୋ ଚିପ୍ସଗୁଡିକରେ କ୍ୱାଣ୍ଟମ ଟେକ୍ନୋଲଜି ବ୍ୟବହାର ହେଉଛି। ଏହା ଦ୍ୱାରା ଚିକିତ୍ସା, ମହାକାଶ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ମଧ୍ୟ ଲାଭ ମିଳିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ କମ୍ପ୍ୟୁଟରେ ବ୍ୟବହୃତ ଟ୍ରାନ୍ସିଷ୍ଟର କ୍ୱାଣ୍ଟମ ଟେକ୍ନୋଲୋଜିର ବଳିଷ୍ଠ ଉଦାହରଣ। ଏହି ନୋବେଲ ବିଜେତାଙ୍କ ଉଦ୍ଭାବନା ଦ୍ୱାରା ଭବିଷ୍ୟତରେ ସୁପର ସିକ୍ୟୋର କୋଡ (କ୍ୱାଣ୍ଟମ କ୍ରିପ୍ଟୋଗ୍ରାଫି), ହାଇ ସ୍ପିଡ କମ୍ପ୍ୟୁଟର( କ୍ୱାଣ୍ଟମ କମ୍ପ୍ୟୁଟର) ଏବଂ ସୁପର ଆକ୍ୟୁରେଟ ସେନ୍ସର (କ୍ୱାଣ୍ଟମ ସେନ୍ସର) ଭଳି ସାମଗ୍ରୀ ନିର୍ମାଣ ସରଳ ହୋଇଯିବ।

# ଥମୁନି କଫ୍ ସିରପ୍ ଜନିତ ମୃତ୍ୟୁ

## ଦୁଇ ରାଜ୍ୟରେ ନେଲାଣି ୨୩ ଶିଶୁଙ୍କ ଜୀବନ

- ୫ ରାଜ୍ୟରେ କୋଲ୍ଡ୍ରିଫ୍ କଫ ସିରଫ ନିଷିଦ୍ଧ
- ତାମିଲନାଡୁ ସରକାର ଧରିଲେ ୩୫୦ ତ୍ରୁଟି
- ଗୁଜରାଟର ଦୁଇ କମ୍ପାନୀର କଫ ସିରପରେ ବିଷ

**ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** ଜୀବନ ବଞ୍ଚାଇବାକୁ ଉଦ୍ଦିଷ୍ଟ କଫ ସିରପ ଏବେ ଜୀବନ ନେଉଛି। ଔଷଧ ପ୍ରସ୍ତୁତକାରୀ କମ୍ପାନୀଙ୍କ ପାଇଁ ନିରୀହ ଶିଶୁଙ୍କ ଜୀବନ ଯାଉଛି। ଅଧିକ ରାସାୟନିକ ମିଶାଇ ଏହି କମ୍ପାନୀଗୁଡିକ ଜୀବନ ବଦଳରେ ମୃତ୍ୟୁ ବିକୁଛନ୍ତି। ଏହି ବିଷାକ୍ତ କଫ ସିରପ ପିଇ ଏ ପର୍ଯ୍ୟନ୍ତ ମଧ୍ୟ ପ୍ରଦେଶ ଏବଂ ରାଜସ୍ଥାନରେ ୨୩ ଶିଶୁଙ୍କ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରେ ମଧ୍ୟପ୍ରଦେଶର ୧୯ ଶିଶୁ ଏବଂ ରାଜସ୍ଥାନର ୪ ଶିଶୁ ସାମିଲ ଅଛନ୍ତି। ଏହି ମାମଲା ସାମ୍ନାକୁ ଆସିବା ପରେ ମଧ୍ୟପ୍ରଦେଶ, ରାଜସ୍ଥାନ, କେରଳ, ତାମିଲନାଡୁ ଏବଂ ପଞ୍ଜାବ ସରକାର ଏହି କଫ ସିରପର ବିକ୍ରି ଏବଂ ବ୍ୟବହାର ଉପରେ କଟକଣା ଲଗାଇ ଦେଇଛନ୍ତି। ଏହି ମାମଲାକୁ ନେଇ ସୁପ୍ରିମକୋର୍ଟରେ ଆବେଦନ ମଧ୍ୟ ଦାଏର କରାଯାଇଛି। ସିବିଆଇ ତଦନ୍ତ ଏବଂ ସାରା ଦେଶରେ ଔଷଧର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପାଇଁ ଦାବି କରାଯାଇଛି। ଓକିଲ ବିଶାଳ ତିୱାରୀଙ୍କ ଦ୍ୱାରା ଦାଖଲ ଏହି ଆବେଦନରେ ରାଷ୍ଟ୍ରୀୟ ନ୍ୟାୟିକ କମିଶନ କିମ୍ବା ବିଶେଷଜ୍ଞ କମିଟି ଗଠନ ନିର୍ଦ୍ଦେଶ ଏବଂ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅନୁଧ୍ୟାନରେ ତଦନ୍ତ କରାଇବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି।

ଅନ୍ୟପକ୍ଷରେ ଏହି ମାମଲାରେ ତାମିଲନାଡୁର 'ଡ୍ରଗ୍ସ କଣ୍ଟ୍ରୋଲ ଡିପାର୍ଟମେଣ୍ଟ' ସିରପ ପ୍ରସ୍ତୁତକାରୀ କମ୍ପାନୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। କାଞ୍ଚିପୁରମ ସ୍ଥିତ କମ୍ପାନୀ ଶ୍ରୀସେନ ଫାର୍ମାସ୍ୟୁଟିକାଲ୍ସ ଏହି କୋଲଡ୍ରିଫ କଫ ସିରପ ପ୍ରସ୍ତୁତ କରୁଛି। ପାଞ୍ଚ ଦିନ ମଧ୍ୟରେ ଜବାବ ଦେବା ପାଇଁ କମ୍ପାନୀକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଔଷଧରେ ପ୍ରସ୍ତୁତ କଞ୍ଚାମାଲର ବିଲ୍ ଏବଂ ଏହାର ଯାଞ୍ଚ ରିପୋର୍ଟ, ଔଷଧ ପ୍ୟାକିଂରେ ବ୍ୟବହୃତ ସାମଗ୍ରୀ ବିବରଣୀ, ଔଷଧରେ ବ୍ୟବହୃତ ପ୍ରୋପାଇଲିନ ଗ୍ଲାଇକୋଲ କ୍ରୟର ବିଲ୍, ମାଷ୍ଟର ଫର୍ମୁଲା ସଟ୍ ଏବଂ ରାସାୟନିକ ବିବରଣୀ ମଗାଯାଇଛି। ସେହିପରି ଗୁଜରାଟର ଦୁଇ କମ୍ପାନୀ ରିଲାଇଫ ସିରପ ଏବଂ ରେସ୍ପିଫ୍ରେସ ଟିଆରର କଫ ସିରପ ନମୁନାରୁ ବିଷାକ୍ତ ଡାଇଏଥିଲିନ ଗ୍ଲାୟକୋଲ (ଡିଇଜି) ଏବଂ ଏଥିଲି ଗ୍ଲାୟକୋଲ (ଇଜି) ମାତ୍ରା ଅଧିକ ଥିବା ଜଣାପଡ଼ିଛି। ଛିନ୍ଦୱାଡାରୁ ନିଆଯାଇଥିବା ୧୯ ଔଷଧରୁ ନମୁନା ପରୀକ୍ଷଣରୁ ଏହା ସାମ୍ନାକୁ ଆସିଛି। ମଧ୍ୟପ୍ରଦେଶରେ ଏହି ଦୁଇ ସିରପ ବିକ୍ରି ଏବଂ ମହଜୁଦ ଉପରେ କଟକଣା ଲଗାଇ ଦିଆଯାଇଛି। ଏହାର ତଦନ୍ତ ପାଇଁ ଗୁଜରାଟ ସରକାରଙ୍କୁ ମଧ୍ୟ ଚିଠି ଲେଖାଯାଇଛି।

ଏହା ପୂର୍ବରୁ ତାମିଲନାଡୁ ସରକାରଙ୍କ ଯାଞ୍ଚ କମିଟି କୋଲଡ୍ରିଫ ପ୍ରସ୍ତୁତକାରୀ ଶ୍ରୀସନ ଫାର୍ମାସ୍ୟୁଟିକାଲ୍ସର କାରଖାନାରେ ୩୫୦ରୁ ଅଧିକ ତ୍ରୁଟି ଧରିଛି। ଏହାକୁ କ୍ରିଟିକାଲ ଏବଂ ମେଜର ଶ୍ରେଣୀରେ ରଖାଯାଇଥିଲା। ରିପୋର୍ଟ ଅନୁଯାୟୀ ଏହି କମ୍ପାନୀରେ ଔଷଧ ପ୍ରସ୍ତୁତ କରିବା ପାଇଁ ଯୋଗ୍ୟ ଏବଂ ପ୍ରଶିକ୍ଷିତ କର୍ମଚାରୀ ନ ଥିଲେ। କାରଖାନାର ସ୍ଥିତି ବହୁତ ଖରାପ ଥିଲା। ସଫାସୁତୁରା କରାଯାଉ ନ ଥିଲା। ବାୟୁ ଚଳାଚଳର ସଠିକ ବ୍ୟବସ୍ଥା ମଧ୍ୟ ନ ଥିଲା। ଅନେକ ମେସିନ ଭାଙ୍ଗି ଯାଇ କଳଙ୍କି ଲାଗିଥିଲା। କାରଖାନାରେ ସୁରକ୍ଷା ପାଇଁ ଜରୁରୀ ଉପକରଣ ନ ଥିଲା। ଔଷଧ ପ୍ରସ୍ତୁତ ପାଇଁ ନିମ୍ନମାନର ଏବଂ ଅଣ-ଫାର୍ମା ମାନର ରାସାୟନିକ ବ୍ୟବହାର କରାଯାଇଥିଲା। କମ୍ପାନୀ ବିନା ବିଲ୍‌ରେ ୫୦ କେଜି ପ୍ରୋପାଇଲିନ ଗ୍ଲାଇକୋଲ କ୍ରୟ କରିଥିଲା। ଔଷଧରୁ ଡିଇଜି ଭଳି ବିଷାକ୍ତ କେମିକାଲ ମିଳିଥିଲା। ତରଳ ଔଷଧକୁ ପ୍ଲାଷ୍ଟିକ ପାଇପରେ ସ୍ଥାନାନ୍ତର କରାଯାଉଥିଲା। ଏହା ଦ୍ୱାରା ଔଷଧ ଖରାପ ହୋଇପାରେ। କାରଖାନାରେ ଔଷଧ ଛାଣିବାକୁ ମଧ୍ୟ କୌଣସି ବ୍ୟବସ୍ଥା ନ ଥିଲା। କାରଖାନାର ଅପରିଷ୍କାର ପାଣିକୁ ସିଧା ନାଳକୁ ଛଡ଼ା ଯାଉଥିଲା।



ଏହା ମଧ୍ୟରେ କଫ ସିରପ ମୃତ୍ୟୁକୁ ନେଇ ମଧ୍ୟପ୍ରଦେଶ ସରକାରଙ୍କୁ ବିରୋଧୀ ଦଳ ନେତା ଉମଙ୍ଗ ସିଙ୍ଘାର ତୀବ୍ର ସମାଲୋଚନା କରିଛନ୍ତି। ସେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ କଫ ସିରପ ପିଇବା ଯୋଗୁ କିଡନୀ ଫେଲ ହୋଇ ୧୯ ଶିଶୁଙ୍କ ମୃତ୍ୟୁ ହୋଇଛି। ପରାସିଆରେ ବିଧାୟକ ସୋହନ ବାଲ୍ମିକୀଙ୍କ ପ୍ରଥମ ଶିଶୁର ମୃତ୍ୟୁ ହେବା ପରେ ଜିଲ୍ଲାପାଳଙ୍କଠାରୁ ନେଇ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ ଚିଠି ଲେଖିଥିଲେ। ବିକ୍ଷୋଭ କରିଥିବା ସତ୍ତ୍ୱେ ସରକାର ଚେଇଁ ନ ଥିଲେ। ଏହା ଦୁର୍ନୀତି ଏବଂ କମିଶନର ମାମଲା। ଏହି ମାମଲାର ନ୍ୟାୟିକ ତଦନ୍ତ ହେବା ଉଚିତ। ଛୋଟ ମୋଟ ଘଟଣାରେ ସରକାର ଲୋକଙ୍କ ଘର ଉପରେ ବୁଲଡୋଜର ଚଢ଼ାଇ ଦେଉଛନ୍ତି। ଏହି ମାମଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଉପ-ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଳାଙ୍କ ଘର ଉପରେ ବୁଲଡୋଜର ଚଢ଼ାଯିବ କି ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି।

## ରାଏବରେଲିରେ ଯୁବକଙ୍କୁ ପିଟି ପିଟି ହତ୍ୟା

**ରାଏବରେଲି, ୭।୧୦ (ଏଜେନ୍ସି):** ଉତ୍ତର ପ୍ରଦେଶ ରାଏବରେଲିରେ ଈଶ୍ୱରଦାସପୁର ଗ୍ରାମରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାରେ ଏକ ଯୁବକଙ୍କୁ ପିଟି ପିଟି ଲୋକେ ହତ୍ୟା କରିଛନ୍ତି। ରେଳଧାରଣ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଯୁବକଙ୍କୁ ଅଧମରା କରି ଏଠାରେ ପକାଇ ଦିଆଯାଇଥିଲା। ତାଙ୍କ ଶରୀର ଏବଂ ଗୁପ୍ତାଙ୍ଗରେ କ୍ଷତ ଚିହ୍ନ ରହିଛି। ସାରା ଶରୀରରେ ନୀଳ ଏବଂ କଳା ଦାଗ ଦେଖାଯାଉଛି। ଗତ ୨ ତାରିଖରେ ପୀଡ଼ିତ ହରିଓମ୍ (୩୮)ଙ୍କ ହତ୍ୟା କରାଯାଇଥିଲା। ସୂଚନା ଅନୁଯାୟୀ ଗତ ୧ ତାରିଖରେ ରାତିରେ ପରବା ଗ୍ରାମର ବାସିନ୍ଦା ହରିଓମ ଈଶ୍ୱରଦାସପୁର ଯାଉଥିଲେ। ଏହି ସମୟରେ ତାଙ୍କୁ ୨୫ ଗ୍ରାମବାସୀ ଧରି ପକାଇ ଚୋର କହି ପିଟିବା ଆରମ୍ଭ କରିଥିଲେ। ମାତ୍ର ଚୋର ନୁହେଁ ବୋଲି କହିବା ସତ୍ତ୍ୱେ ଲୋକେ ତାକୁ ଛାଡ଼ି ନ ଥିଲେ। ଅନବରତ ଭାବେ ନୃଶଂସ ଭଳି ବେଲ୍ଟ, ବାଡି ମାଡ଼ ମାରିଥିଲେ। ଅର୍ଦ୍ଧନଗ୍ନ କରି ସାର୍ଟରେ ହାତ ବାନ୍ଧି ଦେଇଥିଲେ। ଏହାର ସୂଚନା ପାଇ ପୁଲିସ ପହଞ୍ଚି ଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେଇ ପଳାଇ ଆସିଥିଲା। ଏହା ପରେ ଲୋକେ ଅଧମରା କରି ରେଳଧାରଣା କଡ଼ରେ ଫୋପାଡ଼ି ଚାଲି ଯାଇଥିଲେ। ଏହି ମାମଲାକୁ ନେଇ କଂଗ୍ରେସର ରାଏବରେଲି ସାଂସଦ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଦଳିତ ଯୁବକ ହରିଓମଙ୍କ ହତ୍ୟା କେବଳ ଜଣେ ମନୁଷ୍ୟର ନୁହେଁ, ବରଂ ମାନବିକତା, ସମ୍ବିଧାନ ଏବଂ ନ୍ୟାୟକୁ ମାରି ଦିଆଯାଇଛି। ଦେଶରେ ଘୃଣା, ହିଂସା ଏବଂ ଉପଦ୍ରବୀଙ୍କୁ ସରକାରୀ ସଂରକ୍ଷଣ ମିଳୁଛି। ସମ୍ବିଧାନର ସ୍ଥାନ ବୁଲଡୋଜର ଏବଂ ନ୍ୟାୟର ବଦଳରେ ଭୟ ସୃଷ୍ଟି ହେଉଛି। କିନ୍ତୁ ଏହି ଦେଶ ସମ୍ବିଧାନରେ ଚାଲିବ, ଉପଦ୍ରବୀଙ୍କ ଦ୍ୱାରା ନୁହେଁ। ଭାରତର ଭବିଷ୍ୟତ ସମାନତା ଏବଂ ମାନବିକତା ଉପରେ ତିଷ୍ଠିଛି। ଏହା ସହିତ ରାହୁଲ ହରିଓମଙ୍କ ପରିବାର ସହ ଫୋନ କରି କଥା ହୋଇଛନ୍ତି। ତାଙ୍କୁ ନ୍ୟାୟର ଆଶ୍ୱାସନା ଦେଇଛନ୍ତି।

## ୪୦ ହଜାର ଆଇଫୋନ୍ ଚୋରାଇ ପଠାଇ ଥିଲେ ଚୀନ୍

**ଲଣ୍ଡନ, ୭।୧୦ (ଏଜେନ୍ସି):** ବ୍ରିଟେନ ପୁଲିସ ଏକ ଅନ୍ତର୍ଜାତୀୟ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି। ଏହାର ସଦସ୍ୟ ଦେଶରୁ ଆଇଫୋନ ଚୋରି କରି ବିଦେଶକୁ ଚାଲାଣ କରୁଥିଲେ। ବର୍ଷରେ ମଧ୍ୟରେ ଏହି ଅପରାଧି ଗୋଷ୍ଠୀ ୪୦ ହଜାରରୁ ଅଧିକ ଆଇଫୋନ ଚୋରି କରି ଚୀନ୍ ପଠାଇ ଥିଲେ। ଫୋନ୍ ଚୋରଙ୍କ ବିରୋଧରେ ଦେଶର ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଲିସ ୧୮ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଜଣେ ଭାରତୀୟ ଏବଂ ଦୁଇ ଜଣ ଆଫଗାନ ନାଗରିକ ସାମିଲ ଅଛନ୍ତି। ଏହି ଚୋରଙ୍କ ନିକଟରୁ ୨ ହଜାରରୁ ଅଧିକ ଫୋନ ମଧ୍ୟ ଜବତ କରାଯାଇଛି। ଲଣ୍ଡନରୁ ଚୋରି କରିଥିବା ମୋଟ୍ ଫୋନ୍‌ର ୫୦ ପ୍ରତିଶତକୁ ବିଦେଶ ପଠାଇ ଥିଲେ ବୋଲି ପୁଲିସ ଦାବି କରିଛି।ଗତ ବର୍ଷ କ୍ରିସମାସରେ ପ୍ରଥମେ ଏହି ଘଟଣା ସାମ୍ନାକୁ ଆସିଥିଲା। ଆଇଫୋନ ଚୋରି ହେବାରୁ ଜଣେ ବ୍ୟକ୍ତି ମେଟ୍ରୋପଲିଟାନ ପୁଲିସକୁ ଅଭିଯୋଗ କରିଥିଲେ। ଯାଞ୍ଚ ପରେ ହିଥ୍ରୋ ବିମାନବନ୍ଦର ନିକଟରେ ଥିବା ଏକ ଗୋଦାମରୁ ଏହାର ଲୋକେସନ ମିଳିଥିଲା। ଏଠାରେ ଚଢ଼ଉ କରି ଏକ ଡବାରେ ଥିବା ୮୯୪ ଫୋନ ଜବତ କରିଥିଲା। ତଦନ୍ତ ପରିସର ବଢ଼ିବାରୁ ସମ୍ପୂର୍ଣ୍ଣ ର୍ୟାକେଟର ପର୍ଦ୍ଦାଫାସ ହୋଇଥିଲା। ଚୋରଙ୍କୁ ଆଇଫୋନ ପିଛା ୩୦୦ ପାଉଣ୍ଡ ମିଳୁଥିଲା। ଚୀନ୍‌ରେ ଏହାକୁ ୪ ହଜାର ପାଉଣ୍ଡରେ ବିକ୍ରି କରାଯାଉଥିଲା।

## ୬୦ କୋଟିର ଠକେଇ ମାମଲାରେ ଶିଳ୍ପାଙ୍କୁ ଜେରା କଲା ଇଓଡବ୍ଲ୍ୟୁ

**ମୁମ୍ବଇ, ୭।୧୦ (ଏଜେନ୍ସି):** ବଲିଉଡ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କୁ ମୁମ୍ବାଇର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଜେରା କରିଛି। ୬୦ କୋଟି ଟଙ୍କାର ଠକେଇ ମାମଲାରେ ସୋମବାର ମୁମ୍ବଇ ସ୍ଥିତ ବାସଭବନରେ ଶିଳ୍ପାଙ୍କୁ ସାଢେ ଚାରି ଘଣ୍ଟା ପର୍ଯ୍ୟନ୍ତ ପଚରାଉଚୁରା କରାଯାଇଛି। ଏହି ମାମଲାରେ ଅଭିନେତ୍ରୀଙ୍କ ସ୍ୱାମୀ ତଥା ବ୍ୟବସାୟୀ ରାଜ କୁନ୍ଦ୍ରା ମଧ୍ୟ ଅଭିଯୁକ୍ତ ଅଛନ୍ତି। ଏହାକୁ ନେଇ ତାଙ୍କ ସହିତ ୫ ଜଣଙ୍କ ବୟାନ ରେକର୍ଡ କରାଗଲାଣି। ସୂଚନା ଅନୁଯାୟୀ ଗତ ଅଗଷ୍ଟରେ ଶିଳ୍ପା ଏବଂ ରାଜଙ୍କ ବିରୋଧରେ ୬୦ କୋଟିର ଠକେଇ ମାମଲା ରୁଜୁ କରିଥିଲେ। ଏଥିରେ ସେ କହିଥିଲେ ଯେ ଏଜେଣ୍ଟ ରାଜେଶ ଆର୍ଯ୍ୟାଙ୍କ ମାଧ୍ୟମରେ ସେ ଶିଳ୍ପା ଏବଂ କୁନ୍ଦ୍ରାଙ୍କୁ ଭେଟିଥିଲେ। ସେ ସମୟରେ ଉଭୟେ ବେଷ୍ଟ ଡିଲ୍ ଟିଭିର ନିର୍ଦ୍ଦେଶକ ଥିଲେ। ଶିଳ୍ପାଙ୍କ ପାଖରେ କମ୍ପାନୀର ୮୭ ପ୍ରତିଶତ ସେୟାର ଥିଲା। ଏକ ବୈଠକ ପରେ ଏହି ଦମ୍ପତିଙ୍କ କମ୍ପାନୀଙ୍କୁ ଦୀପକ ଋଣ ଦେବେ ବୋଲି ଧାର୍ଯ୍ୟ ହୋଇଥିଲା। ବାର୍ଷିକ ୧୨ ପ୍ରତିଶତ ସୁଧରେ ୭୫ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ପରେ ଟିକସ ସମସ୍ୟାକୁ ଦେଖି ଏହାକୁ ନିବେଶ ଭାବେ ଦେଖାଇବା ପାଇଁ ଶିଳ୍ପା କୋଠାରିଙ୍କୁ ଅନୁରୋଧ କରିଥିଲେ। ପ୍ରତି ମାସରେ ରିଟର୍ଣ୍ଣ ଦେବେ ବୋଲି କହିଥିଲେ। ମାତ୍ର ୨୦୧୫ ଏବଂ ୨୦୧୬ରେ ଟଙ୍କା ପାଇବା ପରେ ଶିଳ୍ପା ଅର୍ଥ ଫେରାଇ ନ ଥିଲେ।

## ସଡ଼କ ସୁରକ୍ଷା ପାଇଁ ରାଜ୍ୟଙ୍କୁ ୬ ମାସ କଣ୍ଟଦେଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୭।୧୦ (ଏଜେନ୍ସି):** 'ମୋଟର ଯାନ ଆଇନ' ଅଧିନରେ ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ ପାଇଁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ୬ ମାସ ସମୟ ଦେଇଛନ୍ତି। ଏହି ଅବଧି ଭିତରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି ନିୟମ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଜାତୀୟ ରାଜପଥ ବ୍ୟତୀତ ଅନ୍ୟ ରାସ୍ତାର ଡିଜାଇନ୍, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ଧାର୍ଯ୍ୟ କରିବାକୁ ସବୁ ରାଜ୍ୟଙ୍କୁ ଜଷ୍ଟିସ ଜେପି ପାରଦିୱାଲା ଏବଂ କେଭି ବିଶ୍ୱନାଥାନଙ୍କ ଖଣ୍ଡପୀଠ କହିଛନ୍ତି। ଜାତୀୟ ରାଜପଥ ଏବଂ ଅନ୍ୟ ସାର୍ବଜନୀନ ସ୍ଥାନରେ ପଦଯାତ୍ରୀ ଏବଂ ଅଣ-ମୋଟର ଚାଳିତ ଯାନବାହନ ସୁରକ୍ଷାକୁ ନେଇ ପର୍ଯ୍ୟାପ୍ତ ବ୍ୟବସ୍ଥା ନିମନ୍ତେ ମଙ୍ଗଳବାର ବିସ୍ତୃତ ନିର୍ଦ୍ଦେଶ ଜାରି କରିଛନ୍ତି। ହେଲମେଟ ନ ପିନ୍ଧିବା, ଭୁଲ ଲେନରେ ଗାଡି ଚଲାଇବା ଏବଂ ଗାଡିରେ ଅନଧିକୃତ ହର୍ଣ୍ଣ ବଜାଇବା ଭଳି ସଡ଼କ ସୁରକ୍ଷା ସହ ଜଡ଼ିତ ବିଭିନ୍ନ ଦିଗ ଉପରେ କଠୋର ନିୟମ ଆଣିବା ପାଇଁ କହିଛନ୍ତି।

# ନିଜକୁ ଗୁଳି ମାରି ଆଇପିଏସ୍‌ଙ୍କ ଆତ୍ମହତ୍ୟା



**ଚଣ୍ଡିଗଡ଼, ୭।୧୦ (ଏଜେନ୍ସି):** ହରିୟାଣାର ବରିଷ୍ଠ ଆଇପିଏସ ଅଧିକାରୀ ୱାଇ ପୂରନ କୁମାର ମଙ୍ଗଳବାର ଦ୍ୱିପହରେ ଆତ୍ମହତ୍ୟା କରିଛନ୍ତି। ସେ ଚଣ୍ଡିଗଡ଼ର ସେକ୍ଟର-୧୧ ସ୍ଥିତ ବାସଭବନରୁ ନିଜ ସର୍ଭିସ ରାଇଫଲରୁ ନିଜକୁ ଗୁଳି ମାରିଛନ୍ତି। ଏହାର ସୂଚନା ମିଳିବା ପରେ ବରିଷ୍ଠ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଲାଞ୍ଚ ମାଗିବା ମାମଲାରେ ତାଙ୍କ ବ୍ୟକ୍ତିଗତ ଗାର୍ଡ ଗିରଫ ହେବା ପରେ ସେ ଏଭଳି ଚରମ ପଦକ୍ଷେପ ନେଇଥିଲେ। ଜେରା ସମୟରେ ପୁରନ୍‌ଙ୍କ ପାଇଁ ସେ ଲାଞ୍ଚ ମାଗୁଥିବା କହିଥିଲେ। ଆଇଏଏସ ଅଧିକାରୀ ମହମ୍ମଦ ସାଇନ ଏବଂ ବିଜୟ ଦହିଆ ଘଟଣାସ୍ଥଳରେ ପହଞ୍ଚି କୋଠାରେ ଥିବା ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଚଣ୍ଡିଗଡ଼ ଏସଏସପି କୱଁରଦୀପ କୌର କହିଛନ୍ତି ଯେ ୨୦୦୧ ବ୍ୟାଚ୍‌ର ଆଇପିଏସ ପୁରନ କୁମାରଙ୍କ ମୁଣ୍ଡରେ କ୍ଷତ ଚିହ୍ନ ରହିଛି। ଏବେ ଏ ବିଷୟରେ କିଛି କହିହେବ ନାହିଁ।

ସୂଚନା ଅନୁଯାୟୀ ଗତ ୨୯ ତାରିଖରେ ରୋହତକର ସୁନାରିଆ ସ୍ଥିତ ପୁଲିସ ଟ୍ରେନିଂ କଲେଜ (ପିଟିସି)ରେ ଆଇଜି ଭାବେ ପୁରନଙ୍କୁ ମୁତୟନ କରାଯାଇଥିଲା। ସେ ୭ ତାରିଖ ପର୍ଯ୍ୟନ୍ତ ଛୁଟିରେ ଥିଲେ ବୋଲି କୁହାଯାଉଛି। ମାତ୍ର ହରିୟାଣା ପୁଲିସ ପାଖରେ ଏ ସମ୍ବନ୍ଧିତ କୌଣସି ସୂଚନା ନାହିଁ। ପୁରନଙ୍କ ପତ୍ନୀ ଅମନୀତ ପି. କୁମାର ଜଣେ ବରିଷ୍ଠ ଆଇଏଏସ ଅଧିକାରୀ। ସେ ଏବେ ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ପ୍ରତିନିଧିମଣ୍ଡଳରେ ଜାପାନ ଗସ୍ତରେ ଯାଇଛନ୍ତି। ଏହି ପ୍ରତିନିଧିମଣ୍ଡଳ ମଙ୍ଗଳବାର ସନ୍ଧ୍ୟାରେ ଭାରତ ଫେରିବ। ଅମନୀତ ଏବେ ବେସାମରିକ ବିମାନ ଚଳାଚଳ ବିଭାଗର ସଚିବ ଅଛନ୍ତି। ଚଣ୍ଡିଗଡ଼ ସେକ୍ଟର-୧୬ ସ୍ଥିତ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ପୁରନଙ୍କ ବ୍ୟବଚ୍ଛେଦ ହେବ। ସେ ୨୦୩୩ ମେ' ୩୧ରେ ଅବସରଗ୍ରହଣ କରିଥାନ୍ତେ। ପୁରନ ଏବଂ ଅମନୀତଙ୍କ ଦୁଇ ଝିଅ ଅଛନ୍ତି। ଜଣେ ଚଣ୍ଡିଗଡ଼ରେ ଏବଂ ଅନ୍ୟ ଜଣେ ବିଦେଶରେ ପାଠ ପଢୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ସହ ଜାପାନ ଗସ୍ତରେ ଯାଇଛନ୍ତି ଆଇଏଏସ ପତ୍ନୀ**

ସୂଚନା ଅନୁଯାୟୀ ପୁରନ ତିନି ମହଲା କୋଠାର ବେସମେଣ୍ଟ (ତଳ ମହଲା)ରେ ଆତ୍ମହତ୍ୟା କରିଛନ୍ତି। ସେ ଝିଅ ସହ ସକାଳେ ପ୍ରଥମ ମହଲାରେ ଥିଲେ। ପରେ ତଳ ମହଲାକୁ ଯାଇ ଚୌକିରେ ବସି ଆତ୍ମହତ୍ୟା କରିଥିଲେ। କିଛି ସମୟ ପରେ ଝିଅ ତଳକୁ ଯିବା ପରେ ବାପାଙ୍କ ରକ୍ତ ଜୁଡୁବୁଡ଼ ମୃତଦେହ ଦେଖିବାକୁ ପାଇ ପୁଲିସକୁ ସୂଚନା ଦେଇଥିଲେ। ଏହି କୋଠାର ବାହାରେ ଜଣେ ସିକ୍ୟୁରିଟି ଗାର୍ଡ ମୁତୟନ ଥିଲେ। ତେବେ ସେ ପିସ୍ତଲ ଶବ୍ଦ ଶୁଣି ନ ଥିବା କହିଛନ୍ତି। ଅନ୍ୟପକ୍ଷରେ ଏହି ଆଇପିଏସ ବିଭିନ୍ନ ଘଟଣାକୁ ନେଇ ଚର୍ଚ୍ଚାରେ ଥିଲେ। ସେ ୨୦୨୦ରେ ଛୁଟି ଦିନରେ ମନ୍ଦିର ଯିବାକୁ ନେଇ ବିବାଦ ହେବାରୁ ପୂର୍ବତନ ଡିଜିପିଙ୍କ ବିରୋଧରେ ଅମ୍ବାଲା ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ। ଏହା ସହିତ ଅନୁସୂଚିତ ଜାତିର ଅଧିକାରୀଙ୍କ ଫିଲ୍ଡ ପୋଷ୍ଟିଂରେ ଭେଦଭାବ ପ୍ରସଙ୍ଗ ଉଠାଇ ଥିଲେ। ସେ ୨୦୨୪ରେ ହରିୟାଣା ବିଧାନସଭା ନିର୍ବାଚନ ସମୟରେ ଆଇପିଏସ ଅଧିକାରୀଙ୍କ ପୋଷ୍ଟିଂକୁ ନେଇ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଥିଲେ। ଅଧିକାଂଶ କ୍ଷମତାସୀନ ଦଳର ଘନିଷ୍ଠ ଥିବାରୁ ବଦଳି ହେବା ଉଚିତ ବୋଲି କହିଥିଲେ। ସେହିପରି ଗତ ବର୍ଷ ନୂଆ ଇନୋଭା କାର୍ ନ ମିଳିବାରୁ ନିଜର ପୁରୁଣା ହୋଣ୍ଡା ସିଟି କାର୍ ଫେରାଇ ଦେଇଥିଲେ। ମୁଖ୍ୟ ସଚିବଙ୍କୁ ଚିଠି ଲେଖି ଅଧିକାରୀଙ୍କୁ ଗାଡ଼ି ପ୍ରଦାନର ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଥିଲେ।

## ରୁଷ୍ ପକ୍ଷରୁ ଯୁଦ୍ଧ ଲଢୁଥିବା ଭାରତୀୟ ଛାତ୍ରଙ୍କ ଆତ୍ମସମର୍ପଣ

**କିଭ, ୭।୧୦ (ଏଜେନ୍ସି):** ରୁଷ ପକ୍ଷରୁ ଯୁଦ୍ଧ ଲଢୁଥିବା ଭାରତୀୟ ଛାତ୍ର ମୋଜିଦ ସାହିଲ ମହମ୍ମଦ ହୁସୈନ ୟୁକ୍ରେନ ସେନା ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ଗୁଜରାଟ ମୋରବି ସହରର ବାସିନ୍ଦା। ପାଠପଢ଼ିବାକୁ ସେ ରୁଷ ଯାଇଥିଲେ। ୟୁକ୍ରେନ ପକ୍ଷରୁ କୁହାଯାଇଛି ଯେ ମୋଜିତଙ୍କୁ ନିଶା ସେବନ ମାମଲାରେ ୭ ବର୍ଷ ଜେଲ୍ ଦଣ୍ଡ ହୋଇଥିଲା। ଜେଲ୍‌ରୁ ବର୍ତ୍ତିବା ଲାଗି ତାଙ୍କୁ ଯୁଦ୍ଧ ଲଢିବାକୁ କୁହାଯାଇଥିଲା। ୧୬ ଦିନର ପ୍ରଶିକ୍ଷଣ ପରେ ସେ ଗତ ୧ ତାରିଖରେ ଯୁଦ୍ଧରେ ସାମିଲ ହୋଇ ତିନି ଦିନ ପରେ ଆତ୍ମସମର୍ପଣ କରିଥିଲେ।

**ଗାଜା ଯୁଦ୍ଧକୁ ଦୁଇ ବର୍ଷ**

# ୬୫ ହଜାରରୁ ଊର୍ଦ୍ଧ୍ୱ ମୃତ, ୯୦% ସ୍କୁଲ ଧ୍ୱଂସ

**ଗାଜା, ୭।୧୦ (ଏଜେନ୍ସି):** ହମାସ ଆକ୍ରମଣରୁ ଆରମ୍ଭ ହୋଇଥିବା ଗାଜା ଯୁଦ୍ଧକୁ ମଙ୍ଗଳବାରୁ ଦୁଇ ବର୍ଷ ପୂରଣ ହୋଇଛି। କ୍ରମାଗତ ବୋମା ମାଡ଼ ଏବଂ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଗାଜା ଷ୍ଟ୍ରିପ୍ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ମିଳିତ ଜାତିସଂଘ (ୟୁଏନ)ର ସାଟେଲାଇଟ ରିପୋର୍ଟ ଅନୁଯାୟୀ ଯୁଦ୍ଧ ପାଇଁ ଗାଜାର ୮୦ ପ୍ରତିଶତ କୋଠା କ୍ଷତିଗ୍ରସ୍ତ ହୋଇଛି। ପ୍ରାୟ ୯୦ ପ୍ରତିଶତ ସ୍କୁଲ ଭୂତକୋଠିରେ ପରିଣତ ହୋଇଯାଇଛି। ୧୮ ହଜାର ଶିଶୁଙ୍କ ସମେତ ୬୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ୩୯, ୩୮୪ ଶିଶୁ ନିଜ ମାତାପିତାଙ୍କ ମଧ୍ୟରୁ ଜଣକୁ ହରଇଛନ୍ତି। ୧୭ ହଜାର ଶିଶୁ ମାତାପିତା ଉଭୟଙ୍କୁ ହରାଇଛନ୍ତି। ହଜାର ହଜାର ଲୋକ ଆହତ ହୋଇଛନ୍ତି। ୯୮.୫ ପ୍ରତିଶତ କ୍ଷେତ ନଷ୍ଟ ହୋଇଯାଇଛି। ଲକ୍ଷାଧିକ ପାଲେଷ୍ଟିନୀୟ ଟେଣ୍ଟରେ ରହିବାକୁ ବାଧ ହେଉଛନ୍ତି। ଏଠାରେ ଖାଦ୍ୟ, ପାନୀୟ, ବିଦ୍ୟୁତ ଏବଂ ଚିକିତ୍ସା ବିନା କାଳତିପାତ କରୁଛନ୍ତି। ଭୋକ ଉପାସରେ ମୃତ୍ୟୁକୁ ଅପେକ୍ଷା କରି ରହିଛନ୍ତି। ଗାଜା ଅସହାୟଙ୍କ ସହର ପାଲଟି ଯାଇଛି। ଚାରିଆଡେ ଯୁଦ୍ଧ ବିଭୀଷିକା ଦେଖିବାକୁ ମିଳୁଛି। ୮୦ ପ୍ରତିଶତ ଅଞ୍ଚଳ ମିଲିଟାରୀ ଜୋନ୍ ହୋଇଯାଇଛି। ଏଠାରେ ସାଧାରଣ ନାଗରିକଙ୍କ ପ୍ରବେଶ ନିଷିଦ୍ଧ ରହିଛି। ଏହା ସହର ନୁହେଁ, ବରଂ ଜୀବିତ ଲୋକଙ୍କ କ୍ୟାମ୍ପ ହୋଇ ରହିଛି ବୋଲି ଉଦ୍ଧାରକାରୀ ଏଜେନ୍ସିଙ୍କ ପକ୍ଷରୁ କୁହାଯାଇଛି।

୨୦୨୩ ଅକ୍ଟୋବର ୭ରେ ଆତଙ୍କବାଦୀ ସଂଗଠନ ହମାସ ଅନୁପ୍ରବେଶ କରି ଅନେକ ଇସ୍ରାନ ନାଗରିକଙ୍କୁ ହତ୍ୟା କରିଥିଲା। ୨୫୧ ଜଣଙ୍କୁ ପଣବନ୍ଦୀ କରି ରଖିଥିଲା। ଏହାକୁ ନେଇ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ତୁରନ୍ତ ଯୁଦ୍ଧ ଘୋଷଣା କରି ହମାସ ଉପରେ ଆକ୍ରମଣ ଆରମ୍ଭ କରି ଦେଇଥିଲେ। ଏହି ଯୁଦ୍ଧ ଯୋଗୁଁ ଗାଜାର ୨୩ ଲକ୍ଷ ଲୋକଙ୍କ ମଧ୍ୟରୁ ୯୦ ପ୍ରତିଶତ ବାସ ହରାଇ ଥିଲେ। ଯୁଦ୍ଧରେ ଅଧାରୁ ଅଧିକ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏହା ଦ୍ୱାରା ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଗାଜାରେ ୫୪ ନିୟୁତ ଟନ୍‌ରୁ ଅଧିକ ଅବଶେଷ ଗଦା ହୋଇ ରହିଛି। ଏହାକୁ ସଫା କରିବା ପାଇଁ ୧୦ ବର୍ଷ ଏବଂ ୧.୨ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ବିଶେଷଜ୍ଞ କହିଛନ୍ତି। ଇସ୍ରାଏଲ ଏକ କିମିର ବଫର ଜୋନ ଏବଂ ୪ ସୈନ୍ୟ କରିଡର ଗଠନ କରିଛି। ମୋରାଗ କରିଡର ଗାଜାକୁ ଦୁଇ ଭାଗରେ ବିଭାଜିତ କରିଦେଇଛି। ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୨୦ ସୂତ୍ରୀ ଶାନ୍ତି ପ୍ରସ୍ତାବକୁ ଇସ୍ରାଏଲ ସମ୍ପୂର୍ଣ୍ଣ ଏବଂ ହମାସ ଆଂଶିକା ଭାବେ ସ୍ୱୀକାର କରିଥିବାରୁ ଯୁଦ୍ଧ ବନ୍ଦ ହେବାର ଆଶା ପ୍ରକାଶ ପାଇଛି।



# ୧୧ ଯାଏଁ ଲାଗିରହିବ ବର୍ଷା

ଭୁବନେଶ୍ୱର, ୭।୧୦(ସମିସ): ରାଜ୍ୟ ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହି ସ୍ଥିତି ଆହୁରି ୪ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓ ଉପକୂଳରେ ବର୍ଷାର ପରିମାଣ ଅଧିକ ହେବାକୁ ଥିବା ବେଳେ ଏହି ସମୟରେ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ନେଇ ମଧ୍ୟ ଆଶଙ୍କା କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସୋମବାର ବଙ୍ଗୋପସାଗର ଓ ସଂଲଗ୍ନ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବ ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଅନ୍ୟପଟେ ବୁଧବାର କେନ୍ଦ୍ରୀୟ-ପଶ୍ଚିମ ବଙ୍ଗୋପସାଗରର ଆନ୍ଧ୍ର ଉପକୂଳ ଦୂରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହି ଦୁଇଟିଯାକ ଘୂର୍ଣ୍ଣିବଳୟ ସମ୍ଭବତଃ ୧୦ କିମ୍ବା ୧୧ ତାରିଖରେ ମିଶି ଏକ ବିସ୍ତୃତ ଘୂର୍ଣ୍ଣିବଳୟରେ ପରିଣତ ହେବ। ଏହା ପ୍ରଭାବରେ ଆସନ୍ତା ୩ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ଦିନ ସ୍ୱଳ୍ପ (୧୫ ମିମି) ଓ ସ୍ଥାନେସ୍ଥାନେ ମଧ୍ୟମଧରଣର ବର୍ଷା ହୋଇପାରେ। ତା'ପର ଦୁଇଦିନ ୧୦ ଓ ୧୧ରେ ଦକ୍ଷିଣ ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଏବଂ ୧୨ ଓ ୧୩ରେ ସମୁଦ୍ର ସଂଲଗ୍ନ ଅଞ୍ଚଳ ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଗଜପତିରେ ସ୍ୱଳ୍ପ ବର୍ଷାର ସମ୍ଭାବନା ରହିଛି। ୭ରୁ ୧୧ତାରିଖ ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ୧୪ରୁ ସମ୍ଭବତଃ ରାଜ୍ୟରେ ପାଗ ଶୁଖିଲା ରହିବା ନେଇ ଆକଳନ କରାଯାଇଛି।

ଗତ ୩୬ ଘଣ୍ଟା ମଧ୍ୟରେ ପାରାଦୀପରେ ୭୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ୫୨, ତାଳଚେର ୩୮, ସମ୍ବଲପୁର ୫୩ ଓ ଦାରିଙ୍ଗବାଡ଼ିରେ ୫୧ ମିମି ବର୍ଷା ରେକର୍ଡ ହୋଇଛି। ବୁଧବାର ରାଜ୍ୟର ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି।

## ଗଞ୍ଜାମରେ ବିଜେପି ନେତାଙ୍କ ହତ୍ୟା ଘଟଣାରେ ବିଜେଡିର ପ୍ରତିକ୍ରିୟା

# ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଅଣାୟତ୍ତ: ବିଜେଡି

ଭୁବନେଶ୍ୱର, ୭।୧୦ (ସମିସ): ଗତ ଏକ ସପ୍ତାହରେ ଧାରାବାହିକ ଭାବେ ଘଟିଥିବା ଅପରାଧଗୁଡ଼ିକ ଉପରେ ତର୍ଜମା କଲେ, ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସ୍ପଷ୍ଟ ହେଉଛି। ମାତ୍ର ରାଜ୍ୟ ବିଜେପି ସରକାର ନିଦାବିଷ୍ଟୁ ସାଜିବା ସହ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି।



ଆଇନଶୃଙ୍ଖଳାର ସଂଗୀନ ସ୍ଥିତିକୁ ନେଇ ବିରୋଧୀ ଦଳର ଚିତ୍କାର ତାଙ୍କର କର୍ଣ୍ଣପାତ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି ବିଜେଡି ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର। ଗତ ସପ୍ତାହକ ମଧ୍ୟରେ ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଛି ବୋଲି ସେ କହିଛନ୍ତି।

ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ସୋମବାର ବ୍ରହ୍ମପୁରରେ ବିଜେପିର ଆଗଧାଡ଼ିର ଜଣେ ନେତା

**■ ଗତ ଏକ ସପ୍ତାହରେ ଆଇନଶୃଙ୍ଖଳା ସ୍ଥିତି ସାଂଘାତିକ**

**■ ମୋହନ ସରକାର ଆସିବା ପରେ ଗଞ୍ଜାମରେ ୧୨୮ ହତ୍ୟା**

ତଥା ରାଜ୍ୟ ବାର୍ କାଉନସିଲର୍ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଦୁଇଜଣ ଦୁର୍ବୃତ୍ତ ଅତି ନିକଟରୁ ଗୁଳି କରି ହତ୍ୟା କରିଛନ୍ତି। ଏହାକୁ ୨୦ଘଣ୍ଟାରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପୁଲିସ ଅପରାଧୀଙ୍କ କୌଣସି ଟେର୍ ପାଇନାହିଁ। ଗତ ୨୪ଘଣ୍ଟାରେ ଗଞ୍ଜାମ ଜିଲ୍ଲାରେ ୩ଟି ହତ୍ୟାକାଣ୍ଡ ଘଟିଛି। ମୋହନ ସରକାର ଆସିବା ପରଠାରୁ କେବଳ ଗଞ୍ଜାମ ଜିଲ୍ଲାରେ ୧୨୮ଟି ହତ୍ୟାକାଣ୍ଡ ଘଟିଲାଣି। ଜିଲ୍ଲାରେ ଲଘୁ ଖଣିଜ ସମ୍ପଦ ଯଥା ବାଲି, ଚିପ୍ସ ଇତ୍ୟାଦିର ଚୋରି, ଲୁଟତରାଜ ଅହେତୁକ ବୃଦ୍ଧି ପାଇଛି। ଏଥିଯୋଗୁଁ ଅପରାଧ ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି। ରାଜ୍ୟ ବିଜେପି ସରକାରଙ୍କ ପ୍ରୟୋଜନରେ ଏହି ଲୁଟତ୍‌ରାଜ ଚାଲିଛି ଓ ଏଥିଯୋଗୁଁ ଗଞ୍ଜାମ ଅପରାଧୀଙ୍କ ଚରାଭୂଇଁ ପାଲଟିଛି। ପୂର୍ବରୁ ନବୀନ ସରକାରଙ୍କ ସମୟରେ ଗଞ୍ଜାମରେ ଶାନ୍ତ ପରିବେଶ ସୃଷ୍ଟି ହୋଇଥିଲା ବେଳେ ବିଜେପି ସରକାରଙ୍କ ସମୟରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିଗଲାଣି।

ଶ୍ରୀ ବକ୍ସିପାତ୍ର ଆହୁରି କହିଥିଲେ ଯେ ରାଜ୍ୟରେ ଏବେ ବହୁଚର୍ଚ୍ଚିତ ଘଟଣା ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣା ବ୍ରହ୍ମପୁର ସହରରୁ ଲୋକଲୋଚନକୁ ଆସିଥିଲା। ଏହି ଘଟଣାରେ ସରକାରଙ୍କ ସମ୍ପୃକ୍ତି ଜଳଜଳ ହୋଇ ଦିଶୁଛି। ସେହିପରି ଚୌଦ୍ୱାରରେ ଥିବା ହାଇସିକ୍ୟୁରିଟି ଜେଲରୁ ଦୁଇ କୁଖ୍ୟାତ ଅପରାଧୀ ଜେଲରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଛନ୍ତି। ଭାଇଚାରା ସହର କଟକରେ ସାମ୍ପ୍ରଦାୟିକ ଦଙ୍ଗା ଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇ ୩୬ ଘଣ୍ଟା ପାଇଁ କର୍ଫ୍ୟୁ ଲଗାଇବାକୁ ପଡୁଛି। ଆଜି ସକାଳେ ପୁରୀ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଭିତରେ ପଶି ଜଣେ ଦୁର୍ବୃତ୍ତ କଟୁରୀରେ ଯାତ୍ରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିବା ଯୋଗୁଁ ଅନ୍ୟୁନ ୭ଜଣ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଦୁଷ୍କର୍ମ, ଅସଦାଚରଣ, ନାରୀ ନିର୍ଯାତନା, ହତ୍ୟା ଇତ୍ୟାଦି ଘଟଣା ପ୍ରତିଦିନ ଖବରକାଗଜଗୁଡ଼ିକରେ ଶିରୋନାମା ପାଲଟୁଛି। କିନ୍ତୁ ସରକାର ନିଜ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ଡବଲ୍ ଇଞ୍ଜିନ୍ ସରକାର ଗୋଟିଏ ସମ୍ବେଦନହୀନ ସରକାର ବୋଲି ରାଜ୍ୟବାସୀ ଜାଣିଲେଣି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି।

## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ; ୩୦ ଆହତ

**ଦକ୍ଷିଣ ବାଲେଶ୍ୱର, ୭।୧୦ (ସମିସ):** ୧୬ନମ୍ବର ଜାତୀୟ ରାଜପଥର ସିମୁଲିଆ ଥାନା ଅନ୍ତର୍ଗତ ତାରିଣୀ ଛକ ନିକଟରେ ଆଜି ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୩୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ସିମୁଲିଆ ମେଡିକାଲରେ ଭର୍ତ୍ତି କରାଯାଇଛି। ଯାତ୍ରୀମାନେ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ପଶ୍ଚିମବଙ୍ଗ ଫେରିବା ବେଳେ ଏହି ଅଘଟଣ ଘଟିଛି। ଚାଳକଙ୍କ ଆଖି ଲାଗି ଯିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସୂଚନାନୁଯାୟୀ, ପଶ୍ଚିମବଙ୍ଗ ମୋହନପୁର ଥାନା ବୋଇତା ଅଞ୍ଚଳର ୬୫ ଜଣ ତୀର୍ଥଯାତ୍ରୀ ପୁରୀ ଜଗନ୍ନାଥ ଦର୍ଶନ କରିବା ପାଇଁ ଯାଇଥିଲେ। ସେଠାରୁ ଫେରିବା ବେଳେ ରାତି ପ୍ରାୟ ୨ଟାରେ ଚାଳକଙ୍କୁ ନିଦ ହୋଇଯିବାରୁ ବସ୍‌ଟି ଡିଭାଇଡର ଉପରକୁ ଚଢ଼ିଯାଇ ରାଜପଥ ଉପରେ ଓଲଟି ପଡ଼ିଥିଲା। ଖବର ପାଇ ସିମୁଲିଆ ଆଇଆଇସି ଶ୍ରବଣ କୁମାର ମହାରଣା ସଦଳବଳେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଗାଡ଼ିର କାଚ ଭାଙ୍ଗି ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିଲା।

## ରାଇରଙ୍ଗପୁରରେ ଖୋଲିବ ଇଗ୍ନୋର ନୂତନ ଆଞ୍ଚଳିକ କେନ୍ଦ୍ର

ଭୁବନେଶ୍ୱର, ୭।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ)ର ନୂତନ ଆଞ୍ଚଳିକ କେନ୍ଦ୍ର ଖୋଲିବ। ମୟୂରଭଞ୍ଜ ସମେତ କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲାର ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ଏଥିରେ ଉପକୃତ ହେବେ। ପୂର୍ବରୁ ଭୁବନେଶ୍ୱର, କୋରାପୁଟ ଓ ଅନୁଗୋଳରେ ଇଗ୍ନୋର ଆଞ୍ଚଳିକ କେନ୍ଦ୍ର ରହିଥିଲା। ଏହି ନୂତନ ଆଞ୍ଚଳିକ କେନ୍ଦ୍ର ଦ୍ୱାରା ରାଜ୍ୟରେ ସମସ୍ତ ପ୍ରାନ୍ତରେ ଦୂର ନିରନ୍ତର ଶିକ୍ଷା ପହଞ୍ଚିପାରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାଶ କହିଛନ୍ତି।

## ଚୋରା ମୋବାଇଲରୁ ୯୫ ହଜାର ଲୁଟିନେଲେ

ବାରିପଦା, ୭।୧୦ (ସମିସ): ଚୋରି ହୋଇଥିବା ଏକ ମୋବାଇଲ ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ୯୫ହଜାର ଟଙ୍କା ଗାଏବ ହୋଇଯାଇଛି। ଏନେଇ ମଧୁବନ ଅଞ୍ଚଳର ଲକ୍ଷ୍ମୀଧର ମହାନ୍ତ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୂର୍ବରୁ ତାଙ୍କ ମୋବାଇଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପରେ ସେ ପାସ୍‌ବୁକ୍ ଯାଞ୍ଚ କରିବାରୁ ତାଙ୍କ ଆକାଉଣ୍ଟରୁ ୯୫ ହଜାର ଟଙ୍କା ଗାଏବ ହେବା ନେଇ ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ୬ଟି ପର୍ଯ୍ୟାୟରେ ଏହି ଟଙ୍କା ଉଠାଣ କରିନେଇଛନ୍ତି। ଏ ସଂପର୍କରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଯୁବକଙ୍କ ଉନ୍ମତ୍ତ କାଣ୍ଡ

# ବସ୍‌ରେ ପଶି ମନଇଚ୍ଛା ଯାତ୍ରୀଙ୍କୁ ହାଣିଲା

କଣାସ, ୭।୧୦ (ସମିସ): ବସ୍‌ରେ ମନଇଚ୍ଛା ଯାତ୍ରୀଙ୍କୁ ହାଣିଲା। ଚିହ୍ନା-ଅଚିହ୍ନା, ପୁରୁଷ-ମହିଳା, ଛୁଆ-ବୁଢ଼ା କାହାକୁ ବି ଛାଡ଼ିଲାନି। ଆଖି ସାମ୍ନାରେ ଯିଏ ପଡ଼ିଲା, ତାକୁ କଟୁରି ଚୋଟ ପକାଇଲା। ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ମଙ୍ଗଳବାର ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଗଡ଼ଖାରଦାରୁ ଯାତ୍ରୀଙ୍କୁ ନେଇ କଣାସ ଫେରୁଥିବା ଲକ୍ଷ୍ମୀ ବସ୍‌ରେ ଜଣେ ଯୁବକ ଉନ୍ମତ୍ତକାଣ୍ଡ ଭିଆଇଛି। ଏଥିରେ ଦୁଇ ପୁଲିସ ଅଧିକାରୀଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଯୁବକଜଣଙ୍କ ହେଲା, ସତ୍ୟବାଦୀ ଥାନା ଶୁକଳ ବ୍ରହ୍ମଣପଡ଼ା ଗ୍ରାମର ତୋଫାନ ଭୋଇ (୪୦)। ଅପରପକ୍ଷେ, ଉତ୍ୟକ୍ତ ଲୋକେ ତାକୁ କାବୁ କରି ନିର୍ଦ୍ଧୁମ୍ ମାଡ଼ ମାରିଛନ୍ତି। ତାକୁ ମଧ୍ୟ ଗୁରୁତର ଅବସ୍ଥାରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।







ସୂଚନାନୁଯାୟୀ, ପ୍ରତିଦିନ ପରି ମଙ୍ଗଳବାର କଣାସଠାରୁ ଲକ୍ଷ୍ମୀ ବସ୍ (ଓଡ଼ି୧୩ ଭି ୬୩୧୯) ସକାଳେ ଗଡ଼ଖାରଦା ଯାଇ ଫେରୁଥିବା ସମୟରେ ଖଣ୍ଡାହତାଠାରୁ ତୋଫାନ ବସ୍‌ରେ ଚଢ଼ିଥିଲା। ବିନ୍ଧଣ ଗ୍ରାମ ନିକଟରେ ବସ୍‌ରେ ବସିଥିବା ଅନ୍ୟ ଜଣେ ଯାତ୍ରୀ ତା' ଦେହରେ ବାଜିଯିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ପାଖରେ ରଖିଥିବା କଟୁରିରେ ଆକ୍ରମଣ କରିଥିଲା। ଏହାକୁ ନେଇ ବସ୍‌ରେ ଭୟର ବାତାବରଣ ଖେଳି ଯାଇଥିଲା। କିଛି ଯାତ୍ରୀ ବସ୍‌ରୁ ପଳାଇ ଯାଇଥିବା ବେଳେ ଆଉ କିଛି ତାକୁ ବିରୋଧ କରିଥିଲେ। ଏଥିରେ ତୋଫାନ ଆହୁରି ରାଗିଯାଇ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଖବର ପାଇ କଣାସ ଥାନା ଏଏସ୍‌ଆଇ ସନ୍ତୋଷ କୁମାର ଉଦୟସିଂହ ଏବଂ ଏସ୍‌ଆଇ ଦେବୀପ୍ରସାଦ ଲେଙ୍କା ଘଟଣାସ୍ଥଳରେ

**କଟୁରି ଚୋଟରେ ୮ ଆହତ; ପୁଲିସ୍ ବି ଛାଡ଼ ପାଇଲାନି**

ପହଞ୍ଚି ତାକୁ ଧରିବାକୁ ଚେଷ୍ଟା କରିଥିଲେ। କିନ୍ତୁ, ତୋଫାନ ସେମାନଙ୍କୁ ବି ଆକ୍ରମଣ କରିଥିଲା। ଦୁଇ ପୁଲିସ ଅଧିକାରୀ ଆହତ ହୋଇ ମଧ୍ୟ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତୋଫାନର ଉନ୍ମତ୍ତ କାଣ୍ଡ ଦେଖି ସ୍ଥାନୀୟ ଲୋକମାନେ ତାକୁ ମାରପିଟ୍ କରିବାରୁ ସେ ମଧ୍ୟ ଆହତ ହୋଇଥିଲା। ଚିକିତ୍ସା ପାଇଁ ଆହତମାନଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ଓ ପୁରୀ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

କଣାସ ପୁଲିସ ଏହି ମାମଲାକୁ ଗଡ଼ିଶାଗୋଦା ଥାନାକୁ ହସ୍ତାନ୍ତର କରିଛି। ତେବେ ଏପରି କାଣ୍ଡ ଭିଆଇବା ପଛରେ କାରଣ କ'ଣ ତଦନ୍ତ ପରେ ଜଣାପଡ଼ିବ ବୋଲି ଗଡ଼ିଶାଗୋଦା ଥାନାଧିକାରୀ ସୁଧୀର ଦାସ କହିଛନ୍ତି। ବସ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ: ୩ମୃତ

ପାରଳାଖେମୁଣ୍ଡି/ଗୋଷାଣି, ୭।୧୦ (ସମିସ): ଗଜପତି ଜିଲ୍ଲା ସୀମାନ୍ତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ମିଳିଆପୁଟି ମଣ୍ଡଳମ୍ ଅନ୍ତର୍ଗତ ଗଙ୍ଗାରାଜପୁରମ୍ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗଙ୍ଗାରାଜପୁରମ୍‌ସ୍ଥିତ ଏକ ଗ୍ରାନାଇଟ୍ ଖଣିରେ ବିସ୍ଫୋରଣ ଘଟି ୩ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିମାନେ ହେଲେ, ବିହାର ରାଜ୍ୟର ଶ୍ରବଣ କୁମାର(୪୫), ରାଜସ୍ଥାନର ହେମରାଜ(୨୫) ଏବଂ ମଧ୍ୟପ୍ରଦେଶର ପିଣ୍ଟୁ ସିଂ। ଏମାନଙ୍କ ସହ ଅନ୍ୟ ୪ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ଗଜପତି ଜିଲ୍ଲା ଆର୍. ଉଦୟଗିରି ଟଙ୍କିୟସାହି ଗ୍ରାମର ଜାନ ବଳିଆରସିଂ (୪୨), ଆନ୍ଧ୍ରପ୍ରଦେଶ ଟେକିଲି ଗ୍ରାମର କେ. ଜନାର୍ଦ୍ଦନ (୨୫), ମିଳିଆପୁଟି ମଣ୍ଡଳମର କେ.ବାଲାରାଜୁ (୬୩) ଏବଂ ପେଦାଲକ୍ଷ୍ମୀପୁରମ୍ ଗ୍ରାମର ବି. ହରି ପ୍ରସାଦ (୨୪)। ସେମାନଙ୍କୁ ଟେକିଲି ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତେବେ ଏହି ଅଘଟଣକୁ ଆନ୍ଧ୍ରପ୍ରଦେଶ ପୁଲିସ ବଜ୍ରପାତ ଜନିତ ଅଘଟଣ କହି ମାମଲାକୁ ଚାପିଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି।

ପୁଲିସ୍ ସୂଚନା ମୁତାବକ, ମୃତାହତମାନେ ଉକ୍ତ ଗ୍ରାନାଇଟ୍ ଖଣିରେ ବିଭିନ୍ନ ପ୍ରକାରର କାର୍ଯ୍ୟରେ ନିୟୋଜିତ ଥିଲେ। ଆଜି ସନ୍ଧ୍ୟାରେ ହଠାତ୍ ଖଣିରେ ପ୍ରଚଣ୍ଡ ବିସ୍ଫୋରଣ

**ବଜ୍ରପାତଜନିତ ଅଘଟଣ କହି ମାମଲା ଚାପିବାକୁ ପୁଲିସର ଉଦ୍ୟମ**

ହେବାରୁ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ହୋଇଥିଲେ। ଉକ୍ତ ଖଣିଟି ଗୋଷାଣି ବ୍ଲକ୍ ଜଙ୍ଗଲପାଡୁ ଗ୍ରାମକୁ ଲାଗି ରହିଛି।

ଟେକିଲି ଡିଏସ୍‌ପି ଲକ୍ଷ୍ମଣ ରାଓ କହିଛନ୍ତି ପ୍ରାଥମିକ ତଦନ୍ତରୁ ଏହା ଏକ ବଜ୍ରପାତଜନିତ ଅଘଟଣ ବୋଲି ଜଣାପଡ଼ିଥିବା ବେଳେ ଆଗକୁ ଅନ୍ୟ ଦିଗଗୁଡ଼ିକୁ ନେଇ ତଦନ୍ତ କରାଯିବ। କୌଣସି ବିସ୍ଫୋରଣ କାରଣରୁ ଏହି ଘଟଣା ଘଟିଛି କି ନାହିଁ, ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ଭୋଟ୍ ଚୋରି, ଚାକିରି ବିକ୍ରି

# ୯ ରେ ଯୁବ କଂଗ୍ରେସର ପ୍ରତାରଣା ସମାବେଶ

ଭୁବନେଶ୍ୱର, ୭।୧୦ (ସମିସ): ଭୋଟ୍ ଚୋରି ଓ ଚାକିରି ବିକ୍ରି ପ୍ରତିବାଦରେ ସରକାରଙ୍କୁ ଘେରିବାକୁ ଅଣ୍ଟା ଭିଡ଼ିଛି ଯୁବ କଂଗ୍ରେସ। ଏଥିପାଇଁ ଅକ୍ଟୋବର ୯ ତାରିଖରେ ଜାତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ୍ ଓଡ଼ିଶା ଗସ୍ତରେ ଆସିବେ। ୯ରେ ଦଳ ପକ୍ଷରୁ ଆୟୋଜନ ହେବାକୁ ଥିବା "ପ୍ରତାରଣା ପ୍ରତିବାଦ ସମାବେଶ"ରେ ସେ ଯୋଗଦେବେ ବୋଲି ମଙ୍ଗଳବାର ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ଯୁବକଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏହି ସମାବେଶ ଆୟୋଜନ କରାଯିବ। ପରେ ଏକ ରାଲି ମାଷ୍ଟରକ୍ୟାଣ୍ଟିନ ଛକରୁ ଲୋୟର ପିଏମ୍‌ଜି ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରିବ। ଲୋୟର ପିଏମଜିଠାରେ ଚାକିରି ବିକ୍ରି ପ୍ରତିବାଦରେ ବିକ୍ଷୋଭ ମଧ୍ୟ କରାଯିବ। ଏହି ସମଗ୍ର କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ସମେତ ପିସିସି ସଭାପତି ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦ ଯୋଗ ଦେବେ ବୋଲି ସେ କହିଛନ୍ତି।

ଏହି ଅବସରରେ ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟ ଏବଂ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ସରକାର ଚାଲିନାହିଁ। ଦୁଇଟି କ୍ଷେତ୍ରରେ ଭୋଟ ଚୋରିରୁ ଗଠିତ ସରକାର ଚାଲିଛି। ସନ୍ଧ୍ୟା ୫ଟାଠାରୁ ରାତି ୯ ଭିତରେ ୪୨ ଲକ୍ଷ ଭୋଟ ଯୋଡ଼ି ହୋଇଯିବାରୁ ଓଡ଼ିଶାରେ ବିଜେପି ସରକାର ଗଠନ ହୋଇଛି।



ଅନ୍ୟପକ୍ଷରେ ବିଜେପି ସରକାର ସମସ୍ତ ସରକାରୀ ଚାକିରିକୁ ନିଲାମ କରିବାର ବ୍ୟବସ୍ଥା କରିଛନ୍ତି। ଏବେ ଯେଉଁ ଏସ୍‌ଆଇ ଚାକିରି ବିକ୍ରି ଘଟଣା ଲୋକଲୋଚନକୁ ଆସିଛି, ତାହା ଓଡ଼ିଶାର ବେକାର ଯୁବକ ଯୁବତୀ ମାନଙ୍କୁ ହତାଶ କରିଛି। ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ କରଜ କରି, ଜମି, ଜାଗା, ସୁନା ବନ୍ଧା ପକାଇ ଅର୍ଥ ଯୋଗାଡ଼ କରୁଛନ୍ତି। ହେଲେ ମୋହନ ସରକାର ପରୀକ୍ଷା ପୂର୍ବରୁ ସମସ୍ତ ସରକାରୀ ଚାକିରି ବିକ୍ରି କରିଦେବାରେ ବ୍ୟବସ୍ଥା କରିଛନ୍ତି।

ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋଜ ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ପରେ ଗତ ମାର୍ଚ୍ଚରେ ପୁଲିସ ଏସ୍‌ଆଇ ପରୀକ୍ଷାର ପୂର୍ବଦିନ ବାତିଲ କରାଯାଇଥିଲା। ଯେଉଁ ବେସରକାରୀ ସଂସ୍ଥାକୁ ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିଲା। ସେହି ସଂସ୍ଥା ବିରୋଧରେ ସରକାର କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ ନାହିଁ। ସେତେବେଳେ ଆରଆଇ, ଅମିନ, ଏଏସ୍‌ଓ, ସବ ଜେଲର ଓ ଓଟିଇଟି ପରୀକ୍ଷାର୍ଥୀମାନେ ମଧ୍ୟ ଚାକିରି ବିକ୍ରି ଯୋଜନାର ସେ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜାତୀୟ ଯୁବ କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଦୀପ ସାମଲ, ରାଜ୍ୟ ସାଧାରଣ ସମ୍ପାଦକ ନିହାର ବେହେରା, ଅଭିଜିତ୍ ଜେନା, ଜାଭେଦ ଅକ୍ତର, ମହମ୍ମଦ ଗୁଲଫାମ୍ ପ୍ରମୁଖ ଉପସ୍ଥିତ ଥିଲେ।

## ମାଓ ନେତା ମାଣ୍ଡା ରୁବେନ୍‌ର ଆତ୍ମସମର୍ପଣ


**ମାଲକାନଗିରି, ୭।୧୦(ସମିସ):** ୪୪ ବର୍ଷ ଧରି ମାଓ ସଙ୍ଗଠନରେ କାର୍ଯ୍ୟରତ ଦକ୍ଷିଣ ବସ୍ତର୍ ମାଓ-ଡିଭିଜନ୍ କମିଟି ସମ୍ପାଦକ ମାଣ୍ଡା ରୁବେନ୍ ଓରଫ୍ ମଙ୍ଗନ୍ନା ଆଜି ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ତେଲେଙ୍ଗାନାର



ୱାରାଙ୍ଗଲର ପୁଲିସ କମିଶନରଙ୍କ ଉପସ୍ଥିତିରେ ସେ ମୁଖ୍ୟସ୍ରୋତକୁ ଫେରିଛି। ମଙ୍ଗନ୍ନା ଛତିଶଗଡ଼, ଆନ୍ଧ୍ର, ଓଡ଼ିଶା ଓ ତେଲଙ୍ଗାନାର ବହୁ ବଡ଼ବଡ଼ ମାଓ ହିଂସାକାଣ୍ଡରେ ଜଡ଼ିତ ଥିଲା। ତା'ର ଆତ୍ମସମର୍ପଣ, ମାଓ ସଂଗଠନ ପାଇଁ ଏକ ଶକ୍ତଧକ୍କା ଓ ପୁଲିସ ପାଇଁ ବଡ଼ ସଫଳତା ବୋଲି କୁହାଯାଉଛି। ପ୍ରାୟ ବର୍ଷେ ପୂର୍ବେ ସେ ଗିରଫ ହୋଇ ଛତିଶଗଡ଼ର ଜଗଦଲପୁର ଜେଲ୍‌ରେ ଥିଲା। ପରେ ସେଠାରୁ ଫେରାର୍ ହୋଇଯାଇଥିଲା। ଆତ୍ମସମର୍ପଣ ନୀତି ଅନୁଯାୟୀ ତାଙ୍କୁ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ୩ ମାଓବାଦୀ ଗିରଫ

**ମାଲକାନଗିରି, ୭।୧୦(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ାରେ ସୁରକ୍ଷା ବାହିନୀ ଆଜି ମାଓବାଦୀଙ୍କ ଏକ ବଡ଼ ଯୋଜନାକୁ ପଣ୍ଡ କରିଦେଇଛନ୍ତି। ମାଲେୱାହି ରାସ୍ତାରେ ନକ୍ସଲମାନେ ଖଞ୍ଜୁଥିବା ୫କେଜିର ଏକ ପ୍ରେସର୍‌କୁକର ବୋମାକୁ ଜବତ କରିବା ସହ ୩ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ, ସନ୍ତୁ ମଣ୍ଡାଭି, ମଣିରାମ ଏବଂ ସୁଖମାନ ମଣ୍ଡାଭି। ସୂଚନାନୁଯାୟୀ, ସିଆରପିଏଫ୍‌ର



୧୯୫ତମ ବାଟାଲିୟନର ଯବାନ, ବାରସୁର ଏବଂ ମାଲେୱାହି ପୁଲିସ୍ ପକ୍ଷରୁ ମିଳିତ ଭାବେ ମାଲେୱାହି ଶିବିରରୁ ସତଧାର ଅଭିମୁଖେ ତଲାସି ଅଭିଯାନ କରାଯାଉଥିଲା। ଏହି ସମୟରେ ପୁଲିସକୁ ଦେଖି ତିନି ଜଣ ସନ୍ଦିଗ୍ଧ ବ୍ୟକ୍ତି ଲୁଚିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଯବାନମାନେ ସେମାନଙ୍କୁ ଘେରିଯାଇ କାବୁ କରି ପଚରାଉଚରା କରିବା ପରେ ସେମାନେ ମାଓବାଦୀ ବୋଲି ଜଣାପଡ଼ିଥିଲା। ସତଧାର ସେତୁ ନିକଟରେ ହୋଇଥିବା ବୋମା ବିସ୍ଫୋରଣରେ ସେମାନଙ୍କ ସମ୍ପୃକ୍ତି ଥିବା ମଧ୍ୟ ସ୍ୱୀକାର କରିଥିଲେ। ତୁରନ୍ତ ଯବାନମାନେ ସମସ୍ତଙ୍କୁ ଗିରଫ କରି ଉକ୍ତ ପାଞ୍ଚ କିଲୋଗ୍ରାମର ଆଇଇଡିକୁ ଉଦ୍ଧାର କରିଥିଲେ। ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ସରକାରଙ୍କୁ ପରୀକ୍ଷା ପୀଡ଼ା

## ୧୫ ମାସର ସବୁ ପରୀକ୍ଷାରେ ଅସଙ୍ଗତି

**ଭୁବନେଶ୍ୱର, ୭।୧୦ (ସମିସ):** ଗତ ୧୫ ମାସ ମଧ୍ୟରେ ପୂର୍ବ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ବିଜ୍ଞପ୍ତି ଆଧାରରେ ଅନେକ ବିଭାଗରେ ନିଯୁକ୍ତି ଏବର ସରକାର ପ୍ରଦାନ କରିଛନ୍ତି। ଇତି ମଧ୍ୟରେ କିଛି ନୂଆ ସରକାରୀ ଚାକିରି ବାହାରୁନାହିଁ। ପାଠପଢ଼ି ବେକାର ବସିଥିବା ସାଧାରଣ ସ୍ନାତକଙ୍କ ପାଇଁ ଏଯାଏ ଗୋଟିଏ ବି ପଦ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ମାତ୍ର ପୂର୍ବ ସରକାର ସମୟରେ ପ୍ରକାଶିତ ନିଯୁକ୍ତି ନିମନ୍ତେ ପରୀକ୍ଷା ପରିଚାଳନା କରିବାରେ ଏବେ ସରକାର ଅସମର୍ଥ ହୋଇଛନ୍ତି। କେତେବେଳେ ପ୍ରଶ୍ନପତ୍ର ଲିକ୍ ହେଉଛି ତ ଆଉ କେତେବେଳେ ଚାକିରି ବିକ୍ରି ହେଉଛି। ପୂର୍ବରୁ ଆର୍‌ଆଇ-ଅମିନ, ଫରେଷ୍ଟର-ଫରେଷ୍ଟଗାର୍ଡ, ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାରେ ବ୍ୟପକ ଅସଙ୍ଗତି ଦେଖାଦେଇଥିଲା। ସମ୍ପ୍ରତି ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଉଦ୍ୟମ କରୁଥିବା ଏକ ବଡ଼ ରାକେଟ୍ ଧରାପଡ଼ିବା ପରେ ମେଧାବୀ ଆଶାୟୀଙ୍କ ମନୋବଳ ଭାଙ୍ଗି ଯାଇଛି। ଯେତେ ମେଧାବୀ ହେଲେ ମଧ୍ୟ ପକେଟରେ ଟଙ୍କା ନ ଥିଲେ ଓଡ଼ିଶାରେ ଚାକିରି ମିଳିବ ନାହିଁ ବୋଲି ଆଶାୟୀଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହୋଇଛି।

**ମାନସିକ ଚାପରେ କଲବଲ ମେଧାବୀ ପରୀକ୍ଷାର୍ଥୀ**

ଗତ ଜାନୁଆରୀ ମାସରେ ପୁଲିସ୍ ଏସ୍‌ଆଇ ପରୀକ୍ଷା ପାଇଁ ବିଜ୍ଞପ୍ତି ବାହାରିଥିଲା। ମାର୍ଚ୍ଚ ୮ ଓ ୯ରେ ପରୀକ୍ଷା କରିବା ପାଇଁ ସ୍ଥିର ହୋଇଥିଲେ ମଧ୍ୟ ପରୀକ୍ଷାର ମାତ୍ର ଦିନକ ପୂର୍ବରୁ ପରୀକ୍ଷାକୁ ବାତିଲ୍ କରାଯାଇଥିଲା। ଏହାର ୭ମାସ ପରେ ଅର୍ଥାତ୍ ଚଳିତମାସରେ ପରୀକ୍ଷା ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ଚାକିରି ବିକ୍ରି ହେବା ଘବର ପଦାକୁ ଆସିଛି। ଫଳରେ ଅନ୍ୟ ସମସ୍ତ ପରୀକ୍ଷାକୁ ଛାଡ଼ି ଦୀର୍ଘ ୧୦ ମାସ ହେବ ଏସ୍‌ଆଇ ପରୀକ୍ଷା ପ୍ରସ୍ତୁତି କରୁଥିବା ଆଶାୟୀ ନିରାଶ ହୋଇଛନ୍ତି। ପୁଣି ଚାକିରି ବିକ୍ରି ହେଉଥିବା ଖବର ସେମାନଙ୍କ ଆଖିରୁ ନିଦ ହଜେଇଦେଇଛି। ଭାତ ଆଳୁସିଝା ଖାଇ ପାଠ ପଢୁଥିବା ବହୁ ଗରିବ ମେଧାବୀ କେବଳ ଭଗବାନଙ୍କୁ ଡ଼ାକୁଛନ୍ତି।

ସେହିପରି ଆସନ୍ତାକାଲିଠାରୁ ପୁଣିଥରେ ଆରମ୍ଭ ହେଉଥିବା ଆର୍‌ଆଇ-ଅମିନ ପରୀକ୍ଷା ମଧ୍ୟ ମୂଳରୁ ବିବାଦୀୟ ହୋଇସାରିଛି। ପ୍ରଥମ ଥର ଅନୁଷ୍ଠିତ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାରେ କମ୍ପ୍ୟୁଟର ସ୍ୱତଃପ୍ରବୃତ୍ତ ଭାବେ ଚାଲିବାଠାରୁ ଆରମ୍ଭ କରି ସାଇବର୍ କାଫେ ଓ କଲ୍ୟାଣମଣ୍ଡପରେ ପରୀକ୍ଷା ହେବା ଅବ୍ୟବସ୍ଥାକୁ ପଦାରେ ପକାଇଥିଲା। ପିଲାଙ୍କ ଆନ୍ଦୋଳନ ମଧ୍ୟରେ ପରୀକ୍ଷା ହୋଇଥିଲା। ପରବର୍ତ୍ତୀ ସମୟରେ ଅନିୟମିତତାକୁ ସରକାର ସ୍ୱୀକାର ମଧ୍ୟ କରିଥିଲେ। ମାମଲା କୋର୍ଟରେ ପହଞ୍ଚିବା ପରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ରଦ୍ଦ କରାଯାଇଥିଲା। ଏବେ ପୁଣି ଆଉଥରେ ପରୀକ୍ଷା ହେଉଛି । ଏହି ନିଯୁକ୍ତି ସରିପାରୁ ନ ଥିବାରୁ ପିଲାମାନେ ପାଠ ପଢ଼ିପାରୁ ନାହାନ୍ତି କି ଛାଡ଼ି ମଧ୍ୟ ପାରୁ ନାହାନ୍ତି ଓ ମାନସିକ ଚାପରେ ପେଶି ହେଉଛନ୍ତି।

ଫରେଷ୍ଟର-ଫରେଷ୍ଟଗାର୍ଡ ପରୀକ୍ଷାରେ ମଧ୍ୟ ବ୍ୟାପକ ଅନିୟମିତତା ଓ ଚାକିରି ବିକ୍ରି ହୋଇଥିବା ପରି ଅଭିଯୋଗ ଆସିଥିଲା। ସରକାର ମଧ୍ୟ ପରୋକ୍ଷରେ ଏହାକୁ ସ୍ୱୀକାର କରିବା ସହ କିଛି ପରୀକ୍ଷାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି)ର ବ୍ୟାପକ ତ୍ରୁଟି ସାମ୍ନାକୁ ଆସିଲା। ଏହା ନିଯୁକ୍ତି ପ୍ରକ୍ରିୟାକୁ ମଧ୍ୟ ପ୍ରାୟ ୨ବର୍ଷ ବିତିଥିଲେ ମଧ୍ୟ ଆଶାୟୀମାନେ ନିଯୁକ୍ତି ପାଇପାରି ନାହାନ୍ତି। ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାରେ ମଧ୍ୟ ବିଭ୍ରାଟ ଦେଖାଦେଇଥିଲା। ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରିଚାଳିତ ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପାର୍ଟନ ହିଁ ଭୁଲ୍ ପକାଇଥିଲା। ଓଏସ୍‌ଏସ୍‌ସିର ଏତେ ବଡ଼ ତ୍ରୁଟି ପାଇଁ ଲକ୍ଷାଧିକ ପରୀକ୍ଷାର୍ଥୀ ହଇରାଣ ହେବା ସହ ବିପୁଳ ରାଜସ୍ୱ ହାନି ହୋଇଥିଲେ ମଧ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଏଲ୍‌ଟିଆର୍ ପରୀକ୍ଷା ପ୍ରଶ୍ନପତ୍ରରେ ମଧ୍ୟ ତ୍ରୁଟି ପାଇଁ ଏଯାଏଁ ନିଯୁକ୍ତି ପ୍ରକ୍ରିୟା ସରିପାରୁନାହିଁ। ଗୋଟିଏ ପରେ ଆଉ ଗୋଟିଏ ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଥିବାରୁ ଆଶାୟୀଙ୍କ ମଧ୍ୟରେ ନିରାଶା ଭାବ ଖେଳିଯାଉଛି। ଅସନ୍ତୋଷ ବଢ଼ିବା ସହ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର ନ କଲେ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଆଶାୟୀମାନେ ସାମାଜିକ ଗଣମାଧ୍ୟମ ଏକ୍ସରେ ସରକାରଙ୍କୁ ଚେତାବନୀ ଦେଉଛନ୍ତି।

## ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ଶତବାର୍ଷିକୀ ଉଦ୍‌ଯାପିତ

# ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠ ବିଦ୍ୟାଳୟ ନୁହେଁ, ଏକ ଆନ୍ଦୋଳନ

**କଟକ, ୭।୧୦(ସମିସ)**

ବାଙ୍କୀସ୍ଥିତ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ଶତବାର୍ଷିକୀ ପାଳନ ଉଦ୍‌ଯାପନ ସମାରୋହରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟରେ ଏକ ଅଡିଟୋରିଅମ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ଏକ କୋଟି ଟଙ୍କାର ଘୋଷଣା କରିଛନ୍ତି ଏବଂ ବିଦ୍ୟାଳୟର ସମସ୍ତ ଆନୁସଙ୍ଗିକ ନିର୍ମାଣ ପାଇଁ ଯାହା ପାଣ୍ଠି ଆବଶ୍ୟକ, ସେ ସବୁ ମଧ୍ୟ ଦିଆଯିବା ନିମନ୍ତେ ଘୋଷଣା କରିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ଏହି ଏକ ଶତାବ୍ଦୀର ଯାତ୍ରା କୌଣସି ସାଧାରଣ ସମୟ ସୀମା ନୁହେଁ, ବରଂ ଏକ ଆଲୋକମୟ ପରିଚୟ। ଏହା କେବଳ ଗୋଟିଏ ବିଦ୍ୟାଳୟ ନୁହେଁ, ବରଂ ଏକ ଆନ୍ଦୋଳନ, ଯାହା ବାଙ୍କୀ ଅଞ୍ଚଳର ସାଧାରଣ ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ ଆଗେଇ ନେଇଛି। ସ୍ୱାଭିମାନ ଓ ସ୍ୱଙ୍ଗ ସଚେତନତାର ପ୍ରେରଣା ଦେଇଛି। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ କଟକ ଜିଲ୍ଲାପାଳଙ୍କୁ ବାଙ୍କୀ ଏନଏସି ଅଞ୍ଚଳକୁ ମ୍ୟୁନିସିପାଲିଟି ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଯେଉଁ ସବୁ ଆବଶ୍ୟକତା ଅଛି, ସେ ସବୁର ଏକ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ,



- ଅଡିଟୋରିଅମ ନିର୍ମାଣ ପାଇଁ ଏକ କୋଟି ଟଙ୍କା ପ୍ରଦାନ
- ବିଦ୍ୟାଳୟ ଉନ୍ନତିକରଣରେ ସବୁ ଆବଶ୍ୟକ ପାଣ୍ଠି ଦିଆଯିବ: ମୁଖ୍ୟମନ୍ତ୍ରୀ

ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବାଙ୍କୀର ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ଶତବାର୍ଷିକୀ କମିଟିର ସଭାପତି, ଭବାନୀ ପ୍ରସାଦ ପଣ୍ଡିତ, ଶତବାର୍ଷିକୀ କମିଟିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କମିଟିର ସଂଯୋଜକ ନୀଳମୋହନ ତ୍ରିପାଠୀ ଓ ଶୁଭ୍ରାଂଶୁ ମୋହନ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ।

# ରୋଗପୋକ କବଳରେ ଖରିଫ ଧାନ ଫସଲ



**କଟକ, ୭।୧୦(ସମିସ):** ଜିଲ୍ଲାର ୪୦ ପ୍ରତିଶତ ଖରିଫ ଧାନ ଫସଲ ଏବେ ରୋଗପୋକ କବଳିତ। ବିଶେଷକରି ଏଥର ବର୍ଷା ଲାଗିରହିବା କାରଣରୁ ଅଧିକାଂଶ ଜମିରେ ହୋଇଥିବା ଧାନ ଫସଲକୁ ରୋଗପୋକ ଆକ୍ରମଣ କରିଥିବା ଦେଖିବାକୁ ମିଳିଛି। ଜିଲ୍ଲାର ୧୪ଟି ବ୍ଲକ ଅଧୀନରେ ଚଳିତ ଖରିଫ ଋତୁରେ ୧ଲକ୍ଷ୨୩ହଜାର ହେକ୍ଟର ଚାଷ ଜମିରେ ଖରିଫ ଧାନ ଚାଷ କରାଯାଇଛି। ତେବେ ଧାନ ଥୋଡ ମୁହାଁ ହେବା ପୂର୍ବରୁ କାଣ୍ଡ ବିନ୍ଧା, ମୂଳ ସଢ଼ା, ପତ୍ରପୋଡ଼ା ଆଦି ରୋଗ କବଳିତ ହୋଇଛି। ଧାନ ପତ୍ର ଗୁଡିକ ଲାଲ ରଙ୍ଗର ପାଚିଲା ଭଳି ଦେଖିବାକୁ ମିଳୁଛି। ଯଦିଓ ସାର ଓ କୀଟନାଶକ ପ୍ରୟୋଗ ପରେ ଏହା ସ୍ଥିତି ସୁଧୁରୁଛି; କିନ୍ତୁ ଏଥର ୟୁରିଆ ସାରର ଅଭାବ ପାଇଁ ଧାନ ଫସଲରେ ରୋଗପୋକ ଲାଗିଥିବା ଦେଖାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରାୟ ୫୦ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଧାନ କ୍ଷେତରେ ରୋଗପୋକ ଲାଗିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୃଷି ବିଭାଗ ଏହାକୁ କିନ୍ତୁ ହାଲୁକା ଭାବେ ଗ୍ରହଣ କରୁଛି। ରୋଗପୋକ ଦମନ ପାଇଁ କେଉଁ କୀଟନାଶକ ପ୍ରୟୋଗ କରାଯିବ ସେନେଇ ଚାଷୀ ଉପଯୁକ୍ତ ପରାମର୍ଶ ପାଉନାହାନ୍ତି। ସରକାରଙ୍କ ପକ୍ଷରୁ ଅଦ୍ୟାବଧି ପୋକ ଲାଗିଥିବା ଧାନ ଚାଷୀଙ୍କୁ ମାଗଣା ପୋକମରା ଔଷଧ ଦିଆଯାଇନାହିଁ।

# ଆତଙ୍କୀ ମାଙ୍କଡ଼କୁ କାବୁକଲା ବନବିଭାଗ

**ସାଲେପୁର, ୭।୧୦(ସମିସ):** କିଛି ଦିନ ହେବ ସଉରୀ ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦନ୍ତା ମାଙ୍କଡ଼କୁ ଶେଷରେ କାବୁ କରିବାରେ ସକ୍ଷମ ହୋଇଛି ବନବିଭାଗ। ଏହି ଦନ୍ତା ମାଙ୍କଡ଼କୁ ଟ୍ରାଙ୍କୁଲାଇଜର କରି କାବୁ କରାଯାଇଥିବା ଜଣାଯାଇଛି। ଏକ ଦନ୍ତା ମାଙ୍କଡ଼ କିଛି ଦିନ ହେବ ସାଲେପୁର ବ୍ଲକ ଅନ୍ତର୍ଗତ ସଉରୀ ପଞ୍ଚାୟତରେ ଆତଙ୍କ ଖେଳାଇଥିଲା। ଏହି ମାଙ୍କଡ଼ କାମୁଡ଼ାରେ ଏହି ଅଞ୍ଚଳର ଓମ୍‌ପ୍ରକାଶ ମହାନ୍ତି, ଶୁଭମ୍ ମହାନ୍ତି, ଦିଲ୍ଲୀପ ନାୟକ, ଅନନ୍ତ ସାମଲ ଆହତ ହୋଇଥିଲେ। ଏହି ମାଙ୍କଡ଼ ଭୟରେ ଲୋକେ ଘରୁ ପଦାକୁ ବାହାରିବାକୁ ଭୟ କରୁଥିଲେ। ମାଙ୍କଡ଼ଟି ଗ୍ରାମର ବିଭିନ୍ନ ସ୍ଥାନରେ ଥିବା ବଣବୁଦାରେ ଲୁଚି ରହୁଥିବାବେଳେ ଏକୁଟିଆ ଲୋକଙ୍କୁ ଦେଖି ଆକ୍ରମଣ କରିବା ସହ କାମୁଡ଼ି ରକ୍ତାକ୍ତ କରିଦେଉଥିଲା।



ଆଜି ବନ ବିଭାଗର କର୍ମଚାରୀମାନେ ସଉରୀ ଗ୍ରାମରେ ପହଞ୍ଚି ଏହି ଅଞ୍ଚଳରେ ଆତଙ୍କ ଖେଳାଇଥିବା ଦନ୍ତା ମାଙ୍କଡ଼କୁ ଟ୍ରାଙ୍କୁଲାଇଜର ଜରିଆରେ କାବୁ କରିଥିବା ଜଣାଯାଇଛି।

# ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

**ସାଲେପୁର, ୭।୧୦(ସମିସ):** ଶାରଦୀୟ ଭସାଣି ଉତ୍ସବ ଅବସରରେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ପୂଜା କମିଟି କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସଂଘର କାର୍ଯ୍ୟାଳୟ ନିକଟରେ ସଂଘର ସଭାପତି ସାମ୍ବାଦିକ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ହୃଷିକେଶ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ତହସିଲଦାର୍ ଜୟନ୍ତ କୁମାର ଜୟସିଂ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ନାରୀନେତ୍ରୀ ଗୀତା ଦାସ, ବିଶିଷ୍ଟ ଅତିଥି ଭାବେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ସମ୍ମାନୀତ ଅତିଥି ଭାବେ ସାଲେପୁର ଆଇଆଇସି ଅନୀତା ସାହୁ ଓ ମାହାଙ୍ଗା ଆଇଆଇସି ତପନ ରାଉତ, ସାଲେପୁର ବାର୍ ଆସୋସିଏସନ୍ ସଭାପତି ବିକ୍ରମ କେଶରୀ ବଳ ଯୋଗଦେଇ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଳାକେନ୍ଦ୍ରର କୁନି କୁନି କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ସାଲେପୁର ଆଞ୍ଚଳିକ ସମ୍ବାଦିକ ସଂଘର ସଭାପତି ଦୀପକ ଦାସ, ମହାସଚିବ ମନୋଜ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ସୁଧିର ଶତପଥୀ, ସାମ୍ବାଦିକ ହେମନ୍ତ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ଚିତ୍ତରଞ୍ଜନ ମୁଦୁଲି, କେଦାର ନାୟକ, ବିରଞ୍ଚି ନାରାୟଣ କର, ତାରାକାନ୍ତ ନାୟକ, ଅମୀୟ ବିଶ୍ୱାଳ, ସୁଜିତ୍ ଭୂୟାଁ, ପ୍ରଦିପ୍ତ କର, ଶିଶିର ଦାଶ, ଅନନ୍ତ ଚରଣ ଦାଶ, ଅଜୟ ମହାନ୍ତି, ସୟଦ ଅଲାମ ହୁସେନ୍, ଗୁଲରେଜ୍ ଅଲ୍ଲୀ, ପ୍ରତାପଚନ୍ଦ୍ର ଭୂୟାଁ, କମଳାକାନ୍ତ ଦାସ, ରଞ୍ଜନ ନାୟକ, ମହେଶ୍ୱର ବେହେରା, ଅଚ୍ୟୁତାନନ୍ଦ ପାତ୍ର, ପ୍ରିୟଦର୍ଶିନୀ ପ୍ରଧାନ, ଅକ୍ଷୟ ଦାଶଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।




# ଗୋ-ଚାଲାଣ ବେଳେ ଟ୍ରକ୍ ଜବତ; ୨ ଗିରଫ




**ଟାଙ୍ଗୀ, ୭।୧୦(ସମିସ):** ବେଆଇନ୍ ଗୋ'ଚାଲାଣ ଅଭିଯୋଗରେ କଟକ ଜିଲ୍ଲା ଟାଙ୍ଗୀ ପୁଲିସ ଏକ ଟ୍ରକ ଜବତ କରିବା ସହ ୮ଟି ଗୋରୁଙ୍କୁ ଦୟନୀୟ ଅବସ୍ଥାରେ ଉଦ୍ଧାର କରିଛି। ଉଦ୍ଧାର ଗୋରୁଙ୍କୁ ଛତିଆସ୍ଥିତ ଏକ ଗୋ'ଶାଳାରେ ଛଡ଼ା ଯାଇଥିବାବେଳେ ବେଆଇନ୍ କାରବାରରେ ଜଡ଼ିତ ୨ଜଣଙ୍କୁ ଗିରଫ ପୂର୍ବକ ଅଦାଲତ ଚାଲାଣ କରାଯାଇଥିବା ଆଇଆଇସି ଶିବପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟଙ୍କ ମଧ୍ୟରୁ ଜଣେ ଟ୍ରକ ଚାଳକ ତଥା କେନ୍ଦୁଝର ଟାଉନ ଥାନା ରଙ୍କି ଗ୍ରାମର ନିର୍ମଳ ମହାରଣା(୩୦) ଓ ଅନ୍ୟଜଣେ କଟକ ଜିଲ୍ଲା ନରସିଂହପୁର ଥାନା ସାଧୁଚରଣପୁର ଗ୍ରାମର ସରଦାର ମାନସିଂ(୨୬) ବୋଲି ଜାଣିବାକୁ ମିଳିଛି। ମିଳିଥିବା ତଥ୍ୟ ଅନୁଯାୟୀ ଏକ ମିନି ଟ୍ରକ ଯୋଗେ ଅନୁଗୁଳ ଜିଲ୍ଲା ବଆଁରପାଳରୁ ଜଗତପୁର ଥାନା ପଦ୍ମପୁର ଅଞ୍ଚଳକୁ ୮ଟି ଗୋରୁ ବେଆଇନ୍ ତଥା ଦୟନୀୟଅବସ୍ଥାରେ ଆସୁଥିବା ଘଟଣା ଏସ୍‌ଆଇ ହେମନ୍ତ କୁମାର ସାମଲଙ୍କ ନଜରକୁ ଆସିଥିଲା। ଟାଙ୍ଗୀ-କପିଳାସ ରାସ୍ତାରେ ଉକ୍ତ ଟ୍ରକ ଆସୁଥିବାବେଳେ ପେଟ୍ରୋଲିଂ ଡ୍ୟୁଟିରେ ଥିବା ଶ୍ରୀ ସାମଲ ଗାଡ଼ିଟିକୁ କାବୁ କରିବାକୁ ସକ୍ଷମ ହୋଇଥିଲେ।

# ଅଜଣା ଡ୍ରୋନ୍‌କୁ ନେଇ ଲୋକେ ଆତଙ୍କିତ

**ତ୍ରିଶୂଳିଆ, ୭।୧୦( ସମିସ):** ବାରଙ୍ଗ ଥାନା ଗୋଡିସାହି ପୁଲିସ ଫାଣ୍ଡି ଅଧୀନ ନରାଜ ମାର୍ଥାପୁର ରେଳ ଷ୍ଟେସନ ପାଖ ଗହିର ବିଲ ପାଖରେ ଆଜି ୧୧ଟା ୩୫ ମିନିଟିରେ ୩ଟି ଡ୍ରୋନ୍ ଉଡୁଥିବାର କିଛି ଲୋକ ଦେଖିଥିଲେ। ସେହିପରି ଭାବରେ ରାମଦାସପୁର ଗହିର ବିଲରେ ମଧ୍ୟ ୨ଟି ଡ୍ରୋନ୍ ଉଡୁଥିବା ଦେଖାଯାଇଥିଲା। ଏହାପରେ ଲଟା ବାସେଳୀ ଜଙ୍ଗଲରେ ଗୋଟିଏ ଡ୍ରୋନ ମଧ୍ୟ ଦେଖାଯାଇଥିଲା। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଥିଲେ। ନିକଟସ୍ଥ ସିଆଇଏସଏଫ ଓ ଏନଡିଆରଏଫ କ୍ୟାମ୍ପ ପାଇଁ କୌଣସି ଆତଙ୍କବାଦୀ ଏହି ଡ୍ରୋନ ଉଡାଉଥିବା ବୋଲି ଲୋକ ଆଶଙ୍କା କରିଛନ୍ତି। ଆଗରୁ ଏହିପରି ରାତି ସମୟରେ ଡ୍ରୋନ ବୁଲୁଥିବା ଦେଖି ଅଞ୍ଚଳବାସୀ ଆତଙ୍କିତ ହୋଇଥିଲେ। ଏହି ଡ୍ରୋନ୍ କିଏ କାହିଁକି ଉଡାଉଛି ତାକୁ ନେଇ ଅଞ୍ଚଳବାସୀ ନାନା ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଥିଲେ ଯେ ସେ ଏ ସମ୍ପର୍କରେ କିଛି ଜାଣି ନାହାନ୍ତି। ଥାନା କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇଥିବା କହିଛନ୍ତି।



# କଳାପାଟ ଆଇଟିଆଇରେ ସମାବର୍ତ୍ତନ ଉତ୍ସବ




**ତିଗିରିଆ, ୭।୧୦(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତ ସ୍ଥିତ ଗୋପୀନାଥପୁର ଶାସନ ଓ ବାଇପାସ ଛକ ମଧ୍ୟରେ ଅବସ୍ଥିତ କଳାପାଟ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଚଳିତ ଶିକ୍ଷାବର୍ଷର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା କଲ୍ୟାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ରାଜକିଶୋର ରାଉତ ଓ ଚନ୍ଦ୍ରଶେଖର ମିଶ୍ର, ମୁଖ୍ୟ ପରିଚାଳକ ମାନସ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପକ୍ଷରୁ ଗତ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଦ୍ୱିତୀୟ ବର୍ଷର ଛାତ୍ରଙ୍କୁ ସେମାନଙ୍କ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥିସହିତ ସମସ୍ତ ଶିକ୍ଷକଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ଛାତ୍ରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉତ୍ତୀର୍ଣ୍ଣ ଛାତ୍ରଙ୍କ ମଧ୍ୟରେ ବିକାଶ ସାହୁ, ମହାଦେବ ସାହୁ, କାଳନ୍ଦୀ ପୃଷ୍ଟି, ଜ୍ଞାନରଞ୍ଜନ ସାହୁ, ବିଭୁପ୍ରସାଦ ନାୟକ, ଗଙ୍ଗାଧର ଦତ୍ତ, ଶୁଭ୍ରକାନ୍ତ ସାହୁ, ଓଁ ପ୍ରକାଶ ପୃଷ୍ଟି, ସତ୍ୟବ୍ରତ ମଲ୍ଲିକ, ନିଲେଶ ମୁଦୁଲି, ଦିବାକର ସାହୁ, ଜିଲୁ ସାହୁ, ଶୁଭଙ୍କର ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଭସାଣି ଉତ୍ସବ ପାଇଁ ପୁଲିସର ନିଆରା ଉଦ୍ୟମ

**ସାଲେପୁର, ୭।୧୦(ସମିସ):** ସାଲେପୁର ଭସାଣି ଉତ୍ସବରେ ଗୀତ ବୋଲି ଉପସ୍ଥିତ ଦର୍ଶକଙ୍କ ମନ ମୋହିବା ସହ ଏକ ନିଆରା ଢ଼ଙ୍ଗରେ ନିଜର ପୁଲିସ ଅଧିକାରୀ ଦାୟିତ୍ୱ କରିଥିବା ଘଟଣା ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଗତକାଲି ସାଲେପୁର ଅଞ୍ଚଳରେ ଶାରଦୀୟ ଭସାଣି ଉତ୍ସବ ଅନୁଷ୍ଠିତ ହେଉଥିବାବେଳେ ଏହି ଭସାଣି କାର୍ଯ୍ୟକ୍ରମ କିଭଳି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେନେଇ ସାଲେପୁର ପୁଲିସ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ଏକ ନିଆରା ଢ଼ଙ୍ଗରେ ସାଲେପୁର ଥାନାର ଏଏସ୍‌ଆଇ ନୀଳମାଧବ ପଣ୍ଡା ଭସାଣିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ କରିବା ଉଦ୍ଦେଶ୍ୟରେ ନିଜର ସୁମଧୁର ସ୍ୱରରେ ସଙ୍ଗୀତ ପରିବେଷଣ କରି ପ୍ରଶଂସାର ପାତ୍ର ପାଲଟିଥିଲେ।



# ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ

**ଟାଙ୍ଗୀ, ୭।୧୦(ସମିସ):** ସୋମବାର ବିଳମ୍ବିତ ରାତିରେ ହୃଦଘାତ ଯୋଗୁଁ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ତଥା ବରିଷ୍ଠ କଂଗ୍ରେସ ନେତା ଭ୍ରମରବର ସ୍ୱାଇଁ ଓରଫ ବଲ୍ଲି ସାରଙ୍କ ୭୨ ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ସ୍ୱାଇଁଙ୍କ କନ୍ହେଇପୁରସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶେଷ କରି ବରିଷ୍ଠ ବିଜେପି ନେତା ଚୌଧୁରୀ ହେମନ୍ତ ସାହୁ, ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା, ସାମାଜିକ କର୍ମୀ ଅମୂଲ୍ୟ ବେଉରା, ବିଶ୍ୱନାଥ ସ୍ୱାଇଁ, ନାଟ୍ୟକାର ସୁବାସ ଚନ୍ଦ୍ର ସାହୁ, ଶାଳଗାଁ ପଞ୍ଚାୟତ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟ, ବିଜେଡି ନେତା ଧିରେନ୍ଦ୍ର ଜେଠୀ, ବରିଷ୍ଠ କଂଗ୍ରେସ ନେତା ସେକ୍ ହସିଦ, ଆଶୁତୋଷ ବରାଳ, ଅମୂଲ୍ୟ ସାହୁ ଓ ହଳଧର ଅଞ୍ଚଳ ପ୍ରମୁଖ ଶତାଧିକ ବ୍ୟକ୍ତି ଆୟୋଜିତ ଶୋଭାଯାତ୍ରାରେ ଭାଗ ନେଇଥିଲେ। କନ୍ହେଇପୁର ସମେତ ପଞ୍ଚାୟତ ମୁଖ୍ୟାଳୟ ଭଗତପୁର ପରିକ୍ରମା ପରେ ଗ୍ରାମସ୍ଥ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ନିହାର ରଞ୍ଜନ ସ୍ୱାଇଁ ମୁଖାଗ୍ନି ପ୍ରଦାନ କରିଥିଲେ।




## ୧୪୩ତମ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ

# କାଳଜୟୀ ସ୍ରଷ୍ଟା ଥିଲେ ଗଣକବି



**ମାହାଙ୍ଗା, ୭।୧୦(ସମିସ):** ଗଣହୃଦୟର କବି ଗଣକବି ବୈଷ୍ଣବ ପାଣିଙ୍କ ୧୪୩ ତମ ଜୟନ୍ତୀ କବିଙ୍କ ଜନ୍ମପୀଠ କଟକ ଜିଲ୍ଲା ମାହାଙ୍ଗା ବ୍ଲକ କୋଠପଦା ଠାରେ ପାଳିତ ହୋଇଯାଇଛି। କୁମୁଡ଼ା ଜୟପୁର ଫାଣ୍ଡି ଅଧୀନ ଭୋଳିଦାସପୁର ଛକ ଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ବିରାଟ ପଟୁଆରରେ ପ୍ରାୟ ୨ ହଜାର ବିଜେଡି କର୍ମୀଙ୍କ ସହ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନା ଓ ସଞ୍ଜୟ ଦାସବର୍ମା କବିଙ୍କ ଜନ୍ମପୀଠକୁ ଯାଇ କବିଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗଣକବି ଥିଲେ ଏକାଧାରରେ, ନାଟ୍ୟ ନିର୍ଦ୍ଦେଶକ, ଅଭିନେତା, ଲେଖକ ଭଳି ଅନେକ ପ୍ରତିଭାର ଅଧିକାରୀ ଯାହାକୁ କାଳଜୟୀ ସ୍ରଷ୍ଟା ବୋଲି କହିବା ସହ ତାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକିଶୋର ଜେନା, ଯୁବ ନେତା ଶରତ ମହାପାତ୍ର, ଜ୍ଞାନେନ୍ଦ୍ର ସାହୁ, ହୃଷିକେଶ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ରିଆଯୁଲ ହୋଦା, ପ୍ରୀତମ କାନୁନଗୋ, ସୁକାନ୍ତ ଦଳେଇ, ସରପଞ୍ଚ ରବୀନ୍ଦ୍ର ବାଗ, ଯୁବନେତା ପ୍ରକାଶ ମହାନ୍ତି, ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ସରପଞ୍ଚ ସାରଦା ପ୍ରସାଦ ମହାନ୍ତି, ସରପଞ୍ଚ ଚିନ୍ମୟ ସାମନ୍ତରାୟ, ସରପଞ୍ଚ ରାଜକିଶୋର ବଳ ୩୭ଟି ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ସଭ୍ୟାଙ୍କ ସମେତ ବ୍ଲକ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ଏମବିକେ, ସିଆରପି, ଇସି ମେମ୍ବରର ମହିଳା ଏବଂ ହଜାର ହଜାର ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ହୋ ଭାଷା ରେ ପ୍ରଥମ AI ଗବେଷଣାରେ ଐତିହାସିକ ସଫଳତା ସହିତ ବିକ୍ରମଙ୍କ ଡକ୍ଟରେଟ ଲାଭ



ସ୍କୁଲ ଅଫ୍ ଇଣ୍ଡିଜେନୋଉସ ନଲେଜ, ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜିର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଶ୍ରୀ ବିକ୍ରମ ବିରୁଲି କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ କମ୍ପ୍ୟୁଟର ବିଜ୍ଞାନ ବିଭାଗରେ Doctor of Philosophy (Ph. D) ଉପାଧି ପାଇବା ନିମିତ୍ତ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ କିସ୍ ବିଶ୍ୱବିଦ୍ୟାଳୟର ଡ଼.ଯଶୋବନ୍ତ ଦାସ ଓ କିଟ୍ ବିଶ୍ୱବିଦ୍ୟାଳୟର ଡ. ସତ୍ୟ ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀ ବିରୁଲିଙ୍କ ସନ୍ଦର୍ଭଟି " APPLICATION OF ARTIFICIAL INTELLIGENCE (AI) RECOGNITION FOR LANGUAGE MAINTENANCE IN HO LANGUAGE". ବିହାର ସ୍ଥିତ IIT PATNA ର କମ୍ପ୍ୟୁଟର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଭାଗର Profesor ଡ. ଶ୍ରିପର୍ଣା ସାହା ଏବଂ ଶାର୍ଜାହ UAE ସ୍ଥିତ ୟୁନିଭର୍ଶିଟୀ ସିଟି ଅଫ୍ ଶାର୍ଜାହ୍ ର ଡ. ମାନସ ରଂଜନ ପ୍ରଧାନ (School of Information Technology)ଙ୍କ ଦ୍ୱାରା ପରୀକ୍ଷିତ ଏବଂ ଉଚ୍ଚ ପ୍ରଶଂସିତ ହୋଇଅଛି । ଡ଼. ବିକ୍ରମ ବିରୁଲି ମୟୂରଭଞ୍ଜ ଜିଲ୍ଲା ମାଟକାମ ସାହି ଗ୍ରାମର ପୁରୁଷୋତ୍ତମ ବିରୁଲି ଏବଂ ବିରେଙ୍ଗ ଦେଇଙ୍କ ମଝିଆ ପୁତ୍ର ଅଟନ୍ତି । ସେ ତାଙ୍କ ଏହି ସମ୍ମାନ ଏବଂ ସଫଳତାର ଶ୍ରେୟ କିଟ୍ ଓ କିସ୍ ର ପ୍ରତିଷ୍ଠାତା ପ୍ର.(ଡ଼.) ଅଚ୍ୟୁତ ସାମନ୍ତ କୁ ଅର୍ପଣ କରିବା ସହିତ ନିଜ ପିତାମାତା , ସମସ୍ତ ପରିବାର ବର୍ଗ , ସମସ୍ତ ସହକର୍ମୀ ଏବଂ ଶୁଭେଚ୍ଛୁ ମାନଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛନ୍ତି ।

# ନେମାଳରେ ମହାନିତ୍ୟରାସ ପୂର୍ଣ୍ଣାହୁତି

**ନେମାଳ, ୭।୧୦(ସମିସ)**

ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠରେ ଆଜି ମହାନିତ୍ୟରାସର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀ ଶ୍ରୀ ଗୋପିନାଥଜୀୟୁ ଓ ଶ୍ରୀ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସେବା ପୂଜା କରାଯାଇଥିଲା। ଏହି ଅବସରରେ ରାସ ଅଧିବାସ, କଳସ ସ୍ଥାପନ, ଯନ୍ତ୍ରପୂଜା, ରାହାସ ପଠନ ଆଦି କରାଯାଇଥିଲା। ଉକ୍ତ ମହୋତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ଲୋକମତ ଅନୁସାରେ ମନର ତାନ୍ତ୍ରୀକ ଭୂମି ଉପରେ ମହାପୁରୁଷ ଅଚ୍ୟୁତାନନ୍ଦ ଏହି ନିତ୍ୟରାହାସ ପୋଥିଟି ଲେଖିଥିଲେ ବୋଲି ବାବା ସୁକାନ୍ତ ଦାସ ମହାରାଜ ରାସ ଉତ୍ସବ ଅବସରରେ ସୂଚନା ଦେଇଥିବା ବେଳେ ପ୍ରଭୁ ଅଚ୍ୟୁତାନନ୍ଦଙ୍କ ପାଦ ପଦ୍ମରେ ସମସ୍ତେ ଏକତ୍ର ହୋଇ ଦୁଃଖ ଦୁର୍ଦ୍ଦଶାରୁ ସମଗ୍ର ମାନବ ଜାତିକୁ ଉଦ୍ଧାର କରିବା ପାଇଁ ମହାପୁରୁଷଙ୍କ ନିକଟରେ ରାସ ଉତ୍ସବର ପୂର୍ଣ୍ଣାହୂତି କରି ସାରା ବିଶ୍ୱ ସମେତ ଭାରତ ବର୍ଷ ଓ ରାଜ୍ୟରେ ଶାନ୍ତି ସଦ୍‌ଭାବନା ବଜାୟ ରଖିବା ପାଇଁ ପ୍ରାର୍ଥନା କରିଛନ୍ତି।



### ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଉକ୍ତ ମହୋତ୍ସବରେ ଶତାଧିକ ରାହସ ଦଳ ଯୋଗଦେଇ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚିତ ରାହସ ପରିବେଷଣ କରିଥିଲେ। ମହୋତ୍ସବରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ଉପଜିଲ୍ଲାପାଳ ନିଶ୍ଚିନ୍ତକୋଇଲି ତହସିଲଦାର, ନେମାଳ ଥାନା ଆଇଆଇସି ସୁଶିଲ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପୁଲିସ କର୍ମଚାରୀମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ବରିଷ୍ଠ ସେବକ ଧରଣୀଧର ପୂଝାରୀଙ୍କ ତତ୍ତ୍ୱାବଧାନରେ ହରେକୃଷ୍ଣ ପୂଝାରୀ, ଅଧ୍ୟାପକ ଡ. ବିନୟ ଦାସ, ଅଜୟ ପୃଷ୍ଟି, ପଣ୍ଡିତ ଶତ୍ରୁଘ୍ନ ଦାସ, ପ୍ରସନ୍ନ ବେଉରିଆ, ପ୍ରସନ୍ନ ପ୍ରତିହାରୀ, ଅମରବଲ୍ଲଭ ଦାସ, ପ୍ରବଚକ ନାରାୟଣ ଓଝା, ସାମ୍ବାଦିକ କ୍ଷମାନିଧି ପୂଝାରୀ, ଗୋବିନ୍ଦ ଦାସ, ସୁବାସ ଦାସ, ପ୍ରଶାନ୍ତ ପାତ୍ର, କୁଳମଣି ଭଞ୍ଜ, ଅନାମ ବାରିକ, ବଣ୍ଟି ବୈଶାଖ, ସୁଧାକର ସାହୁ, ଶରତ ମଲ୍ଲିକଙ୍କ ସମେତ ବହୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରୀ ଶ୍ରୀ ଗୋପୀନାଥଜୀଉ ଓ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ଆନୁକୂଲ୍ୟରେ ଏହି ଉତ୍ସବ ପରିଚାଳିତ ହୋଇଥିଲା। ରାତ୍ର ୧୧.୩୦ମି ଗୋପୀ ବନ୍ଦାପନା ସହିତ ସମସ୍ତ ରାହାସ ମଣ୍ଡଳୀଙ୍କୁ ଫୁଲ ଚନ୍ଦନ ଦିଆଯାଇ ରାହାସ ଉଦ୍‌ଯାପିତ ହୋଇଥିଲା।





## ● ସ୍ୱାଭାବିକ ହେଉଛି ରୌପ୍ୟନଗରୀ

# ୩୬ ଘଣ୍ଟାର 'କର୍ଫ୍ୟୁ' ଯନ୍ତ୍ରଣା

"ଭାଇଚାରାର ସହରରେ ହିଂସା ରଚିଥିଲା ଭୟଙ୍କର ବିଭୀଷିକା। ସର୍ମ୍ପକରେ ପଡ଼ିଥିଲା ରକ୍ତ ଛିଟା। ଦରଘାବଜାର ଅଞ୍ଚଳ ପାଲଟିଥିଲା ରଣକ୍ଷେତ୍ର। କାମ ଦେଇ ନଥିଲା ଶାନ୍ତି କମିଟିର ଶାନ୍ତିର ବାର୍ତ୍ତା। ପୁଲିସ ବି ଥିଲା ନାଚାର। ଦୁର୍ଗା'ମା'ଙ୍କ ଭସାଣିରେ ପ୍ରଥମେ ଗଣ୍ଡଗୋଳ ଏବଂ ତା'ପରେ କଟକ ବନ୍ଦକୁ ସଫଳ କରିବା ପାଇଁ ହୋଇଥିବା ଶୋଭାଯାତ୍ରାରେ ପୁଲିସ ଓ ଶୋଭାଯାତ୍ରାକାରୀଙ୍କ ମଧ୍ୟରେ ହୋଇଥିଲା ଧସ୍ତାଧସ୍ତି। ଡିସିପିଙ୍କ ମୁହଁ ଫାଟିଥିଲା। ୨୫ରୁ ଅଧିକ ପୁଲିସ ହୋଇଥିଲେ ଗୁରୁତର। ଏହି ଘଟଣାରେ ୯ ଜଣ ହୋଇଥିଲେ ଗିରଫ। ଏହାପରେ ଘୋଷଣା ହୋଇଥିଲା କର୍ଫ୍ୟୁ...ଇଣ୍ଟରନେଟ୍ ସେବାକୁ ବନ୍ଦ। ମଙ୍ଗଳବାର ୩୬ଘଣ୍ଟାର କର୍ଫ୍ୟୁରେ ପଡ଼ିଛି ପୂର୍ଣ୍ଣଚ୍ଛେଦ.. କଟକିଆ ଘରୁ ପଦାକୁ ବାହାରିଛନ୍ତି; ତଥାପି ସେମାନଙ୍କ ମନରୁ ଯାଇନି ଆତଙ୍କ, ଭୟ ଓ ଡର..."




କଟକ,୭ ।୧୦(ସମିସ): ଇତିହାସକୁ ଦେଖିଲେ, ୧୯୯୦-୯୧ ମସିହାର କାଳୀ ପୂଜା ସମୟରେ ଦରଘାବଜାର ଅଞ୍ଚଳରେ ମେଢ଼ ଶୋଭାଯାତ୍ରାରେ ବିଶୃଙ୍ଖଳାକୁ ନେଇ ରୌପ୍ୟନଗରୀରେ କର୍ଫ୍ୟୁ ଘୋଷଣା କରାଯାଇଥିଲା। ୧୯୯୧-୯୨ ମସିହାରେ ମଣ୍ଡଳ କମିଶନ ରିପୋର୍ଟକୁ ନେଇ ସହରରେ ନିଆଁ ଜଳିଥିଲା। ଏହା ପରେ ସହରରେ କର୍ଫ୍ୟୁ ଘୋଷଣା ହୋଇଥିଲା। ଦୀର୍ଘ ୩୩ବର୍ଷ ପରେ ପୁଣି ଥରେ କଟକବାସୀ ଗତ ରବିବାର ସନ୍ଧ୍ୟାରେ କର୍ଫ୍ୟୁକୁ ସାମ୍ନା କରିଥିଲେ। ସହରରେ କର୍ଫ୍ୟୁକୁ ସିଆରପିଏଫ୍, ବିଏସଏଫ୍ ଏବଂ ରାପିଡ୍ ଆକ୍ସନ୍ ଫୋର୍ସ ମିଳିତ ଭାବେ ପରିଚାଳନା କରିଥିଲେ। ଓଡ଼ିଶା ପୁଲିସ ଓ କମିଶନରେଟ୍ ପୁଲିସ ଯଦିଓ ଆଇନ ଶୃଙ୍ଖଳାର ମଙ୍ଗ ଧରିଥିଲେ, ତଥାପି ସିଆରପିଏଫ୍ ଓ ବିଏସଏଫ୍ ଯବାନଙ୍କୁ ଦେଖି ଛତ୍ରଭଙ୍ଗ ଦେଇଥିଲେ ବିଶୃଙ୍ଖଳାକାରୀ। ୩୬ଘଣ୍ଟା ପରେ ଆଜି ସହରରୁ କର୍ଫ୍ୟୁକୁ ହଟାଇ ଦିଆଯାଇଛି ସତ କିନ୍ତୁ ସହରବାସୀଙ୍କ ମନରୁ ଏଯାଏଁ ଆତଙ୍କ, ଭୟ ଓ ଡର ଛାଡ଼ି ନାହିଁ। ଆଗକୁ ଆସୁଛି କାଳୀପୂଜା। ଯଦି ପୁଲିସ ଏହାକୁ ଠିକ୍ ଭାବେ ପରିଚାଳନା ନକରେ ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି ଚର୍ଚ୍ଚା ଜୋର ଧରିଛି।

ଗୋଟିଏ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ସହିତ ଗୋଟିଏ ପ୍ଲାଟୁନ୍ ମହିଳା ସୁରକ୍ଷାକର୍ମୀ ଏବଂ ୨କମ୍ପାନୀ ସିଆରପିଏଫ୍, ବିଏସଏଫ୍ ଯବାନ ସହରକୁ ଜଗି ରହିଥିଲେ। ଏଥି ସହିତ ୬୦ପ୍ଲାଟୁନ୍ ଫୋର୍ସ କର୍ଫ୍ୟୁ ଘୋଷଣା କରାଯାଇଥିବା ୧୩ଟି ଥାନା ଅଞ୍ଚଳରେ ତୀକ୍ଷ୍ଣନଜର ରଖିଥିଲେ। ୨୫୦ ସ୍ୱତନ୍ତ୍ର ବନ୍ଧୁକଧାରୀ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ରିଜର୍ଭ ଅଫିସ କର୍ମଚାରୀଙ୍କ ସମେତ କଟକ ଯୁପିଡ଼ିର ସମସ୍ତ ଥାନା ପୁଲିସ, ସପ୍ତମ ବାଟାଲିୟନ ସିପାହୀ, ସ୍ପେଶିଆଲ୍ ଟାକ୍ଟିକାଲ ୟୁନିଟ୍ ସହିତ ୮୦୦ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିଥିଲେ। ଡିଜିପି ୱାଇବି ଖୁରାନିଆ, ଆଇଜି ପ୍ରବୀଣ କୁମାର, ଡିଆଇଜି ଯୁଗଳକିଶୋର ବୋନଥ୍, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ସିପି ମୁଖ୍ୟାଳୟର ଡିସିପି ପ୍ରକାଶ ପାଲ୍ ଏବଂ ଅନୁପ୍ କାନୁନଗୋ ଏବଂ ଏସ୍‌ପି ଦେବଦତ୍ତ କରଙ୍କ ତତ୍ତ୍ୱାବଧାନରେ ତମାମ କର୍ଫ୍ୟୁ ବ୍ୟବସ୍ଥା ପରିଚାଳନା କରାଯାଇଥିଲା। ଅତିରିକ୍ତ କମିଶନର ନରସିଂହ ଭୋଳ ଓ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂ ଅପରେସନ୍‌କୁ ମନିଟରିଂ କରୁଥିଲେ। କଟକ ଅଗ୍ନିଶମ କେନ୍ଦ୍ରର ୫ଟି ଦମକଳ ଗାଡ଼ି ଏଥିରେ ନିୟୋଜିତ କରାଯାଇଥିଲା। ବଜ୍ର ତଥା ଦଙ୍ଗା ନିରୋଧ ଗାଡିକୁ ମହଜୁଦ୍ ରଖାଯାଇଥିଲା। ଶେଷରେ ଶାନ୍ତିପୂର୍ଣ୍ଣ ଭାବେ କର୍ଫ୍ୟୁର ଅବଧି ଶେଷ ହୋଇଛି। ଏହି ୩୬ଘଣ୍ଟାର କର୍ଫ୍ୟୁ ପୁଲିସ ପାଇଁ ଯେତିକି ଚ୍ୟାଲେଞ୍ଜ୍ ଥିଲା ତା'ଠୁ ଅଧିକ ଚ୍ୟାଲେଞ୍ଜ୍ ସାଧାରଣ ସହରବାସୀ ସାମ୍ନା କରିଥିଲେ। ଇଣ୍ଟରନେଟ୍ ବନ୍ଦ ପ୍ରଭାବରେ ବ୍ୟାଙ୍କ୍ ସେବା ଠାରୁ ଆରମ୍ଭ କରି ଦୈନ୍ୟଦିନ କିଣାବିକା ପ୍ରଭାବିତ ହେଇଥିଲା। ମାଲଗୋଦାମ, ଛତ୍ରବଜାର, କୃଷକ ବଜାର ଠାରୁ ଆରମ୍ଭ ଦୈନିଦିନ କିଣାବିକା ମାର୍କେଟ୍ ବନ୍ଦ ରହିଥିଲା। ଘର ବାହାରକୁ ବାହାରି ହୋଇନଥିଲା। ଯାତାୟତ ଏବଂ ବସ୍ ଚଳାଚଳ ପ୍ରଭାବିତ ହେବା ସହ ପରିବହନ ବ୍ୟବସ୍ଥା ହୋଇପଡ଼ିଥିଲା। ଇଣ୍ଟରନେଟ୍ ଅଚଳ ଯୋଗୁଁ ଉଭୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ କୌଣସି ପ୍ରକାର କାର୍ଯ୍ୟ ହୋଇନଥିଲା। ଶେଷରେ ଏସବୁ ସମସ୍ୟାର ପରିସମାପ୍ତି ଘଟିଛି।

- ସୁରକ୍ଷା ଦାୟିତ୍ୱରେ ଥିଲେ ୬୦ ପ୍ଲାଟୁନ୍ ଫୋର୍ସ
- 'ବଜ୍ର ତଥା ଦଙ୍ଗା ନିରୋଧ ଗାଡ଼ି' ଉପରେ ପୁଲିସର ରହିଥିଲା ଭରସା
- ୨୫୦ ସ୍ୱତନ୍ତ୍ର ବନ୍ଧୁକଧାରୀଙ୍କ କାନ୍ଧରେ ରହିଥିଲା କର୍ଫ୍ୟୁ ତଦାରଖର ଦାୟିତ୍ୱ



## ଆହାର କେନ୍ଦ୍ର ପରିଦର୍ଶନ କଲେ ମେୟର



କଟକ,୭।୧୦(ସମିସ): ଭାଇଚାରା ସହର କଟକରେ ପୁଲିସ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ୩୬ ଘଣ୍ଟିଆ କର୍ଫ୍ୟୁ ଦ୍ୱାରା କଟକ ସହରକୁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀ କଟକ ନେତାଜୀ ବସ ଟର୍ମିନାଲରେ ଫସି ରହିଥିଲେ। କଟକ ସହରର ସମସ୍ତ ଦୋକାନ ବଜାର ବନ୍ଦ ଥିବା ଯୋଗୁଁ ବହୁ ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଖବର କଟକ ମେୟର ଶ୍ରୀ ସିଂହ ଜାଣିବା ପରେ ନେତାଜୀ ବସ ଟର୍ମିନାଲ ଓ ବଡ ଡାକ୍ତରଖାନାରେ ଥିବା ଆହର କେନ୍ଦ୍ରରେ ପହଞ୍ଚି ଖାଦ୍ୟର ପରିମାଣ ଯାଞ୍ଚ କରିଥିଲେ। ମେୟର ଶ୍ରୀ ସିଂହ ପ୍ରୟାସ ଓ ଚେଷ୍ଟା ପରେ ଫସି ରହିଥିବା ଯାତ୍ରୀଙ୍କୁ ପେଟପୂରା ଖାଦ୍ୟ ପାଇ ପାରିଥିଲେ। ଉପସ୍ଥିତ ଅଧିକାରୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ମହଜୁଦ ରଖିବା ପାଇ ମେୟର ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମେୟର ଶ୍ରୀ ସିଂହଙ୍କ ସହ ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ■ ହାଇକୋର୍ଟଙ୍କ ଜାମିନ ସର୍ତ୍ତ

## ଚାରାରୋପଣ କରି ୨ ବର୍ଷ ରକ୍ଷଣାବେକ୍ଷଣ କରିବ ଅଭିଯୁକ୍ତ

କଟକ,୭ ।୧୦(ସମିସ): ଏକ ନିଆରା ସର୍ତ୍ତ ରଖି ଜଣେ ଅଭିଯୁକ୍ତକୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଆବେଦନକାରୀ ଜଣକ ଜାମିନରେ ମୁକୁଳିବା ପରେ ନିଜ ଅଞ୍ଚଳରେ ଥିବା ସରକାରୀ ଜାଗା ଅଥବା ନିଜର କିମ୍ବା ସମ୍ପର୍କୀୟଙ୍କ ଅନ୍ୟ କୋ÷ଣସି ଖୋଲା ଜାଗାରେ ୧୦୦ଟି ଆମ୍ବ,ଲିମ୍ବ ଓ ତେନ୍ତୁଳି ଚାରା ଲଗାଇବେ। ଏହି ଚାରାଗୁଡିକର ରକ୍ଷଣାବେକ୍ଷଣ ମଧ୍ୟ ଦୁଇ ବର୍ଷ ପାଇଁ କରିବା ସହ ଥାନାରେ ସତ୍ୟପାଠ ଦେବେ ବୋଲି ସର୍ତ୍ତାରୋପ କରିଛନ୍ତି ହାଇକୋର୍ଟ। ପଟ୍ଟାଙ୍ଗି ଥାନାରେ ରୁଜୁ ଚୋରା ଗଞ୍ଜେଇ ଚାଲାଣ ମାମଲାରେ ବାବୁଲି ବାଟୁଙ୍କ ପକ୍ଷରୁ ଦାୟର ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ସମ୍ପୃକ୍ତ ଥାନା ଅଧିକାରୀ ଓ ସମ୍ପୃକ୍ତ ଡିଏଫଓ ଏହି ଚାରାରୋପଣ କାର୍ଯ୍ୟକୁ ତଦାରଖ କରିବେ। ଚାରା ରୋପଣ କରାଯାଇଛି କି ନାହିଁ ତାହାକୁ ଥାନା ଅଧିକାରୀ ତଦାରଖ କରି ସୁନିଶ୍ଚିତ କରାଇବେ। ଆବେଦନକାରୀଙ୍କୁ ଉପରୋକ୍ତ ଚାରା ଯୋଗାଇବା ପାଇଁ ଡିଏଫଓ ପଦକ୍ଷେପ ନେବେ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ସେହିଭଳି ଆବେଦନକାରୀ ଅଭିଯୁକ୍ତ ମଧ୍ୟ ପ୍ରତି ସୋମବାର ଦିନ ୧୦ଟାରୁ ୧ଟା ମଧ୍ୟରେ ସମ୍ପୃକ୍ତ ଥାନାରେ ହାଜର ହେବେ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୨୫ସେପ୍ଟେମ୍ବର୧୫ରେ ଆବେଦନକାରୀଙ୍କୁ ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ଗିରଫ କରିଥିଲା କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ଥାନା ପୁଲିସ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ବିଭିନ୍ନ ଓକିଲ ସଂଘର ନିନ୍ଦା

କଟକ,୭। ୧୦(ସମିସ): ବ୍ରହ୍ମପୁରର ବିଶିଷ୍ଟ ସମାଜସେବୀ ଆଇନଜୀବୀ ତଥା ରାଜ୍ୟ ବାର କାଉନସିଲର ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳି କରି ଦୁର୍ବୃତ୍ତମାନେ ହତ୍ୟା କରିବା ଘଟଣାର ତୀବ୍ର ନିନ୍ଦା କରିଛନ୍ତି ରାଜ୍ୟର ବିଭିନ୍ନ ଓକିଲ ସଂଘ। ରାଜ୍ୟ ବାର କାଉନସିଲର ଆହ୍ୱାନ କ୍ରମେ ଆସନ୍ତାକାଲି ରାଜ୍ୟବ୍ୟାପୀ କଲମଛାଡ ବା ପେନଡାଉନ ପ୍ରତିବାଦକୁ ସଫଳ କରିବା ପାଇଁ ହାଇକୋର୍ଟ ବାର ପକ୍ଷରୁ ଏକ ଶୋଭାଯାତ୍ରା ଆସନ୍ତାକାଲି ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ଏହି ହତ୍ୟା ଘଟଣାକୁ ରାଜ୍ୟ ପ୍ରଗତିଶୀଳ ଆଇନଜୀବୀ ସଂଘର ସଭାପତି କ୍ଷୀରୋଦ ରାଉତ ଓ ସାଧାରଣ ସମ୍ପାଦକ ବିଭୂପ୍ରସାଦ ତ୍ରିପାଠୀ, ନିଖିଳ ଓଡିଶା ଆଇନଜୀବୀ ସଂଘର ସଭାପତି ଶିଶିର ପାଢୀ ଓ ସାଧାରଣ ସମ୍ପାଦକ ପ୍ରସନ୍ନ ନନ୍ଦ ନିନ୍ଦା କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରିବା, ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ ସହ ଆଇନଜୀବୀ ସୁରକ୍ଷା ଆଇନ ବିଧାନସଭାରେ ପାରିତ ପାଇଁ ଦାବି କରିଛନ୍ତି।

### ସାମାଜିକ କର୍ମୀଙ୍କ ସହଯୋଗ

## କର୍ଫ୍ୟୁ ସମୟରେ ଲୋକଙ୍କୁ ଖାଦ୍ୟ ବଣ୍ଟନ

କଟକ,୭।୧୦(ସମିସ): କର୍ଫ୍ୟୁ ସମୟରେ ବଡ ମେଡିକାଲ ଏବଂ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନରେ ରୋଗୀ ସମ୍ପର୍କୀୟ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଆହାର କେନ୍ଦ୍ର ଏବଂ ସ୍ଥାନୀୟ ଅଞ୍ଚଳର ହୋଟେଲ ବନ୍ଦ ଥିବା ହେତୁ ଖାଦ୍ୟପେୟରେ ଅସୁବିଧା ହୋଇଥିଲା। ଜଣାଶୁଣା ସାମାଜିକ କର୍ମୀ ଅଭିମନ୍ୟୁ ଦାସଙ୍କ ସହଯୋଗରେ ଦୁଇ ଦିନ ଧରି ଏହି ଉପରୋକ୍ତ ଦୁଇ ହସ୍ପିଟାଲରେ ହଜାରହଜାର ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ସୋମବାର ଦିନ ସମୟରେ ପ୍ରାୟ ୧ହଜାର ଲୋକଙ୍କ ନିମନ୍ତେ ପାଉଁରୁଟି, କଦଳୀ ଦିଆଯାଇଥିବା ବେଳେ ରାତି ସମୟରେ ରୁଟି, ଡାଲମା, ଗୁଡ ବଣ୍ଟନ ହୋଇଥିଲା। ସେହିପରି ଆଜି ପୂର୍ବାହ୍ନରେ ପ୍ରାୟ ୩ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଅଶୋକ ବେହେରା, ଅରକ୍ଷିତ ସାହୁ, ରବୀନ୍ଦ୍ର ଗୁପ୍ତା, ଦେବେନ୍ଦ୍ର ସାହୁଙ୍କ ସମେତ ମେଡିକାଲ ଫାଣ୍ଡି ଅଧିକାରୀ ମାନେଶ୍ୱର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ବଡ଼ ମେଡିକାଲରେ ବଢୁଛି ଚୋରି

## ଚକ୍ଷୁ ଓପିଡି ସମ୍ମୁଖରୁ ଝାମ୍ପିନେଲେ ମୋବାଇଲ

କଟକ,୭।୧୦(ସମିସ): ଏସ୍‌ସିବି ମେଡିକାଲରେ ଚୋରି ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। କିଛି ଦିନ ପୂର୍ବେ ଚକ୍ଷୁ ବିଭାଗ ଓପିଡି ସମ୍ମୁଖରୁ ଜଣେ ଯୁବତୀଙ୍କ ମୋବାଇଲ ଫୋନ୍ ଚୋରି ହୋଇଥିବା ନେଇ ମେଡିକାଲ ଫାଣ୍ଡିରେ ଅଭିଯୋଗ ହୋଇଛି। ତେବେ ଏତଲା ହୋଇଥିଲେ ସୁଦ୍ଧା ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏପରିକି ସିସି କ୍ୟାମେରା ଫୁଟେଜ ଯାଞ୍ଚ କରୁନାହିଁ ବୋଲି ସମ୍ପୃକ୍ତ ଯୁବତୀଜଣକ ଅଭିଯୋଗ କରିଛନ୍ତି। ଏ ବାବଦରେ ପଦକ୍ଷେପ ନେବାକୁ ଯୁବତୀ ଜଣକ କଟକ ଡିସିପିଙ୍କୁ ନିବେଦନ କରିଛନ୍ତି।

ଗତ କିଛି ମାସ ଭିତରେ ମେଡିକାଲ ପରିସରରୁ ମୋବାଇଲ, ବାଇକ୍, ସୁନା ଚେନ ଆଦିର ଚୋରି ତାଲିକା ଶହେ ଟପି ସାରିଲାଣି। ତଥାପି ପୁଲିସ ହାତ ଖାଲି। କେବଳ ମାମଲା ରୁଜୁ ହେଉଛି। କୌଣସି ଚୋରି ଘଟଣାରେ ପୁଲିସ ଅଭିଯୁକ୍ତ ପାଖରେ ପହଞ୍ଚି ପାରୁନାହିଁ। ଏପରିକି ଚୋରି ସାମଗ୍ରୀ ମଧ୍ୟ ଜବତ ହୋଇପାରୁନି। ରାଜ୍ୟର ସର୍ବବୃହତ୍ତ ସରକାରୀ ହସ୍ପିଟାଲକୁ ଦୂରଦୁରାନ୍ତରୁ ଆସୁଥିବା ରୋଗୀମାନେ ଚୋରିର ଶିକାର ହେଉଥିଲେ ସୁଦ୍ଧା ମେଡିକାଲ କର୍ତ୍ତୃପକ୍ଷ କିମ୍ବା ପୁଲିସ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଗତ ୨୯ ତାରିଖରେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ବ୍ରାହ୍ମଣବସ୍ତ ଗ୍ରାମର ରୀତା ନାୟକ ନିଜ ମାଈଙ୍କୁ ଧରି ବଡ ମେଡିକାଲ ଆସିଥିଲେ। ରୀତାଙ୍କ ଅଭିଯୋଗ ଅନୁସାରେ ମାଈଙ୍କ ଚକ୍ଷୁ ସମସ୍ୟା ରହିଛି। ଏଣୁ ସେ ଓପିଡିରେ ଟିକଟ କରି ମାଈଙ୍କୁ ଧରି ଧାଡିରେ ଛିଡ଼ା ହୋଇଥିଲେ। ତାଙ୍କ ଭାନିଟି ବ୍ୟାଗ୍‌ରେ ମୋବାଇଲ ଫୋନ୍ ରଖିଥିଲେ। ଦିନ ପ୍ରାୟ ୧୧.୩୦ରେ ଶେଷଥର ମୋବାଇଲରେ କଥା ହୋଇଥିଲେ। କିଛି ସମୟ ପରେ ଭାନିଟି ବ୍ୟାଗରେ ମୋବାଇଲ ଖୋଜିଥିଲେ ମଧ୍ୟ ଆଉ ମିଳି ନଥିଲା। ଆଉଟଡୋରରେ ଚୋରଙ୍କ ସକ୍ରିୟତା ବଢ଼ି ଚାଲିଛି। ସୁଯୋଗ ଦେଖି ବିଭିନ୍ନ ସମୟରେ ସେମାନେ ରୋଗୀ ଓ ରୋଗୀ ସମ୍ପର୍କୀୟଙ୍କଠାରୁ ଚୋରି କରୁଛନ୍ତି। ତେବେ ଏ ନେଇ ସେ ଫାଣ୍ଡିରେ ଏତଲା ଦେବା ସହ ସିସି କ୍ୟାମେରା ଯାଞ୍ଚ କରି ତନାଘନା କରିବାକୁ ନିବେଦନ କରିଥିଲେ ସୁଦ୍ଧା ପୁଲିସ କୌଣସି ପଦକ୍ଷେପ ନେଉନାହିଁ ବୋଲି ରୀତା ଅଭିଯୋଗରେ ଜଣାଇଛନ୍ତି।

ପ୍ରକାଶଯୋଗ୍ୟ, ବଡ ମେଡିକାଲକୁ ଚୋର ଓ ଲୁଟେରାମାନେ ଟାର୍ଗେଟ କରିଥିବା କୁହାଯାଇପାରେ। ଲଗାତର ଭାବେ ମେଡିକାଲରୁ ଚୋରି ହେବାରେ ଲାଗିଛି। କେବଳ ଆଉଟଡୋର ନୁହେଁ, ବିଭିନ୍ନ ୱାର୍ଡ ପରିସରରୁ ମଧ୍ୟ ଚୋରି ଅଭିଯୋଗ ହେଉଛି। ଗତ ସପ୍ତାହରେ ଭେଷଜ ବିଭାଗରୁ ଜଣେ ରୋଗୀଙ୍କ ମୋବାଇଲ ମଧ୍ୟ ଗାଏବ ହୋଇ ଯାଇଥିଲା।


- ସିସି କ୍ୟାମେରା କରାଯାଉନି ଯାଞ୍ଚ
- ସନ୍ଦେହରେ ପୁଲିସର ଭୂମିକା

## ଜାତୀୟ କର୍ତ୍ତବ୍ୟ ଦିବସ ପାଳନ




କଟକ,୭।୧୦(ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭଏସ ଫର ଭଏସଲେସ ତରଫରୁ ଟାଉନ୍ ହଲଠାରେ ଗାନ୍ଧୀ ଜୟନ୍ତୀ ଅବସରରେ ଜାତୀୟ କର୍ତ୍ତବ୍ୟ ଦିବସ ପାଳନ ହୋଇଯାଇଛି। ପ୍ରାରମ୍ଭରେ ଡ. ଦୀପକ କୁମାର ଦାଶ ସ୍ୱାଗତ ଭାଷଣ ଦେଇ, ସମ୍ପୂର୍ଣ୍ଣ ସତ୍ୟ ଓ ଅହିଂସା ମାଧ୍ୟମରେ ଗାନ୍ଧୀଙ୍କ ଆଦର୍ଶକୁ ଅବଲମ୍ବନ କରି ରାଷ୍ଟ୍ରପ୍ରତି କର୍ତ୍ତବ୍ୟ ପାଳନ କରିବା ପାଇଁ, ଏହି ଦିବସର ଲକ୍ଷ୍ୟ ବୋଲି ବୁଝାଇଥିଲେ। ଏହି ସଭାରେ ଡକ୍ଟର ବିଶ୍ୱଜିତ ସୂର୍ଯ୍ୟବଂଶୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ନ୍ୟାୟମୂର୍ତ୍ତି ରତିକାନ୍ତ ମହାପାତ୍ର, ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ନାରାୟଣ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଡ. ଦ୍ୱୀପାୟନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଡ. ବିଶ୍ୱମୋହନ ଜେନା ଯୋଗଦେଇ ଗାନ୍ଧୀ ଦର୍ଶନ ବିଷୟରେ ଆଲୋକପାତ କରିଥିଲେ। ଏହି ସଭାରେ ଭଏସ ଫର ଭଏସଲେସର ୨୦୨୪ ମସିହାର ରିପୋର୍ଟ ଉନ୍ମୋଚନ ହୋଇଥିଲା। ସନ୍ତୋଷ କୁମାର ପାଲ ଅତିଥି ପରିଚୟ ଦେଇଥିଲେ ଓ ଡ. ଓଁକାର ରାଉତ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତାପାଠ କରିଥିଲେ। ମୈତ୍ରୀ ଭୂଷଣ ଖୁଣ୍ଟିଆ, ଡ. ଆଦିତ୍ୟ ପ୍ରତାପ ଧଳ ଓ ଅଶ୍ୱିନୀ ସେଠୀ କବିତା ପାଠୋତ୍ସବକୁ ସଞ୍ଚାଳନ କରିଥିଲେ। ରାଜୀବ ଷଡଙ୍ଗୀ, ମୀରା ବେଉରା, ରାକେଶ ଶତପଥି, ଅବିନାଶ ନାୟକ, ରାଜେନ୍ଦ୍ର ବାରିକ, ଅବିନାଶ ଦାଶ, ପ୍ରୀତିଶ ନାୟକ, ଦେବେଶ ରଞ୍ଜନ ଚଇନି, ଜୀତେନ ଦାଶ ଓ ବିଭୁଦତ୍ତ ଖଣ୍ଡାୟତରାୟ ପ୍ରମୁଖ ଯୋଗ ଦେଇଥିଲେ।

# ସମ୍ପାଦକୀୟ



କ୍ଷଣିକ ନିରାପତ୍ତା ପାଇଁ ଯେଉଁମାନେ ବ୍ୟକ୍ତି ସ୍ୱାଧୀନତାକୁ ଉତ୍ସର୍ଗ କରନ୍ତି, ସେମାନେ ସ୍ୱାଧୀନତା ଓ ନିରାପତ୍ତା ମଧ୍ୟରୁ କୌଣସିଟିକୁ ନ୍ୟାୟ ଦେଇପାରନ୍ତି ନାହିଁ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ
THE SAKALA

## ପ୍ରସ୍ତୁତି ଓ ପ୍ରଘଟ

ସମଗ୍ର ଦେଶରେ ଦିନକୁ ଦିନ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଯୁବବର୍ଗଙ୍କ ମଧ୍ୟରେ ମୁଣ୍ଡ ଟେକିଥିବା ଅସନ୍ତୋଷ ବିସ୍ଫୋରଣର ରୂପ ନେବାକୁ ଯାଉଛି। ତେଣିକି ତାହା ଜେନ-ଜେଡ୍ ହେଉ କି ଆଉ କିଛି। ଅପରପକ୍ଷରେ ନିଯୁକ୍ତିକୁ ନେଇ ନାନା ସମସ୍ୟା ମୁଣ୍ଡ ଟେକିଛି। ବିଭିନ୍ନ ସମୟରେ ନିଯୁକ୍ତି ପରୀକ୍ଷା ପାଇଁ ସରକାର ବିଜ୍ଞପ୍ତି ଜାରି କରୁଛନ୍ତି। କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ କିମ୍ବା ଅନ୍ୟାନ୍ୟ ଦୁର୍ନୀତି ସକାଶେ ସେସବୁ ସ୍ଥଗିତ ରହୁଛି। ଶେଷ ମୁହୂର୍ତ୍ତରେ ପରୀକ୍ଷା ବାତିଲ୍ ଏବଂ ବାରମ୍ବାର ପରୀକ୍ଷା ଘୁଞ୍ଚୁଥିବାରୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି ହେଉଛି। ନିକଟରେ ଉତ୍ତରାଖଣ୍ଡର ଯୁବବର୍ଗ ସରକାରଙ୍କ ଏପ୍ରକାର କାର୍ଯ୍ୟକଳାପ ବିରୋଧରେ ସମ୍ମିଳିତ. ଧାରଣା ଓ ଆନ୍ଦୋଳନ କରିଥିଲେ। ଉତ୍ତରପ୍ରଦେଶ ଓ ବିହାରରେ ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷା ବାତିଲ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏହି ପରିସ୍ଥିତିକୁ ଅନୁଶୀଳନ କରୁଥିବା କିଛି ପର୍ଯ୍ୟବେକ୍ଷକଙ୍କ ମତ ହେଉଛି, ସରକାର ନିୟମିତ ନିଯୁକ୍ତି ଦେବାକୁ ଆଗ୍ରହୀ ଥିବା ଭଳି ମନେ ହେଉନାହିଁ। ବରଂ ଅତ୍ୟାବଶ୍ୟକ କ୍ଷେତ୍ରରେ ଠିକାରେ ନିଯୁକ୍ତି ଦେଇ କାମ ଚଳାଇନେବାକୁ ଅଧିକ ପସନ୍ଦ କରୁଛନ୍ତି। ନହେଲେ କ୍ରମାଗତ ପ୍ରଶ୍ନପତ୍ର ପ୍ରଘଟ ଭଳି ନିନ୍ଦିତ ଘଟଣାକୁ ରୋକିବାରେ ସରକାରଙ୍କ ଅସାମର୍ଥ୍ୟ ପଦାରେ ପଡ଼ି ଯାଉଥିଲେ ମଧ୍ୟ ଅବିଚାରିତ ଭାବେ ସେଥିପ୍ରତି ଉଦାସୀନ ହେଉ ନଥା'ନ୍ତେ।

ଆଜିକାଲି ସରକାରୀ ନିଯୁକ୍ତି ପ୍ରତି ସର୍ବାଧିକ ଆକର୍ଷଣ। ଅଭିଭାବକମାନେ ସବୁକିଛି ବିନିମୟରେ ତାଙ୍କ ପିଲା କିଭଳି ସରକାରୀ ଚାକିରିଟିଏ ପାଇଯିବେ ସେ ନେଇ ବ୍ୟସ୍ତ ଓ ବିବ୍ରତ। ଲିଖିତ ପରୀକ୍ଷା ପ୍ରସ୍ତୁତି ପାଇଁ ସହରରେ ଖୋଲିଥିବା କୋଚିଂ ସେଣ୍ଟରରେ ପିଲାଙ୍କୁ ପଢ଼ାଇବାରେ ସେମାନେ ହାତଖୋଲା ଖର୍ଚ୍ଚ କରି ଚାଲିଛନ୍ତି। ସ୍ୱାଭାବିକ ଭାବେ ଏକ୍ଷେତ୍ରରେ ନିଶ୍ଚିତ ନିଯୁକ୍ତି ସୁଯୋଗ ହାସଲ ପାଇଁ ଅର୍ଥକୁ ଆଉ ବାଧକ ରୂପେ ଗ୍ରହଣ କରିହେଉନି। ନିଜର ସମ୍ପତ୍ତିବାଡ଼ି ବିକ୍ରି କରି ଅଭିଭାବକ ଅର୍ଥ ଯୋଗାଡ଼ କରି ତଥାକଥିତ ଦଲାଲଙ୍କ ହାତରେ ଧରାଇ ଦେଉଛନ୍ତି। କିନ୍ତୁ କିନ୍ତୁ ଶେଷ ମୁହୂର୍ତ୍ତରେ ପ୍ରଶ୍ନପତ୍ର ପ୍ରଘଟ ହୋଇଗଲେ କିମ୍ବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା କାରଣରୁ ପରୀକ୍ଷା ବାତିଲ୍ ହୋଇଗଲେ ପରୀକ୍ଷାର୍ଥୀଙ୍କ ପରିଶ୍ରମ ଓ ପ୍ରସ୍ତୁତି ପାଣିରେ ପଡ଼ିବା ସହ ଖର୍ଚ୍ଚାନ୍ତ ଅଭିଭାବକ ମୁଣ୍ଡରେ ହାତଦେଇ ବସୁଛନ୍ତି। ଏଭଳି ଘଟଣାର ସଦ୍ୟତମ ଉଦାହରଣ ଆମ ରାଜ୍ୟର ପୁଲିସ ଏସଆଇ ନିଯୁକ୍ତି ପରୀକ୍ଷା କ୍ଷେତ୍ରରେ ପରିଦୃଷ୍ଟ ହୋଇଛି।

ପ୍ରଶ୍ନପତ୍ର ପ୍ରଘଟ ଜନିତ ବିଳମ୍ବ ପାଇଁ ଅଯଥାରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ- ଏହି ଉଦ୍ଦେଶ୍ୟରେ ପରୀକ୍ଷା ଓ ନିଯୁକ୍ତି ଦୁର୍ନୀତିର ଏକ ନୂଆ ଫନ୍ଦି କରାଯାଇଥିଲା। କିନ୍ତୁ ଏହି କେଳେଙ୍କାରୀ ପଦାରେ ପଡ଼ିଯିବା ପରେ ଅର୍ଥ ବିନିମୟରେ ନିଯୁକ୍ତି ଆଶାକରିଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଛି। ଏହାଥିଲା ସେମାନଙ୍କ ପାଇଁ ଶେଷ ଭରସା। ଏହି ତଦନ୍ତର ଘଟଣାକ୍ରମ କେଉଁଆଡ଼କୁ ଯିବ ତାହା ଏବେ ଠାରୁ କହିବା କଷ୍ଟକର। କାରଣ ପଦପଦବୀରେ ଥିବାଅସଲ ଅଭିଯୁକ୍ତ ତଦନ୍ତ ପରିସର ବାହାରେ ଅଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେକି ଏହି ନିଯୁକ୍ତି ପରୀକ୍ଷାରେ ଦୁର୍ନୀତିର ଗନ୍ଧ ବାରି ଓଡ଼ିଶା ପୁଲିସ୍ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି)ର ଅଧ୍ୟକ୍ଷ ପଦରୁ ଜଣେ ଅଧିକାରୀ ଓହରି ଯାଇଥିବା ଘଟଣା ଦୃଷ୍ଟିକୁ ଆସିଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଏହି ପରୀକ୍ଷା ପରିଚାଳନା ଭାର କେନ୍ଦ୍ର ସରକାରଙ୍କ ପିଏସୟୁ ଗୁଜରାଟର ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ଦିଆଯାଥିଲା। ସେ ଅନ୍ୟଏକ ସଂସ୍ଥା ରିଡ୍‌ମାଇନ୍ସ ଡିଜିଟାଲକୁ ଦାୟିତ୍ୱ ହସ୍ତାନ୍ତର କଲା। ତାହା ପରେ ଭୁବନେଶ୍ୱରର ସିଲିକନ ଟେକ୍‌ଲାବ୍ ସଂସ୍ଥାକୁ ସବକଣ୍ଟ୍ରାକ୍ଟ ଦିଆଗଲା। କାର୍ଯ୍ୟପରିଚାଳନା ସକାଶେ ସେ ସଂସ୍ଥା ମଧ୍ୟ ପଞ୍ଚସଫ୍ଟ ଟେକ୍ନୋଲୋଜି ହାତକୁ ଦାୟିତ୍ୱ ଟେକିଦେଲା। ବିଚିତ୍ର ବ୍ୟବସ୍ଥା ଓ ବିଚିତ୍ର ଘଟଣା। ଏଥିପ୍ରତି ସରକାରୀ କଳର କାହାର ନିଘା ନାହିଁ। ସମଗ୍ର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମନେ ହେଉଛି ଏବେ ଚାଲିଥିବା ତଦନ୍ତ କେବଳ ଧର୍ମକୁ ଆଖିଠାର।

୨୦୨୪ ଜୁନ ପରଠାରୁ କ୍ରମାଗତ ଭାବେ ୧୫ ମାସରେ ୧୬ଟି ବିଭିନ୍ନ ନିଯୁକ୍ତି ପରୀକ୍ଷା ବାତିଲ ହେବା ପରେ ନିକଟରେ ସରକାରଙ୍କ ନିଦ ଭାଙ୍ଗିଛି। ପରୀକ୍ଷା ବାତିଲ୍ ହେବାର କାରଣ ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ଦାୟିତ୍ୱରେ ଥିବା ବିଭିନ୍ନ ବିଭାଗ ଓ ସଂସ୍ଥାର ଅଧିକାରୀଙ୍କ ଠାରୁ ରିପୋର୍ଟ ମଗାଯାଇଛି। ରାଜ୍ୟର ଯେଉଁ ଯୋଗ୍ୟ ଓ ମେଧାବୀ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପ୍ରଘଟ ଓ ଅନ୍ୟାନ୍ୟ କାରଣରୁ ସାକ୍ଷାତକାର ସ୍ଥଗିତ ଜନିତ ଭୟଙ୍କର ମାନସିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ସରକାରୀ କଳ କସରତରୁ ସେମାନଙ୍କୁ କ'ଣ ମିଳିବ? ●

## ପାଲେଷ୍ଟାଇନ ସାର୍ବଭୌମତ୍ୱକୁ ସ୍ୱୀକୃତିର ପ୍ରାସଙ୍ଗିକତା

ଡ. ପ୍ରଦୀପ କୁମାର ନାୟକ

ଗତ ସେପ୍ଟେମ୍ବର ମାସ ପ୍ରାରମ୍ଭରେ ମିଳିତ ଜାତିସଂଘର ୧୯୩ ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରୁ ୧୫୭ଟି ରାଷ୍ଟ୍ର ପାଲେଷ୍ଟାଇନକୁ ଏକ ସାର୍ବଭୌମ ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇଛନ୍ତି। ଏକ ସ୍ୱାଧୀନ, ସାର୍ବଭୌମ ଓ ଅଖଣ୍ଡ ପାଲେଷ୍ଟାଇନ ରାଷ୍ଟ୍ର ଗଠନ ପାଇଁ ୧୯୪୮ ସାଲରୁ ନିରନ୍ତର ଜନଆନ୍ଦୋଳନ କରି ଆସୁଥିବା ଅଗଣିତ ପାଲେଷ୍ଟିନୀୟଙ୍କ ସ୍ୱପ୍ନ ସାକାର ହୋଇଛି। ମିଳିତ ଜାତିସଂଘର ସଂକଳ୍ପ ସଂଖ୍ୟା- ୧୮୧(୨), ଯାହାକି ୧୯୪୭ ସାଲ ନଭେମ୍ବର ୨୯ ତାରିଖରେ ଜାତିସଂଘର ସଧାରଣ ପରିଷଦ ଦ୍ୱାରା ଗୃହୀତ ହୋଇଥିଲା, ତାହା ଅନୁଯାୟୀ ପାଲେଷ୍ଟାଇନ ଅଞ୍ଚଳରୁ ଇହୁଦୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଇସ୍ରାଏଲ ୧୯୪୮ ମସିହା ମେ' ମାସ ୧୪ ତାରିଖରେ ସୃଷ୍ଟି କରା ଯାଇଥିଲା। ଉପରୋକ୍ତ ସଂକଳ୍ପରେ ପାଲେଷ୍ଟାଇନ ଅଞ୍ଚଳରେ ଦୁଇଟି ରାଷ୍ଟ୍ର, ଅର୍ଥାତ ଗୋଟିଏ ଇହୁଦୀ ରାଷ୍ଟ୍ର ଏବଂ ଆଉଗୋଟିଏ ଆରବୀୟ ମୁସଲିମ ରାଷ୍ଟ୍ର ସ୍ଥାପନ କରି ଜେରୁଜେଲମକୁ ଆନ୍ତର୍ଜାତିକ ପ୍ରଶାସନ ଦ୍ୱାରା ପରିଚାଳିତ ହେଉ ବୋଲି ଉଲ୍ଲେଖ ରହିଥିଲା। କିନ୍ତୁ ଆରବୀୟ ମୁସଲମାନ ଓ ପାଲେଷ୍ଟିନୀୟମାନେ ଇହୁଦୀ ରାଷ୍ଟ୍ର ଇସ୍ରାଏଲର ସ୍ଥାପନାକୁ ପ୍ରବଳ ବିରୋଧ କରି ମିଳିତ ଜାତିସଂଘର ଦୁଇ-ରାଷ୍ଟ୍ର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେହିଦିନଠାରୁ ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ପାଲେଷ୍ଟାଇନର ସୃଷ୍ଟି ପାଇଁ ପାଲେଷ୍ଟିନୀୟମାନଙ୍କର 'ପାଲେଷ୍ଟାଇନ ଜାତୀୟତାବାଦୀ ଆନ୍ଦୋଳନ' ଆରମ୍ଭ ହୋଇଥିଲା।

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ (ପାଲେଷ୍ଟାଇନ ୧୯୩୬-୧୯୩୯ ମସିହା ପର୍ଯ୍ୟନ୍ତ) ବ୍ରିଟେନ ଅଧୀନରେ ଏକ ଆଦେଶଭିତ୍ତିକ ଅଞ୍ଚଳ(ମାଣ୍ଡେଟ୍ ଟେରିଟୋରି) ଥିଲା। ତେଣୁ ଏହି ଅଞ୍ଚଳରୁ ବ୍ରିଟେନ ଇସ୍ରାଏଲ ସୃଷ୍ଟି କରିଥିଲା। କିନ୍ତୁ ତତ୍କାଳୀନ ଆରବୀୟ ତୁଙ୍ଗ ନେତୃବୃନ୍ଦ ଯଥା- ମକ୍କାର ଅମୀର ସାରିଫ ହୁସେନ ବିନ ଅଲି ଏବଂ ଜେରୁଜେଲମର ଗ୍ରାଣ୍ଡ ମୁଫତି ମହମ୍ମଦ ଅମିନ ଅଲ ହୁସେନି ଇସ୍ରାଏଲର ସ୍ଥାପନା ବିରୁଦ୍ଧରେ କଡ଼ା ବିରୋଧ କରିଥିଲେ ଏବଂ ଏକ ସ୍ୱତନ୍ତ୍ର ଆରବୀୟ



ରାଷ୍ଟ୍ର ପାଲେଷ୍ଟାଇନ ସ୍ଥାପନ ପାଇଁ ଦୃଢ଼ ଦାବି କରିଥିଲେ। ବିଭିନ୍ନ ଦେଶ, ବିଶେଷତଃ ୟୁରୋପରେ ବାସ କରୁଥିବା ପ୍ରବାସୀ ଇହୁଦୀମାନେ, ବ୍ୟାକୁଳ ହୋଇଥିଲେ ନିଜର ଏକ ମାତୃଭୂମି ପାଇଁ। ଥିଓଡର ହେରଜଲ ନାମକ ଜଣେ ହଙ୍ଗେରୀୟ ସାମ୍ବାଦିକ ତଥା ଆଇନଜ୍ଞ ୧୮୯୬ ସାଲରେ ଏକ ସ୍ୱତନ୍ତ୍ର ଇହୁଦୀ ରାଷ୍ଟ୍ରର ପରିକଳ୍ପନା କରିଥିଲେ ଏବଂ 'ବିଶ୍ୱ ଇହୁଦୀ କଂଗ୍ରେସ'ର ସ୍ଥାପନା କରିଥିଲେ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଇହୁଦୀ ଜାତିବାଦ ଆନ୍ଦୋଳନ ସାରା ବିଶ୍ୱରେ ଏକ ଶକ୍ତିଶାଳୀ ଜନଆନ୍ଦୋଳନର ରୂପ ନେଇଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପାଲେଷ୍ଟାଇନ ଅଞ୍ଚଳରେ ଏକ ସ୍ୱତନ୍ତ୍ର ଇହୁଦୀ ରାଷ୍ଟ୍ର ଇସ୍ରାଏଲ ଗଠନ।

ସେହି ସମୟରେ ଆରବୀୟ ମୁସଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ପାଲେଷ୍ଟାଇନ ଗଠନ ଦାବି ଜୋର ଧରିଥିଲା ଏବଂ ପାଲେଷ୍ଟେନୀୟ ଜାତୀୟତାବାଦ ଆନ୍ଦୋଳନର ବସ୍ତୁତଃ ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନି। ପାଲେଷ୍ଟିନୀୟ ଜାତୀୟବାଦୀ ନେତା ଅହମ୍ମଦ ସୁକେରି ୧୯୬୪ ସାଲରେ 'ପାଲେଷ୍ଟାଇନ ମୁକ୍ତି ସଂଗଠନ' ପ୍ରତିଷ୍ଠା କରିଥିଲେ ଏବଂ୧୯୬୪ ସାଲରୁ ୧୯୬୭ ସାଲ ପର୍ଯ୍ୟନ୍ତ ଏହାର ଅଧ୍ୟକ୍ଷ ରୂପେ ଦାୟିତ୍ୱ ନିର୍ବାହ କରିଥିଲେ। କିନ୍ତୁ କ୍ଷୋଭର ବିଷୟ ୧୯୬୯ ସାଲରୁ ୟାସେର ଆରାଫତ ପାଲେଷ୍ଟାଇନ ମୁକ୍ତି ସଂଗଠନର ଅଧ୍ୟକ୍ଷ ହେବା ପରେ ସ୍ୱତନ୍ତ୍ର ପାଲେଷ୍ଟାଇନ ଗଠନ ପାଇଁ ହିଂସାକାଣ୍ଡ, ରକ୍ତପାତ ଓ ଆତଙ୍କବାଦର ସୂତ୍ରପାତ ହୋଇଥିଲା। ଆନ୍ଦୋଳନ କ୍ରମଶଃ ସଶସ୍ତ୍ର ସଂଗ୍ରାମରେ ପରିଣତ ହୋଇଥିଲା।

୧୯୭୦ ମସିହାରେ ସ୍ଥାପିତ ଏକ ଉଗ୍ରବାଦୀ ସଂଗଠନ 'ବ୍ଲାକ ସେପ୍ଟେମ୍ବର' ଇସ୍ରାଏଲ ଉପରେ ଚାପ ପକେଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ୧୯୭୨ ମସିହା ସେପ୍ଟେମ୍ବର ମାସରେ ପଶ୍ଚିମ ଜର୍ମାନୀର ମ୍ୟୁନିକଠାରେ ଅଲିମ୍ପିକ ଖେଳ ଚାଲିଥିବା ବେଳେ ୧୧ ଜଣ ଇସ୍ରାଏଲୀ ଖେଳାଳିଙ୍କୁ ଅପହରଣ କରି ନେଇ ସେମାନଙ୍କୁ ହତ୍ୟା କରିଥିଲା। ୧୯୪୮ ମସିହାଠାରୁ ଇସ୍ରାଏଲ ଓ ପାଲେଷ୍ଟିନୀୟଙ୍କ ମଧ୍ୟରେ ଯେଉଁ ତିକ୍ତତା ଥିଲା ତାହା ଏହି ଘଟଣା ପରେ ତୀବ୍ର ଶତ୍ରୁତାରେ ପରିଣତ ହେଲା। ୧୯୭୬ ମସିହା ଜୁନ ମାସ ୨୭ ତାରିଖରେ ୨୪୮ ଯାତ୍ରୀଙ୍କୁ ନେଇ ଇସ୍ରାଏଲ୍‌ର ତେଲଆଭିବରୁ ପ୍ୟାରିସ ଯାଉଥିବା ଏୟାର ଫ୍ରାନ୍ସର ଏକ ବିମାନକୁ ପାଲେଷ୍ଟିନୀୟ ଉଗ୍ରବାଦୀମାନେ ଅପହରଣ କରି ଉଗାଣ୍ଡା ଦେଶର ଏନ୍ତେବେ ବିମାନ ବନ୍ଦରକୁ ନେଇ ଯାଇଥିଲେ। ୪୦ ଜଣ ପାଲେଷ୍ଟିନୀୟ ବନ୍ଦୀଙ୍କୁ ଇସ୍ରାଏଲ ମୁକ୍ତି ଦେଉ ବୋଲି ଦାବି କରିଥିଲେ। ଇସ୍ରାଏଲ କମାଣ୍ଡୋମାନେ ସେହି ଅପହୃତ ଯାତ୍ରୀମାନଙ୍କୁ ଶେଷରେ ମୁକୁଳାଇ ଥିଲେ।

ଇତିମଧ୍ୟରେ ଆରାଫାତଙ୍କ ନେତୃତ୍ୱରେ ଆନ୍ତର୍ଜାତିକ ସ୍ୱୀକୃତି ନ ଥାଇ ଏକ 'ପାଲେଷ୍ଟାଇନ ଅଥରିଟି' ମଧ୍ୟ ଘୋଷିତ ହୋଇଥିଲା, ଯାହାର ରାଷ୍ଟ୍ରପତି ସେ ନିଜେ ୨୦୦୪ ସାଲ ଯାଏଁ ନିଜର ମୃତ୍ୟୁ ପର୍ଯ୍ୟନ୍ତ ଥିଲେ। ସେ ୧୯୮୮ ମସିହାରେ ଇସ୍ରାଏଲ ଇହୁଦୀ ରାଷ୍ଟ୍ର ରୂପେ ଅଧିକାରରେ ପ୍ରତିକ୍ରିୟା ପ୍ରକାଶ କରି ପୁଣି ଥରେ ପାଲେଷ୍ଟାଇନ ଅଞ୍ଚଳରେ ଦୁଇଟି ରାଷ୍ଟ୍ର ରହିବାର ଅଧିକାରକୁ ଦାବି କଲେ।

ଏକ ସ୍ୱାଧୀନ, ସ୍ୱତନ୍ତ୍ର ଓ ଆନ୍ତର୍ଜାତିକ ସ୍ୱୀକୃତିପ୍ରାପ୍ତ ପାଲେଷ୍ଟାଇନ ସ୍ଥାପିତ ହେଉ ବୋଲି ଇଜିପ୍ଟର ତତ୍କାଳୀନ ରାଷ୍ଟ୍ରପତି ଗାମେଲ ନାସେର, ଜୋର୍ଡାନର ରାଜା ହୁସେନ, ଆରବ ଲିଗ/ ସଂଗଠନ, ଆମେରିକୀୟ -ପାଲେଷ୍ଟିନୀୟ ବୁଦ୍ଧିଜୀବୀ ଏଡୱାର୍ଡ ସେଡ, ଆମେରିକୀୟ ବୁଦ୍ଧିଜୀବୀ ନୋଆମ ଚମସ୍କି, ପାଲେଷ୍ଟିନୀୟ ରାଜନୀତିଜ୍ଞ କର୍ମା ନାବୁଲସି, ଆମେରିକୀୟ ରାଜନୀତି ବିଶେଷଜ୍ଞ ନର୍ମାନ ଫିନକେଲଷ୍ଟେଇନ, ପାଲେଷ୍ଟିନୀୟ ଐତିହାସିକ ରସିଦ ଖାଲିଦି ଓ ଇସ୍ରାଏଲ ଐତିହାସିକ ଇଲାନ ପାପେ ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। କିନ୍ତୁ ଇସ୍ରାଏଲର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଜୋର୍ଡାନ ନଦୀର ପଶ୍ଚିମରେ କୌଣସି ପାଲେଷ୍ଟାଇନ ତିଷ୍ଠି ରହିବାକୁ ଦିଆଯିବନି ବୋଲି ଜିଦ୍‌ରେ ଅଟଳ ଅଛନ୍ତି। ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରନ୍ତି ଯେ ଏକ ପାଲେଷ୍ଟାଇନ ଦେଶକୁ ସ୍ୱୀକୃତି ଦେଲେ ହମାସ, ହେଜବୋଲା ଓ ପିଏଲଓ ପରି ଉଗ୍ରବାଦୀ ସଂଗଠନମାନଙ୍କୁ ପ୍ରୋତ୍ସାହିତ କଲା ଭଳି ହେବ। ୨୦୧୨ ମସିହାରେ ମିଳିତ ଜାତିସଂଘର ସଦସ୍ୟମାନେ ସଂଖ୍ୟାଧିକ ଭୋଟ ଦ୍ୱାରା ପାଲେଷ୍ଟାଇନକୁ ଏକ 'ପର୍ଯ୍ୟବେକ୍ଷକ ରାଷ୍ଟ୍ର'ର ମାନ୍ୟତା ଦେଇଥିଲେ। ସେଥିପାଇଁ ପାଲେଷ୍ଟାଇନକୁ ପୂର୍ଣ୍ଣ ରାଷ୍ଟ୍ରର ମର୍ଯ୍ୟାଦା ଦେବା ବିଷୟ ଏକ ନିର୍ଦ୍ଦିଷ୍ଟ ଜାତିର ସ୍ୱପ୍ନକୁ ସାକାର କରିବ। କିନ୍ତୁ ଏହାର ବିରୋଧୀ ରାଷ୍ଟ୍ରମାନଙ୍କୁ ସବୁବେଳେ କ୍ରୋଧାନ୍ୱିତ କରିବ। ●

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୩୪୧

## ସାର କଷଣର ସଂକେତ

ଜୟନ୍ତ ପଟ୍ଟନାୟକ

ଗତ କିଛିଦିନ ହେଲା ଆମ ଚାଷ ଓ ଚାଷୀର ଅତ୍ୟାବଶ୍ୟକ ପଦାର୍ଥ 'ସାର'କୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଛି। ଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣର ସାର ନ ମିଳିବାରୁ ଆମ ରାଜ୍ୟର ଚାଷୀମାନେ ଆନ୍ଦୋଳନ/ବିକ୍ଷୋଭ କରିଆସୁଛନ୍ତି। ସାର ସଂଗ୍ରହ କେନ୍ଦ୍ର ଆଗରେ ଜୋତା, ଆଧାର କାର୍ଡ ବା ଅନ୍ୟ କିଛି ସାମଗ୍ରୀ ଧାଡ଼ିରେ ରଖାଯାଇଥିବା ପରି ଦୃଶ୍ୟ ଦେଖିବାକୁ ମିଳିଛି। ଏଥିରୁ ଚାଷୀମାନଙ୍କର ଆତୁରତା ଓ ଅସହାୟତା ବାରି ହୋଇପଡୁଛି। ମାସ ମାସ ଧରି ଲହୁଲୁହ ଢାଳି ଫଳାଇଥିବା ଫସଲ ଯେତେବେଳେ ସାର ମୁଠାଏ ପାଇଁ ଦୁର୍ବଳ ହୋଇଯାଉଥିବ ସେ କଥା କେବଳ ଚାଷୀ ହିଁ ହୃଦୟଙ୍ଗମ କରିପାରିବ। କିନ୍ତୁ ରାଜନେତା, ପ୍ରଶାସନ ସମସ୍ତେ ନିର୍ବିକାର।

ରାଜନେତାମାନଙ୍କୁ ସାମ୍ବାଦିକମାନେ ଯେତେବେଳେ ପ୍ରଶ୍ନ କଲେ ଉତ୍ତର ମିଳିଲା, ସାର ଯଥେଷ୍ଟ ପରିମାଣରେ ଅଛି। କିନ୍ତୁ ସାଧାରଣ ଚାଷୀର ସାର ବସ୍ତାଏ ପାଇଁ ପ୍ରତୀକ୍ଷାର ଅନ୍ତ ନାହିଁ। ଇଏ ସବୁ ବ୍ୟାପାର ଅନ୍ୟପ୍ରକାର। କଳାବଜାରୀ/କିଳାପୋତେଇ ପାଇଁ ରାସ୍ତା ସଫା କରିବାକୁ ପଡ଼ିବ ନା! ତେଣିକି ଚାଷୀକୁଳର ସମସ୍ୟାର ଯାଏ ଆସେ କେତେ? ଏ ସମସ୍ୟା କେବଳ ଆମ ରାଜ୍ୟର ନୁହେଁ। ସାରା ଦେଶରେ ଶୀତତାପ ନିୟନ୍ତ୍ରିତ କୋଠରି ଭିତରେ କୃଷକକୁଳର ଭାଗ୍ୟ ନିର୍ଦ୍ଧାରଣ ହୁଏ, ସୁଟବୁଟ ପିନ୍ଧା ବାବୁମାନଙ୍କ ଦ୍ୱାରା, ଯିଏ ଦିନେ ଜମି କେମିତି ଦେଖି ନଥା'ନ୍ତି। ତେଣୁ ଯାହା ହେବା କଥା ହୁଏ। ଗତ ୨୨ ସେପ୍ଟେମ୍ବର ୨୦୨୫ରେ ଗଞ୍ଜାମ



ଜିଲ୍ଲା ଦିଗପହଣ୍ଡି ବ୍ଲକ ମଉଳାଭଣଜା ଗ୍ରାମରେ ପଞ୍ଚାୟତ ଘରେ ପଶି ଲୋକମାନେ ୩୦ ବସ୍ତା ସାର ବୋହି ନେଲେ। ବିନା ପଇସାରେ ନୁହେଁ, ପଇସାଦେଇ। ଏକଥା ହେଲା କାହିଁକି? ସାର ଦେଇ ଦେଇଥିଲେ ତ କାମ ସରିଥା'ନ୍ତା। ବୋହିନେବା ଯାଏଁ କଥା ଯାଇଥା'ନ୍ତା କାହିଁକି? ଏଥିପାଇଁ ପ୍ରଶାସନ/କର୍ତ୍ତୃପକ୍ଷ/ପୁଲିସ ସମସ୍ତେ ଦାୟୀ କହିଲେ ଭୁଲ୍ ହେବ ନାହିଁ। ସେଇ ଜିନିଷ ହୋଇଥା'ନ୍ତା। ଖାଲି ଯାହା ନାଁ ପଡ଼ିଲା। ତେଣୁ ବେଳହୁଁ ସାବଧାନ ହେବା ଉଚିତ୍। ଉଲ୍ଲେଖଯୋଗ୍ୟ କେବଳ ଗଞ୍ଜାମ ଜିଲ୍ଲାରେ ୨୭ ମେଟ୍ରିକ୍ ଟନ୍ ସାର ଆବଶ୍ୟକ ହେଉଥିବା ବେଳେ ମାତ୍ର ୦୯ ଟନ୍ ସାର ଉପଲବ୍ଧ ଅଛି।ଏଣେ ସରକାରୀ ହିସାବ ଅନୁଯାୟୀ ରାଜ୍ୟରେ ୭, ୯୪, ୦୦୦ ଟନ୍ ସାର ଉପଲବ୍ଧ ଅଛି। ତା'ହେଲେ ସାରର ଏପ୍ରକାର ଅଭାବୀ ବିକ୍ରୀ କାହିଁକି? ସାର କେନ୍ଦ୍ର ବା ସମବାୟ କାର୍ଯ୍ୟାଳୟରେ ସାର କ୍ରେତାଙ୍କର ଏ ବିକଳ ଧାରଣା କ'ଣ ପାଇଁ?

ଆଜିକାଲି ଆଉ ସେ ଯୁଗ ନାହିଁ ଯେ କେଉଁଠି କ'ଣ ହେଉଛି ବାକି ଲୋକ ଜାଣିପାରିବେ ନାହିଁ। ଆଜିକାଲି ଡିଜିଟାଲର ଦୁନିଆ। ମୋବାଇଲ ଚିପିଲେ ସାରାଦୁନିଆ ଆଖିଆଗରେ ଦିଶିବ। ଯଦି ଅନ୍ନଦାତାଙ୍କ ସହିତ ପାତରଅନ୍ତର କରାଯିବ, ଟାଳଟୁଳ ନୀତି ଆପଣାଯିବ, ତା'ର ଫଳ ଭୟଙ୍କର ହେବ। ସାର ଜବରଦସ୍ତ ନେଇଯିବା କେବଳ ଏକ ସଂକେତ ମାତ୍ର। କଥାରେ ଅଛି, ଉପରେ ପଡ଼ିଲେ ପ୍ରମାଦ, ଗୁରୁ ବ୍ରାହ୍ମଣ ଶିରଚ୍ଛେଦ।' ଅର୍ଥାତ୍ ନିଜ ଉପରକୁ ବିପଦ ଆସିଲେ କେହି ଆଉ ଭଲ-ମନ୍ଦ, ଉଚ୍ଚ-ନୀଚକୁ ଅପେକ୍ଷା ରଖି ପାରେ କି ? ଆପେ ବଞ୍ଚିଲେ ବାପର ନାଁ।

ଭାରତ ସରକାର ଆଜିପର୍ଯ୍ୟନ୍ତ ତାଳଚେର ସାର କାରଖାନାରୁ ଉତ୍ପାଦନ ଦିଗରେ ମନ ଦେଲେ ନାହିଁ।୨୦୧୮ରୁ ୭ବର୍ଷରୁ ଅଧିକ ହୋଇଗଲାଣି। ଅଭାବୀ ଯୋଗାଣ ହେତୁରୁ ସମବାୟ କର୍ମଚାରୀ ଓ ଜନସାଧାରଣଙ୍କ ମଧ୍ୟରେ କଳହର ସୂତ୍ରପାତ ହେଉଛି। ଅନ୍ୟ ଉତ୍ସରୁ ପର୍ଯ୍ୟାପ୍ତ ସାର ଆସିବାର ବ୍ୟବସ୍ଥା ହୋଇପାରିଲା ନାହିଁ। ଯାହା ବା ଅଛି ତା' ଚାଷୀକୁ ସୁବିଧାରେ ନ ଦେଇ କଳାବଜାରୀ ହେଲା। ଟ୨୭୦/ ହେଉଥିବା ସାରବସ୍ତା ଟ୭୦୦ -୮୦୦/-ରେ ବିକ୍ରୀ ହେଲା। ସବୁବେଳେ ତ ଚାଷୀ ଭାଇ ଉପରେ ମାଡ଼। ବର୍ଷସାରା କଷ୍ଟରେ ନିଜ ପିଲାଛୁଆଙ୍କ ମୁହଁରେ ଆହାର ଦେଲା ପରେ ଆଉ କେତେ ବଳିବ ଯେ ଏତେ ଅଧିକ ଦେଇ ସାର କିଣି ପାରିବ?

ସାର ପ୍ରସଙ୍ଗ ଆଗରୁ ଦାଣ୍ଡରେ ପଡ଼ି ହାଟରେ ଗଡୁଥିବା ବେଳେ କଥା ଯାଇ ବିଧାନସଭାରେ ଉଠିଲା। ବିରୋଧୀଦଳ ନେତା ଏଇ ପରିପ୍ରେକ୍ଷୀରେ କେନ୍ଦ୍ର ସାର ମନ୍ତ୍ରୀଙ୍କୁ ରାଜ୍ୟର ସାର ଯୋଗାଣକୁ ସ୍ୱଚ୍ଛଳ କରିବାକୁ ଚିଠି ଲେଖିଛନ୍ତି। ଯେପରି ରାଜ୍ୟର କୃଷକସମାଜ ଠିକଣା ସମୟରେ ସାର ପାଇ କୃଷି କାର୍ଯ୍ୟକୁ ସଠିକ୍ ଭାବରେ ଆଗେଇ ନେବେ ସେଥିଲାଗି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧ ୯୦୦୬୯

## ରାଇ-ଜଗନ୍ନାଥ ବିବାହ

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ବଡ଼ପଣ୍ଡା ମହାପ୍ରଭୁଙ୍କର ଜଣେ ସମର୍ପିତ ସେବାୟତ ସହିତ ଥିଲେ ଜଣେ ଅନନ୍ୟ ଭକ୍ତ। ତାଙ୍କର ସାଥୀ ସେବକମାନେ କୁହାକୁହି ହେଉଥିଲେ ଯେ ବଡ଼ପଣ୍ଡାଙ୍କ ସହ ମହାପ୍ରଭୁ ସାଙ୍ଗ ପରି କଥାଭାଷା ହେଉଥିଲେ। ମହାପ୍ରଭୁଙ୍କ କରୁଣାରୁ ବଡ଼ପଣ୍ଡା ଏକ ଅପୂର୍ବ ସୁନ୍ଦରୀ କନ୍ୟା ସନ୍ତାନ ଲାଭ କଲେ। ସେ ସେହି କନ୍ୟାର ନାମ ମହାପ୍ରଭୁ ସବୁଠାରୁ ବେଶୀ ଭଲ ପାଉଥିବା ନାରୀ ଚରିତ୍ର(ରାଧା) ନାମାନୁସାରେ 'ରାଇ'ରଖିଲେ।

ଦିନେ ବଡ଼ପଣ୍ଡା ବାପାଙ୍କ ବାର୍ଷିକ ଶ୍ରାଦ୍ଧ ପୂର୍ବ ଦିନ ସେବା ପରେ ଘରକୁ ଯିବା ପୂର୍ବରୁ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ- 'ସାଆନ୍ତେ! ଆପଣଙ୍କଠାରୁ ବଡ଼ ବନ୍ଧୁ ମୋର ଆଉ କିଏ ଅଛି! ଆପଣଙ୍କ ପାଦ କାଲି ମୋ ଦୁଆରେ ପଡ଼ିଲେ ମୁଁ କୃତାର୍ଥ ମନେ କରନ୍ତି।' ଭକ୍ତବତ୍ସଳ ମହାବାହୁ ତା' ପରଦିନ ଠିକ ସମୟରେ ଭାଇ, ଭଉଣୀ ଓ ଭାରିଯାଙ୍କୁ ନ ଜଣେଇ ପଣ୍ଡାଙ୍କ ଘରେ ପହଞ୍ଚିଗଲେ ଏବଂ ପସନ୍ଦ ମୁତାବକ ଭୁରିଭୋଜନ କଲେ। ବିଶ୍ରାମ ନେବା ବେଳେ ପାଦ ପାଖରେ ବଡ଼ପଣ୍ଡା ହାତ ଯୋଡ଼ି ଠିଆ ହୋଇଥିବାର ଦେଖି ପଚାରିଲେ- 'ପଣ୍ଡାଏ! ଭୋଜନ ତ ବଢ଼ିଆ ହେଲା। ଆଉ କ'ଣ କିଛି କହୁଛ?' ବଡ଼ପଣ୍ଡା କହିଲେ- 'ମହାପ୍ରଭୁ! ମୋର ଏକମାତ୍ର କନ୍ୟା ରାଇ ସୁନ୍ଦରୀ ଯେମିତି ଗୁଣର ସେମିତି। ତା'ର ବିବାହ ବୟସ ହେଲାଣି। ମୁଁ ଆପଣଙ୍କୁ ତା'ର ବର ରୂପେ ମନେମନେ ବରଣ କରିଛି। ଆପଣଙ୍କଠାରୁ ବଡ଼ ବନ୍ଧୁ ମୁଁ ଆଉ କୋଉଠୁ ପାଇବି ସାଆନ୍ତେ?' ତହୁଁ ପ୍ରଭୁ କହିଲେ- 'ଆହେ ପଣ୍ଡାଏ! ମୁଁ ସେ କଥା ଜାଣେ। ତୁମର କନ୍ୟା ଲକ୍ଷ୍ମୀଙ୍କ କଳା ନେଇ ଜନ୍ମ ନେଇଛି। ତାକୁ ମୋ ବ୍ୟତୀତ ଆଉ କେହି ବାହା ହୋଇ ପାରିବେ ନାହିଁ।'

ଭଲ ତିଥିବାର ଦେଖି ରାଇ ସହ ମହାପ୍ରଭୁଙ୍କର ବିବାହ ସମ୍ପନ୍ନ ହୋଇଗଲା। ମନ୍ଦିରରୁ ଲୁଚିଛପି ଯାଇ ପ୍ରଭୁ ରାଇ ସହ ସମୟ ଅତିବାହିତ କରୁଥିବାରୁ ଭାଇ, ଭଉଣୀ ଓ ଲକ୍ଷ୍ମୀ ଏ କଥା ଜାଣି ପାରୁ ନ ଥିଲେ। ସମୟକ୍ରମେ ରାଇ ଗର୍ଭବତୀ ହେଲା। ମହାପ୍ରଭୁ ଜାଣିଥିଲେ ଯେ ମର୍ତ୍ତ୍ୟର ମହିଳାମାନେ ଗର୍ଭବତୀ ଥିବା ବେଳେ ସୁସ୍ୱାଦୁ ଖାଇବାକୁ ଭଲ ପାଆନ୍ତି। ତେଣୁ ଥରେ ସେ ରାଇକୁ ସରାଗରେ ସେ କଥା ପଚାରି ଦେଲେ। ରାଇ କହିଲା- 'ସାଆନ୍ତେ! ସମୁଦ୍ର କୂଳରେ ଆପଣଙ୍କ କୋଳରେ ବସି ଗଜା ମୁଗ, କଦଳୀ ଓ ନଡ଼ିଆ ଚକଟା ଖାଇବାକୁ ମୋର ମନ ହେଉଛି।' ସମୁଦ୍ର କୂଳରେ ରାଇକୁ ଧରି ସାଦ ଖୁଆଇଲେ କଥାଟା ଲକ୍ଷ୍ମୀଙ୍କ କାନକୁ ଚାଲିଯିବ। ତେଣୁ ମହାପ୍ରଭୁ କହିଲେ- 'ରାଇ! ଲକ୍ଷ୍ମୀଙ୍କ ଅଜାଣତରେ ତୋ ସହ ମୋର ବିବାହ ହୋଇଛି। ତୁ ତାଙ୍କୁ ପୂଜା କରି ସନ୍ତୁଷ୍ଟ କରି ତା'ର ଅନୁମତି ନେଇ ଆସିଲେ ଆମର ବେଳାଭୂମି ଲୀଳା ସମ୍ଭବ ହେବ।'

ମହାପ୍ରଭୁଙ୍କ ଆଦେଶାନୁସାରେ ରାଇ ଅଚଳା ଭକ୍ତି ଓ ନିଷ୍ଠାର ସହ ମହାଲକ୍ଷ୍ମୀଙ୍କୁ ଆରାଧନା କଲା। ତା'ର ପୂଜାରେ ଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ସ୍ୱଦେହରେ ତା' ସମ୍ମୁଖରେ ଉଭା ହୋଇ ବର ଦେବାକୁ ଇଚ୍ଛା ପ୍ରକାଶ କଲେ। ରାଇ କହିଲା- 'ମାଆ! ଆପଣଙ୍କ ଅଜାଣତରେ ମହାପ୍ରଭୁ ମୋତେ ବିବାହ କରିଛନ୍ତି। ମୁଁ ବର୍ତ୍ତମାନ ଅନ୍ତସତ୍ତ୍ୱା। ମୋତେ ଆପଣଙ୍କ ପରିବାର ସହ ରହିବାକୁ ଅନୁମତି ଦିଅନ୍ତୁ।' ମହାଲକ୍ଷ୍ମୀ ଜାଣିଥିଲେ ଯେ ରସିକପଣିଆ ମହାପ୍ରଭୁଙ୍କର ପୁରୁଷୋତ୍ତମ ତତ୍ତ୍ୱର ଏହା ଏକ ବିଶିଷ୍ଟ ଅଙ୍ଗ। କଥାଟାକୁ ଘାଣ୍ଟଚକଟ କଲେ ତାହା ଜଣେ ନିରୀହା ଯୁବତୀର ପ୍ରଭୁଙ୍କ ପ୍ରତି ଥିବା ଭକ୍ତିକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ସେ କହିଲେ- 'ତୋ ସହ ପ୍ରଭୁଙ୍କର ବିବାହ ଏକ ସ୍ଥାନୀୟ ଘଟଣା। ସଚରାଚର ବିଶ୍ୱ ଜାଣେ ଯେ ଭୂଦେବୀ ଓ ମୁଁ ମହାପ୍ରଭୁଙ୍କର ଦୁଇ ପତ୍ନୀ। ତୁମକୁ ପରିବାରରେ ସ୍ଥାନ ଦେଇ ସାରା ବିଶ୍ୱର ବିଶ୍ୱାସକୁ ଆଘାତ ଦେବା ଉଚିତ ହେବ ନାହିଁ। କିନ୍ତୁ ମୁଁ ତୋତେ ବର୍ଷର ବାର ମାସରୁ ମାସେ ପ୍ରଭୁଙ୍କ ସାନ୍ନିଧ ପ୍ରାପ୍ତିର ବର ଦାନ କରୁଛି। ଆଶ୍ୱିନ ମାସର ଶେଷ ପାଞ୍ଚଦିନ ଓ କାର୍ତ୍ତିକ ମାସର ପଞ୍ଚକ ପାଞ୍ଚ ଦିନକୁ ଛାଡ଼ି ପ୍ରଥମ ପଚିଶ ଦିନ ତୁ ମହାପ୍ରଭୁଙ୍କ ସାନ୍ନିଧ ପାଇବୁ। ସେ ସମୟରେ ପ୍ରଭୁ ତୋତେ ସାଦ ଦେଇ ଆପ୍ୟାୟିତ କରିବେ। ପରବର୍ତ୍ତୀ କାଳରେ ହବିଷ୍ୟାଳୀମାନେ ତୋତେ ମହାପ୍ରଭୁଙ୍କ ସହ 'ରାଇଦାମୋଦର ବ୍ରତ' ପାଳନ ନାମରେ ପୂଜା କରିବେ।' ତା'ପରଠାରୁ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ରାଇ ଦାମୋଦର ବ୍ରତ ପାଳନ କରାଯାଉଛି ଏବଂ ମହାପ୍ରଭୁ ରାଇଦାମୋଦର ବେଶରେ ଦର୍ଶନ ଦେଉଛନ୍ତି। -

(ଶ୍ରୀମନ୍ଦିର ପରମ୍ପରାରେ ରାଧାଙ୍କ ଗୁରୁତ୍ୱକୁ ହ୍ରାସ ପାଇଁ ଏ ଲୋକକଥା ରଚିତ ହୋଇ ଥାଇପାରେ) ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଥାନା ଭିତରେ ପଶି ପୁଲିସକୁ ପିଟିଲେ

ଗୋପ,୭।୧୦(ସମିସ): ଗୋପ ଥାନା ଭିତରେ ପଶି ଦୁଇ ପୁଲିସ ଅଧିକାରୀଙ୍କୁ ପିଟିଲେ ଯୁବକ। ଏଥିରେ ଜଣେ ପୁଲିସ ଅଧିକାରୀ ଗୁରୁତର ହୋଇଥିବାବେଳେ ଆଉ ଜଣେ ଆହତ ହୋଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ହୁଏ ଲେ ସୋରିଶିଆପଦା ଗ୍ରାମର ପ୍ରଦୀପ ବେହେରା ଓ ଗଣେଶରପୁର ଅଞ୍ଚଳର ସୁଶାନ୍ତ ନାୟକ।



ଆହତ ବୁଲୁ



ଗିରଫ ପ୍ରଦୀପ



ଗିରଫ ସୁଶାନ୍ତ

ମଙ୍ଗଳବାର ସନ୍ଧ୍ୟାରେ ଗୋପ ଥାନା ବାୟାକୁଦା ଗ୍ରାମରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିଲା। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ବେଗୁନିଆ ଅଞ୍ଚଳର ଦୁଇ ଜଣଙ୍କୁ ଥାନାକୁ ଆଣିବା ସମୟରେ ଏକ ଗାଡ଼ି ରାସ୍ତା ଉପରେ ଥିଲା। ପୁଲିସ ଗାଡ଼ିଟିକୁ ଥାନାକୁ ଆଣି ରଖିବା ପରେ ସେଇ ଗାଡ଼ିଟିକୁ ନେଇଥିବାବେଳେ ଗୋପ ଥାନା ସୋରିଶିଆପଦା ଗ୍ରାମର ପ୍ରଦୀପ ବେହେରା ଓ ଗଣେଶରପୁର ଅଞ୍ଚଳର ସୁଶାନ୍ତ ନାୟକ ଥାନାରେ ପହଞ୍ଚି ଗାଡ଼ିଟିକୁ ଜୋର୍‌ଜବରଦସ୍ତ ନେଇଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଥାନା ଅଧିକାରୀ ବୁଲୁ ସେଠି କହିଥିଲେ ଗାଡ଼ିର କାଗଜପତ୍ର ଦେଖାଇ ନେଇଯାଅ। କିନ୍ତୁ ଦୁଇ ଯୁବକ କୌଣସି କଥା ନ ଶୁଣି ଗାଡ଼ିଟିକୁ ନେଇଯିବା ସମୟରେ ବୁଲୁ ସେଠି ଗାଡ଼ି କାହିଁକି ନେଇଯାଉଛ ବୋଲି ପଚାରିଥିଲେ। ପ୍ରଦୀପ ବେହେରା ହଠାତ୍ ବୁଲୁଙ୍କୁ ଏକ ଶକ୍ତ ଚାପୁଡ଼ା ମାରି ତଳେ ପକାଇ ଦେଇଥିଲେ। ମାଡ଼ରେ ବୁଲୁ ଗୁରୁତର ହୋଇଥିବାବେଳେ ଆଉ ଜଣେ ପୁଲିସ ଅଧିକାରୀ ବୁଧରାୟ ମାଝୀ ଘଟଣାସ୍ଥଳରେ ପହଞ୍ଚି ବୁଲୁଙ୍କୁ ଉଦ୍ଧାର କରିବା ସମୟରେ ପ୍ରଦୀପ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଦୁଇ ଅଧିକାରୀ ଗୁରୁତର ହୋଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଦୁଇ ଯୁବକଙ୍କୁ ପୁଲିସ ଅଟକ ରଖିବା ସହିତ ଏକ ମାମଲା ରୁଜୁ କରିଛନ୍ତି। ଘଟଣାକୁ ସମଗ୍ର ଅଞ୍ଚଳରେ ନିନ୍ଦା କରାଯାଉଛି।

## ସମଲେଶ୍ୱରୀ ମନ୍ଦିରର ବଂଶାନୁକ୍ରମିକ ସେବାୟତଙ୍କୁ ଥଇଥାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୭।୧୦ (ସମିସ): ବଲାଙ୍ଗିର ଜିଲ୍ଲାର ସମଲେଶ୍ୱରୀ ଦେବୀ ମନ୍ଦିରରେ ବଂଶାନୁକ୍ରମିକ ଭାବେ ନିତି ପୂଜା କରିଆସୁଥିବା ଜଣେ ସେବାୟତଙ୍କୁ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ମନ୍ଦିର ସନ୍ନିକଟ ଅଞ୍ଚଳରେ ଥଇଥାନ କରିବା ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଷୟ ଦିଶ୍ରିଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇବା ସହ ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଉକ୍ତମାନଙ୍କୁ ସହାୟତା କରିବାରେ ସେବାୟତଙ୍କ ଅତ୍ୟାବଶ୍ୟକ ଭୂମିକାକୁ ସ୍ୱୀକାର କରି ଅଦାଲତ କହିଛନ୍ତି ଯେ ଆବେଦନକାରୀଙ୍କୁ ଉଚ୍ଛେଦ ପୂର୍ବରୁ ଦେବୋତ୍ତର କର୍ତ୍ତୃପକ୍ଷ ଉପଯୁକ୍ତ ଥଇଥାନ ସୁନିଶ୍ଚିତ କରିବାକୁ ପଡ଼ିବ। ସେହିଭଳି ନିର୍ମାଣ କାର୍ଯ୍ୟ ସମାପ୍ତ ନ ହେବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ନିକଟସ୍ଥ ସ୍ଥାନରେ ଥଇଥାନ କରିବା ପାଇଁ ବଲାଙ୍ଗିର ଉପ ଜିଲ୍ଲାପାଳଙ୍କୁ ସକାରାତ୍ମକ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଥଇଥାନ କରାନଯିବା ପର୍ଯ୍ୟନ୍ତ ଆବେଦନକାରୀଙ୍କୁ ବର୍ତ୍ତମାନର ସ୍ଥାନରୁ ସମ୍ପୃକ୍ତ କର୍ତ୍ତୃପକ୍ଷ ବାହାର କରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ଜିରା ବ୍ରିଜ୍ ନିକଟରୁ ୨ ଡକାୟତ ଗିରଫ

ବରଗଡ଼, ୭।୧୦ (ସମିସ): ଅମ୍ବାପାଲି ଜିରାନଦୀ ବ୍ରିଜ୍ ନିକଟରୁ ମଙ୍ଗଳବାର ବରଗଡ଼ ପୁଲିସ ୨ଜଣ ଡକାୟତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ପିସ୍ତଲ ଜବତ କରିଛି। ପୁଲିସକୁ ଚକ୍‌ମା ଦେଇ ୩ଜଣ ଫେରାର୍ ହୋଇଯାଇଛନ୍ତି। ଗିରଫ ୨ ଡକାୟତ ହେଲେ, କେନ୍ଦ୍ରାପଡ଼ା ଜିଲ୍ଲା ଟାଉନ ଥାନା ଜୟପୁରର ଏସ୍‌କେ ୱାହିଦ ଅଲ୍ଲୀ (୩୫) ଓ ସୋନପୁର ଜିଲ୍ଲା ଏସ୍.ରାମପୁର ଥାନା ବ୍ରହ୍ମାଣୀପାଲିର ତନ୍ମୟ ବାଗ (୨୫)।

ଆଜି ସକାଳ ପ୍ରାୟ ୧୧ଟାରେ ଜିରା ନଦୀ ବ୍ରିଜ୍ ନିକଟରେ ୫ ଜଣ ଡକାୟତି ପାଇଁ ଯୋଜନା କରୁଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା ଜାଣିବାକୁ ପାଇଥିଲେ। ଏ ସଂପର୍କରେ ସେ ଟାଉନ୍ ଥାନା ଅଧିକାରୀ ସୁଚେନ୍ଦ୍ର ଛତ୍ରିଆଙ୍କୁ ସୂଚନା ଦେବା ପରେ ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ଜିରା ବ୍ରିଜ୍ ନିକଟରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ୩ଜଣ ଫେରାର୍ ହୋଇଯାଇଥିବା ବେଳେ ୱାହିଦ ଓ ତନ୍ମୟଙ୍କୁ ପୁଲିସ କାବୁ କରିଥିଲା। ସେମାନଙ୍କଠାରୁ ପୁଲିସ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ, ୩ଟି ମୋବାଇଲ ସହ ଅନ୍ୟ ସାମଗ୍ରୀ ଜବତ କରିଥିଲା। ଗିରଫ ୨ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ରହିଥିବା ଏବଂ ଘଟଣାର ଅଧିକ ତଦନ୍ତ ଜାରି ଥିବା ପୁଲିସ ପକ୍ଷରୁ ପ୍ରକାଶ। ଅପରପକ୍ଷେ, ଦୁଇଦିନ ମଧ୍ୟରେ ସହର ମଧ୍ୟରୁ ୬ଟି ଦେଶୀ ବନ୍ଧୁକ ଜବତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

■ ଚର୍ଚ୍ଚାରେ କମାଣ୍ଡରଙ୍କ ଚିଠି

## ଅସ୍ତ୍ରଶସ୍ତ୍ର ଛାଡ଼ି ସାଧାରଣ ଜୀବନ ଜିଇଁବାକୁ ଆହ୍ୱାନ

ମାଲକାନଗିରି, ୭।୧୦ (ସମିସ): ମାଓବାଦୀଙ୍କ ଗଡ଼ ଛତିଶଗଡ଼ର 'ମାଡ଼' ମାଓ ଡିଭିଜନ୍‌ର କମାଣ୍ଡରଙ୍କ ଏକ ଚିଠି ଏବେ ଚର୍ଚ୍ଚାକୁ ଆସିଛି। ମାଓ କମାଣ୍ଡର 'ରଣୀତା' ସେଥିରେ ମାଓବାଦୀଙ୍କୁ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ସାଧାରଣ ଜୀବନ ଯାପନ କରିବାକୁ ଆହ୍ୱାନ ଦେଇଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ସ୍ଥିତିରେ ସମସ୍ତଙ୍କୁ ଶାନ୍ତି ଓ ଆଲୋଚନାର ପଥ ଅନୁସରଣ କରିବା ଉଚିତ। ତେବେ ରଣୀତାଙ୍କ ଦ୍ୱାରା ଜାରି ହୋଇଥିବା ଏହି ପତ୍ରର ସତ୍ୟତା ସ୍ପଷ୍ଟ ହୋଇନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠୁ ଫେସ୍ ସ୍କାନ...

ଡାଟା ମାଧ୍ୟମରେ କରାଯିବ। ଅର୍ଥାତ ୟୁଜର୍ସଙ୍କ ଫେସ୍ କିମ୍ବା ଫିଙ୍ଗରପ୍ରିଣ୍ଟ ସେମାନଙ୍କ ଆଧାର ତଥ୍ୟ ସହ ମେଳ କରାଯିବ। ଏହାପରେ ଯାଇ ପେମେଣ୍ଟକୁ ଅନୁମତି ମିଳିପାରିବ। ବର୍ତ୍ତମାନ ୟୁପିଆଇରେ ୟୁଜର୍ସଙ୍କୁ କାରବାର କରିବା ପାଇଁ ୪ କିମ୍ବା ୬ ଅଙ୍କର ପିନ୍ ଦେବାକୁ ପଡ଼ୁଛି। ନୂଆ ସିଷ୍ଟମ୍‌ଲାଗୁ ହେବା ପରେ ଫେସ୍ ସ୍କାନ କିମ୍ବା ଫିଙ୍ଗରପ୍ରିଣ୍ଟ ସେନ୍ସର ଜରିଆରେ ପେମେଣ୍ଟ ତୁରନ୍ତ ଅଥେଣ୍ଟିକେସନ ବା ଭେରିଫାଏ ହୋଇଯିବ। ଏହାଦ୍ୱାରା ଅଥେଣ୍ଟିକେସନ ସମୟ କମିବ, ସୁରକ୍ଷା ବଢ଼ିବ ଏବଂ ୟୁଜର ଏକ୍ସପିରିଏନ୍ସ ଆହୁରି ସହଜ ହେବ। ବିଶେଷଜ୍ଞଙ୍କ କହିବା ଅନୁସାରେ ବାୟୋମେଟ୍ରିକ ଅଥେଣ୍ଟିକେସନ ଫଳରେ ଠକେଇ ସମ୍ଭାବନା ମଧ୍ୟ କମ୍ ରହିବ। କାରଣ କାହାର ଚେହେରା ଏବଂ ଫିଙ୍ଗରପ୍ରିଣ୍ଟକୁ କପି କରିବା ମୁସ୍କିଲ। ଅବଶ୍ୟ ଡାଟା ସୁରକ୍ଷା ଏବଂ ଗୋପନୀୟତା ସୁନିଶ୍ଚିତ କରିବା ପାଇଁ ଏନପିସିଆଇ ଏବଂ ୟୁଆଇଡିଏଆଇ ମଧ୍ୟରେ ମଜଭୁତ ବୈଷୟିକ ନବାଚାର ପାଳନ କରାଯିବ।

### ସୀମା ଟପିଲାଣି...

ଡକାୟତି, ୨,୫୮୨ ଛିନ୍‌ତାଇ, ୬,୪୦୮ ଚୋରି, ୧୭,୮୦୫ ଚୋରି, ୬,୩୦୭ ଠକେଇ, ୧୪୭୧ ଦଙ୍ଗା, ୩୦୫୪ ବଳାତ୍କାର ଘଟିଛି। ଗତ ୧୦ ମାସରେ ରାଜ୍ୟରେ ସାଢେ ୪ହଜାର ଉପରେ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି। ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବା ବେଳେ ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀକୁ ଗଣଦୁଷ୍କର୍ମ ଘଟଣା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି କରିଛି । ଖୋଦ ରାଜଧାନୀର ଛାତି ଉପରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଶା ବଟିକା ଦେଇ ୩ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ସେପ୍ଟେମ୍ବର ୭ରେ ଅନୁଗୋଳର ଭାଲୁଖାଇ ନାଳରୁ ନିଖୋଜ ନାବାଳିକାର ମୃତଦେହ ମିଳିବା ପଛରେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଅଗଷ୍ଟ ୩୧ରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଡ଼ି ଭିତରେ ଗଣଦୁଷ୍କର୍ମ କରି ରାସ୍ତାରେ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ। ଅଗଷ୍ଟ ୧୮ ରେ ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବା ବେଳେ ଅଗଷ୍ଟ ୧୩ରେ ରାଜନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି।

### କ୍ଷୋଭ ପ୍ରକାଶ...

ନବୀନ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପୋଷ୍ଟ କରି ନବୀନ କହିଛନ୍ତି ଯେ ରାଜ୍ୟରେ ପାର୍ବଣ ଉତ୍ସବର ପରିବେଶ ମଧ୍ୟରେ ଭୟର ବାତାବରଣ, ଲୋକେ ନିଜକୁ ଅସୁରକ୍ଷିତ ଭାବିବା ଆରମ୍ଭ କଲେଣି। ନିଜ ଘର ସାମ୍ନାରେ ଠିଆ ହୋଇଥିବା ସମୟରେ ଗଞ୍ଜାମର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଯେପରି ଗୁଳି କରି ହତ୍ୟା କରାଗଲା ତାହା ଅତ୍ୟନ୍ତ ଜଘନ୍ୟ ଓ ଦୁଃଖଦାୟକ। ଦୁଃଖରେ ଭାଙ୍ଗି ପଡ଼ିଥିବା ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ନବୀନ ଉଲ୍ଲେଖ କରିଛନ୍ତି ଯେ ଏହି ଖବର ସାଧାରଣ ଲୋକଙ୍କୁ ଭୟଭୀତ କରିଦେଇଛି। ସେହିପରି ରାଉରକେଲାରେ ଦୁଷ୍କର୍ମ, କଣାସରେ ଲକ୍ଷ୍ମୀ ବସ୍ ଭିତରେ ଘଟିଥିବା ଅଭାବନୀୟ କାଣ୍ଡ ସାଙ୍ଗକୁ ବାଲେଶ୍ୱରରେ ରାତ୍ରିକାଳୀନ କଟକଣା ସହ ଭାଇଚାରାର ସହର କଟକରେ ସାମ୍ପ୍ରଦାୟିକ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ନିଯୁକ୍ତିରେ ମହାଘୋଟାଲା ଆଶାୟୀ ଯୁବଗୋଷ୍ଠୀଙ୍କ ମନୋବଳ ଭାଙ୍ଗି ଦେଇଥିବା ବେଳେ ସରକାରୀ ନିଯୁକ୍ତିରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାରେ ମଧ୍ୟ ରାଜ୍ୟର ବିଜେପି ସରକାର ଅସମର୍ଥ ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି। ଅପରାଧ ରୋକିବା ପାଇଁ ସରକାର କାହିଁକି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ନବୀନ ପ୍ରଶ୍ନ କରିବା ସହ ଲୋକଙ୍କ ସ୍ୱାର୍ଥ ପାଇଁ ସରକାର ତତ୍ପର ଓ ସଜାଗ ହେବା ଜରୁରୀ ବୋଲି ପରାମର୍ଶ ଦେଇଛନ୍ତି।

### ତଥ୍ୟ ମାଗିଲେ...

ତେବେ କିଛି ପୁରୁଣା ଭୋଟର ବି ରହିଛନ୍ତି। କୋର୍ଟ କହିଲେ, ତାହା ହେଲେ ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କ ସଂପର୍କରେ ମଧ୍ୟ ତଥ୍ୟ ଦେବାକୁ ପଡ଼ିବ। ସେପ୍ଟେମ୍ବର ୩୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି ଏବଂ ସମସ୍ତ ତଥ୍ୟ କମିସନଙ୍କ ପାଖ ।।ରେ ରହିବା ସ୍ୱାଭାବିକ। ତେଣୁ ଆସନ୍ତା ୯ତାରିଖ ସୁଦ୍ଧା ତୁଳନାତ୍ମକ ତଥ୍ୟ ଦାଖଲ କରାଯିବା ଆବଶ୍ୟକ। ଜଷ୍ଟିସ ବାଗଚି କହିଲେ ଯେ ଏସ୍‌ଆଇଆର୍ ମାମଲାରେ କୋର୍ଟ ହସ୍ତକ୍ଷେପ କରିବା ପରେ ସ୍ୱଚ୍ଛତା ବଢ଼ିଛି, କିନ୍ତୁ ବିଭ୍ରାନ୍ତି ରହିଛି। ବିଶେଷ କରି ଯେଉଁମାନଙ୍କର ନାମ ଯୋଡ଼ାଯାଇଛି, ସେମାନଙ୍କୁ ନେଇ ଦ୍ୱନ୍ଦ୍ୱ ରହିଛି। ତେଣୁ ଯୋଡ଼ି ହୋଇଥିବା ଭୋଟରଙ୍କ ନାମ ସହିତ ସେମାନଙ୍କର ପରିଚୟ ସଂପର୍କରେ ତଥ୍ୟର ଯାଞ୍ଚ ଜରୁରି ହୋଇପଡ଼ିଛି।

ଚୂଡ଼ାନ୍ତ ଭୋଟର ତାଲିକାର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ମଗଧ ଡିଭିଜନରେ ସର୍ବାଧିକ ଭୋଟର ଯୋଡ଼ି ହୋଇଥିବା ବେଳେ ମୁସଲିମ ବହୁଳ ସୀମାଞ୍ଚଳ ଅଞ୍ଚଳରେ ସର୍ବାଧିକ ଭୋଟରଙ୍କ ନାମ କଟାଯାଇଛି। ଏସ୍‌ଆଇଆର୍‌କୁ ଚାଲେଞ୍ଜ କରି ପିଟିସନ ଦାଖଲ କରିଥିବା ବିଭିନ୍ନ ଦଳ ଓ ସଂଗଠନ ଅଭିଯୋଗ କରିଛନ୍ତି ଯେ ଦଳିତ, ଗରିବ ଓ ମୁସଲିମ ଭୋଟରଙ୍କ ନାମ କାଟିବା ଉଦ୍ଦେଶ୍ୟରେ କ୍ଷମତାସୀନ ଦଳ ଇଙ୍ଗିତରେ ନିର୍ବାଚନ କମିସନ ଏଭଳି ପ୍ରକ୍ରିୟା ଆରମ୍ଭ କରିଥିଲେ। ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଥିଲେ ଯେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଟିକିଏ ବି ତ୍ରୁଟି ହୋଇଥିବା ଧରାପଡ଼ିଲେ, ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ।

ସୂଚନାଯୋଗ୍ୟ ଯେ ଏସ୍‌ଆଇଆର୍‌କୁ ନେଇ ମାମଲା ସୁପ୍ରିମ କୋର୍ଟଙ୍କ ବିଚାରାଧୀନ ଥିବା ବେଳେ ନିର୍ବାଚନ କମିସନ ଗତକାଲି ବିହାର ବିଧାନସଭା ନିର୍ବାଚନ ଲାଗି ତାରିଖ ଘୋଷଣା କରିଛନ୍ତି। ଆସନ୍ତା ନଭେମ୍ବର ୬ ଓ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ ଏବଂ ୧୪ ତାରିଖରେ ଫଳାଫଳ ଘୋଷଣା କରାଯିବ।

### ପୁଲିସ ସ୍କାନରରେ...

କିଛି ସମୟ ପୂର୍ବରୁ ପୀତବାସଙ୍କ ଫୋନ୍‌କୁ ୪ଟି ନମ୍ବରରୁ କଲ୍ ଆସିଥିଲା। ସେହି ୪ଜଣ ବ୍ୟକ୍ତି କିଏ? ସେମାନଙ୍କ ସହିତ କ'ଣ କଥା ହୋଇଥିଲେ? ଏହି ୪ଜଣଙ୍କ ମଧ୍ୟରେ ରହିଛି କି ଗୁଳିକାଣ୍ଡର ମାଷ୍ଟରମାଇଣ୍ଡ? ଏଭଳି ବହୁ ଦିଗକୁ ଦୃଷ୍ଟିରେ ରଖି ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରଖିଛି। ଘଟଣାରେ ପୁଲିସ ଏକାଧିକ ଯୁବକଙ୍କୁ ସନ୍ଦେହରେ ଅଟକ ରଖି ଜେରା କରୁଛି। ପୀତବାସଙ୍କ ହତ୍ୟା ପଛରେ କାରଣ କ'ଣ ତାହା ସ୍ପଷ୍ଟ ହୋଇପାରୁନି। ବୃତ୍ତିଗତ ନା ରାଜନୈତିକ କିମ୍ବା ବ୍ୟକ୍ତିଗତ ଅଥବା ପୂର୍ବଶତ୍ରୁତାରୁ ହତ୍ୟା କରାଗଲା ସେନେଇ ପୁଲିସ ଖୋଳତାଡ଼ ଚଳାଇଛି। ଏପରିକି ସେ ସୂଚନା ଅଧିକାର କର୍ମୀ ଭାବେ ଅନେକ ଦୁର୍ନୀତିର ପର୍ଦ୍ଦାଫାସ୍ କରୁଥିବାରୁ ସେ ଦିଗକୁ ନେଇ ମଧ୍ୟ ପୁଲିସ ତଦନ୍ତ କରୁଛି।

ସୋମବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ପୀତବାସଙ୍କ ମୃତଦେହକୁ ଏମକେସିଜି ମେଡ଼ିକାଲରେ ବ୍ୟବଚ୍ଛେଦ କରାଯାଇଥିଲା। ବ୍ୟବଚ୍ଛେଦ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି। ଗୁଳିମାଡ଼ ଯୋଗୁଁ ନୁହେଁ ବରଂ ଛାତିରେ ଗୁଳିମାଡ଼ ପରେ ସେ ଛାନିଆଁ ହୋଇଯାଇଥିଲେ ଏବଂ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ଘଟିଛି। ପୀତବାସଙ୍କ ଡ଼ାହାଣ ଛାତିର ଉପର ଭାଗରେ ଗୁଳି ଭେଦ କରି ସ୍ୱାଇନାଲ କଲମ ନିକଟରେ ଅଟକି ରହିଥିଲା। ତାହାକୁ ବ୍ୟବଚ୍ଛେଦ ସମୟରେ ବାହାର କରାଯାଇଥିବା କହିଛନ୍ତି ଏମ୍‌କେସିଜି ମେଡ଼ିକାଲ ଏଫ୍‌ଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ାକ୍ତର ସୁଦୀପା ଦାସ। ଜଣେ ଆଇନଜୀବୀଙ୍କୁ ଏଭଳି ବିଚ୍ ରାସ୍ତାରେ ଗୁଳିମାଡ଼ କରିବା ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଏହାକୁ ନେଇ ବୁଧବାର ରାଜ୍ୟବ୍ୟାପୀ ଓକିଲଙ୍କ ପକ୍ଷରୁ କଲମ ଛାଡ ଆନ୍ଦୋଳନର ଡାକରା ଦିଆଯାଇଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରିଫ କରିବା ସହ ବିଚାର ବିଭାଗୀୟ ତଦନ୍ତ ପାଇଁ ମହଲତ ଦିଆଯାଇଥିବା କହିଛନ୍ତି ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମହୋନ ଦ୍ୱିବେଦୀ।

ଛାତ୍ର ଜୀବନରୁ କମ୍ୟୁନିଷ୍ଟ ଚିନ୍ତାଧାରରେ ପ୍ରଭାବିତ ହୋଇ ପୀତବାସ ଅଖିଳ ଭାରତୀୟ ଛାତ୍ର ଫେଡେରେସନର ଜଣେ ସକ୍ରିୟ କର୍ମୀ ଓ କର୍ମକର୍ତ୍ତା ଭାବେ କାର୍ଯ୍ୟ କରୁଥିଲେ। ଜଣେ ଆଗ ଧାଡ଼ିର ଛାତ୍ରନେତା ଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନର ସମ୍ପାଦକ ନିର୍ବାଚିତ ହୋଇଥିଲେ। ପରେ ସକ୍ରିୟ ରାଜନୀତିରେ ପ୍ରବେଶ କରି କଂଗ୍ରେସରେ ସାମିଲ ହୋଇ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଓ ରାଜ୍ୟ ମୁଖପାତ୍ର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଗତ ନିର୍ବାଚନରେ ସର୍ବାଧିକ ଭୋଟ ପାଇ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଭାବେ ନିର୍ବାଚିତ ମଧ୍ୟ ହୋଇଥିଲେ। ଗତ ସାଧାରଣ ନିର୍ବାଚନ ସମୟରେ ପୀତବାସ ବିଜେପିରେ ଯୋଗଦେଇ ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପାଇଁ ପ୍ରଚାର କରି ତାଙ୍କ ନିକଟତର ହୋଇଥିଲେ।

### ରାଜ୍ୟରେ ଆଇନଜୀବୀଙ୍କ...

କ୍ଷତିପୂରଣ ରାଶି ପ୍ରଦାନ ଏବଂ ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ କାଉନସିଲ ତରଫରୁ ଦାବି କରାଯାଇଛି।

ଅନ୍ୟପଟେ, ଜଣେ ଆଇନଜୀବୀଙ୍କୁ ତାଙ୍କ ଘର ସମ୍ମୁଖରେ ଯେପରି ହତ୍ୟା କରାଗଲା, ତାହା ଦୁର୍ଭାଗ୍ୟଜନକ। ଏଣୁ ଆଇନଜୀବୀ ସୁରକ୍ଷା ଆଇନ ଅନୁସାରେ ଆଇନଜୀବୀମାନଙ୍କ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସରକାରଙ୍କ ନିକଟରେ କାଉନସିଲ ଦାବି ଉପସ୍ଥାପନ କରିଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ବିଚାରପତି, ଆଇନ ମନ୍ତ୍ରୀ ଓ ବାର କାଉନସିଲ ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କୁ ରାଜ୍ୟ ବାର କାଉନସିଲ ପକ୍ଷରୁ ଗୃହୀତ ହୋଇଥିବା ପ୍ରସ୍ତାବ ସଂକ୍ରାନ୍ତରେ ଅବଗତ କରଯାଇଛି। ରାଜ୍ୟ ବାର କାଉନସିଲର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ସ୍ୱର୍ଗତ ପଣ୍ଡାଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ମଧ୍ୟ ଜ୍ଞାପନ କରିଛନ୍ତି। ଏହି ହତ୍ୟା ଘଟଣାକୁ ବାର କାଉନସିଲ ଅଫ ଇଣ୍ଡିଆ (ବିସିଆଇ) ମଧ୍ୟ ନିନ୍ଦା କରିଛି। ଏନେଇ ବିସିଆଇ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ରାଜ୍ୟ ବାର କାଉନସିଲର ଜଣେ ସଦସ୍ୟଙ୍କୁ ଗୁଳି କରି ହତ୍ୟା କରାଯିବା ନେଇ ସମଗ୍ର ଦେଶରେ ଆଇନଜୀବୀ ମାନେ ସ୍ତବ୍ଧ। ଏଣୁ ଏହି ଘଟଣାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପୂର୍ବକ ଦୋଷୀକୁ ଗିରଫ କରିବା ସହ ୭୨ଘଣ୍ଟା ମଧ୍ୟରେ ଏହାର ସ୍ଥିତି ସମ୍ପର୍କରେ ଜଣାଇବାକୁ ବିସିଆଇ କହିଛି।

### ଘାସିରାମ କଂଗ୍ରେସର...

ପ୍ରାର୍ଥିତ୍ୱ ସମ୍ପର୍କରେ ବିଧିବଦ୍ଧ ସୂଚନା ଦିଆଯାଇଛି। ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଘାସିରାମ ମାଝୀ ୫୦ ହଜାର ୯୪୧ ଖଣ୍ଡ ଭୋଟ ପାଇଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ତଥା ତତ୍‌କାଳୀନ ପିସିସି ସଭାପତି ଶରତ ପଟ୍ଟନାୟକ ୧୫ ହଜାର ଭୋଟ ପାଇଥିଲେ। ଏହି ଦୁଇଜଣଙ୍କ ଭୋଟ୍ ମିଶାଇଲେ ୬୫ ହଜାର ଭୋଟ୍ ହେଉଛି। ମାତ୍ର ଏହି ଆସନରୁ ୨୦୨୪ରେ ନିର୍ବାଚନ ଜିତିଥିବା ରାଜେନ୍ଦ୍ର ଢୋଲକିଆ ୬୧ ହଜାର ଭୋଟ ପାଇ ବିଜୟୀ ହୋଇଥିଲେ। କଂଗ୍ରସ ଘାସିରାମଙ୍କୁ ଏଠାରୁ ପ୍ରାର୍ଥୀ କରିବା ସହ ପ୍ରଥମ ରାଜନୈତିକ ଦଳ ଭାବେ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟପଟେ ଗତ କିଛି ଦିନ ପୂର୍ବରୁ ଘାସିରାମ ମାଝୀଙ୍କୁ ନୂଆପଡ଼ା ଜିଲ୍ଲା କଂଗ୍ରେସ ସଭାପତି ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ଏହିସବୁ ଦିଗକୁ ଆଧାର କରି କଂଗ୍ରେସ ଏହି ଆସନ ଦଖଲ କରିବା ନେଇ ସମ୍ପୂର୍ଣ୍ଣ ଆଶାବାଦୀ ରହିଛି।

ଘାସିରାମଙ୍କୁ ପ୍ରାର୍ଥୀ କରିବା ସହ ଦଳ ସୋମବାର ସେଠାରେ ନ୍ୟାୟ ସମାବେଶ କରିଛି। ସେଠାରେ ପିସିସି ସଭାପତି ଆଗୁଆ ଘାସିରାମଙ୍କ ସପକ୍ଷରେ ଭୋଟ୍‌ଭିକ୍ଷା ମଧ୍ୟ କରିଦେଇଛନ୍ତି। ଏହି ସମାବେଶରେ ଭକ୍ତ କହିଛନ୍ତି ଯେ ଅନ୍ୟ ଦଳ ଭଳି କଂଗ୍ରେସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ନିର୍ବାଚନ ଲଢ଼ିବ ନାହିଁ। ଘାସିରାମ ମାଝୀ ଜଣେ ଅତ୍ୟନ୍ତ ପରୋପକାରୀ ଏବଂ ସାମାଜିକ ନ୍ୟାୟ ପାଇଁ ସଂଘର୍ଷଶୀଳ ନେତା। ଆମେ ସମସ୍ତେ ମିଶି ଲଢେଇ କରି ଜନସାଧାରଣଙ୍କ ପ୍ରିୟ ଭାଜନ ହୋଇ କଂଗ୍ରେସକୁ ଜୟଯୁକ୍ତ କରିବୁ।

### କାତ ପାଉନାହିଁ...

ବ୍ୟବସ୍ଥା କରାଯାଇଛି; ଅଥବା ପରୀକ୍ଷା ପରିଚାଳନାକୁ ଆଇଟିଲିମିଟେଡ୍‌କୁ ପ୍ରଦାନ କରି ଓପିଆର୍‌ବି ଏହାର ତତ୍ତ୍ୱାବଧାନରେ ଅତ୍ୟନ୍ତ ଦାୟିତ୍ୱହୀନ ଆଚରଣ ପ୍ରଦର୍ଶନ କରିଛି। ପରୀକ୍ଷା ପ୍ରଶ୍ନ ଅଭ୍ୟାସ ପାଇଁ ଯାଉଥିବା ପରୀକ୍ଷାର୍ଥୀମାନଙ୍କଠାରୁ ଏଯାଏ ଯେଉଁ ତଥ୍ୟ ମିଳିଛି ତାହା କ୍ରାଇମବ୍ରାଞ୍ଚକୁ କେବଳ ଶଙ୍କର ପୃଷ୍ଟି ଓ ମୁନା ମହାନ୍ତି ପର୍ଯ୍ୟନ୍ତ ପହଞ୍ଚାଇବାକୁ ସମର୍ଥ ହୋଇଛି । ମାତ୍ର କାହା ଛତ୍ରଛାୟାରେ ଥାଇ ଶଙ୍କର ଓ ମୁନା ଏପରି ଏକ ଜଘନ୍ୟ କାଣ୍ଡ ଘଟାଇବାକୁ ସମର୍ଥ ହୋଇଛନ୍ତି, ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ସୂଚନା ପାଇନାହିଁ । ତେବେ ଏହି ଘଟଣାରେ ସମ୍ପୃକ୍ତ କୁହାଯାଉଥିବା ଆଉ ୨ ଜଣଙ୍କୁ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଓ ଭୁବନେଶ୍ୱରରୁ ଉଠାଇ ଆଣିଛି। ଏମାନେ ଚାକିରି ପାଇଁ ପିଲା ଯୋଗାଡ଼ ଦାୟିତ୍ୱ ନେଇଥିବା ସୂଚନା ମିଳିଛି । ତେବେ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସଂସ୍ଥା ସହ ଓପିଆର୍‌ବିର କିଛି କର୍ମଚାରୀଙ୍କ ସମ୍ପର୍କ ଥିବା ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ସୁରାକ ପାଇଛି। ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିବା ସିଲିକନ୍ ଟେକ୍ ଏବଂ ପଞ୍ଚସଫ୍ଟ ଟେକ୍ନୋଲୋଜିର ଅଫିସକୁ କିଛି ପୁଲିସ ଅଧିକାରୀ ନିୟମିତ ଯାଉଥିବା ସଂକ୍ରାନ୍ତ ସୂଚନା ଉପରେ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି।

ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ଆଉଟସୋର୍ସି କମ୍ପାନୀକୁ ନ ଦେବା ଲାଗି ଗତ ମାସ ୨୨ ତାରିଖରେ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଥିଲେ। ଏହି ସମୟରେ ଓପିଆର୍‌ବି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ସିଲିକନ୍ ଟେକ୍‌ଲାବ ଓ ପଞ୍ଚ ସଫ୍ଟ ସମ୍ପର୍କରେ କାହିଁକି ସମୀକ୍ଷା କଲାନାହିଁ ବୋଲି ପ୍ରଶ୍ନ ଉଠିଛି । ସେହିପରି ପୁଲିସ ସବ୍ ଇନ୍ସପେକଟର ପାଇଁ ଥିବା ପରୀକ୍ଷା ଢାଞ୍ଚାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ପୂର୍ବରୁ ଓଡିଶା ଷ୍ଟାଫ୍ ସିଲେକସନ୍ କମିଶନ ଏସ୍‌ଆଇ ପରୀକ୍ଷା କରୁଥିଲା। ଏଥିରେ ପ୍ରିଲିମନାରୀ, ଫିଜିକାଲ ଟେଷ୍ଟ , ମେନ୍ ପରେ ମୌଖିକ ଏବଂ ଭଏସ କରାଯାଇ ଫାଇନାଲ ତାଲିକା ପ୍ରକାଶ କରାଯାଉଥିଲା। ମାତ୍ର ଏବେ କେବଳ ଗୋଟିଏ ଲିଖିତ ପରୀକ୍ଷା ପରେ ଶାରିରୀକ ପରୀକ୍ଷା କରାଯାଇ ଏସଆଇ ନିଯୁକ୍ତିକୁ ନେଇ ପ୍ରଶ୍ନ ଉଠିଛି ।

### ହଟିଲା କର୍ଫ୍ୟୁ...

ରଖାଯାଇଛି। ସହରରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାକୁ ପୁଲିସ କମିଶନର ଏସ. ଦେବଦତ୍ତ ସିଂ ନିବଦେନ କରିଛନ୍ତି। ଡିସିପିଙ୍କ କାର୍ଯ୍ୟାଳୟରେ ପୁଲିସ କମିଶନର ଦେବଦତ୍ତ ସିଂ କହିଛନ୍ତି ଯେ କଟକରେ ଏବେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ଏହାକୁ ଦୃଷ୍ଟିରେ ରଖି କର୍ଫ୍ୟୁକୁ ହଟାଇ ଦିଆଯାଇଛି। ୩୬ଘଣ୍ଟା ସମ୍ପୂର୍ଣ୍ଣ ଭାବେ ଶାନ୍ତିପୂର୍ଣ୍ଣ ଭାବେ ବିତିଛି। ପରିସ୍ଥିତିର ଅନୁଧ୍ୟାନ କରାଯାଉଛି। ବିଭିନ୍ନ ସ୍ଥାନଗୁଡ଼ିକରେ ପୁଲିସର ପାଟ୍ରୋଲିଂ ଜାରି ରହିବ। ସୋସିଆଲ ମିଡିଆକୁ ସ୍ୱତନ୍ତ୍ର ଭାବେ ମନିଟରିଂ କରାଯାଉଛି। ଯେକୌଣସି ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଲେ, ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଶ୍ରୀ ସିଂ ଚେତାବନୀ ଦେଇଛନ୍ତି।

ଡିସିପିଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ୍ କାର୍ଯ୍ୟକ୍ଷମ ହେଉଛି। ସେଠାରେ ଫେସବୁକ୍, ଇନ୍‌ଷ୍ଟାଗ୍ରାମ, ହ୍ୱାଟସଆପ୍ ଏବଂ ଏକ୍ସ ଆକାଉଣ୍ଟଗୁଡ଼ିକୁ ଯାଞ୍ଚ କରାଯାଉଛି। ଅପପ୍ରଚାରକାରୀଙ୍କ ଉପରେ ପୁଲିସ ସ୍ୱତନ୍ତ୍ର ଦୃଷ୍ଟି ରଖିଛି। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ କହିବା ଅନୁଯାୟୀ, ଆଗକୁ କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ଆସୁଥିବା ବେଳେ ଏହାକୁ ଶାନ୍ତିପୂର୍ଣ୍ଣ ଭାବେ କରାଯିବା ନେଇ କଟକ ମହାନଗର ଶାନ୍ତି କମିଟି ଓ ପୂଜା କମିଟିଗୁଡ଼ିକ ସହ ଆଲୋଚନା କରାଯିବ। ଯେପରି ଏଭଳି ପରିସ୍ଥିତି କେବେ ନ ଉପୁଜେ, ସେଥିପାଇଁ ସମସ୍ତ ପ୍ରସ୍ତୁତି କରାଯିବ ବୋଲି ଡିସିପି କହିଛନ୍ତି।

### ସରକାରଙ୍କ ସିନ୍ଦୁକରେ...

ମାତ୍ର ୭.୬ ପ୍ରତିଶତ ରହିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ, ଶିଳ୍ପ, ଏମଏସଏମଇ, ଗ୍ରାମ୍ୟ ଉନ୍ନୟନ ଇସ୍ପାତ ଓ ଖଣି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଜଳସମ୍ପଦ, ବାଣିଜ୍ୟ, ପର୍ଯ୍ୟଟନ ପରି ବିଭାଗ ଗୁଡ଼ିକର ଖର୍ଚ୍ଚ ୨୫ ପ୍ରତିଶତରୁ କମ୍ ରହିଛି। ଏହିସବୁ ବିଭାଗ ଗୁଡ଼ିକ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା କାର୍ଯ୍ୟନ୍ୱୟନ ସହ ଭିତ୍ତିଭୂମି ବିକାଶ ଏବଂ ସାମାଜିକ କ୍ଷେତ୍ରରେ ବ୍ୟୟ ବୃଦ୍ଧି ପାଇଁ ବଡ଼ ଭୂମିକା ଗ୍ରହଣ କରିଥାନ୍ତି। ମାତ୍ର ଏସବୁ ବିଭାଗ ଗୁଡ଼ିକର ପ୍ରଦର୍ଶନ ଆଦୌ ସନ୍ତୋଷଜନକ ନୁହେଁ। ସରକାରଙ୍କୁ ଯଥାଶୀଘ୍ର ଏଦିଗରେ ଆତ୍ମସମୀକ୍ଷା ଜରୁରୀ ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ତେବେ ଏହି ଅବଧି ମଧ୍ୟରେ ଅର୍ଥ, ପୂର୍ତ୍ତ, ଅବକାରୀ, ସ୍କୁଲ ଓ ଗଣଶିକ୍ଷା, କୃଷି, ମହିଳା ଓ ଶିଶୁ ବିକାଶ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ପରି ବିଭାଗ ଗୁଡ଼ିକ ଭଲ ପ୍ରଦର୍ଶନ କରିଛନ୍ତି। ଏପରିକି କେତେକ ବିଭାଗ ନିର୍ଦ୍ଧାରିତ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ ସୀମାକୁ ମଧ୍ୟ ଅତିକ୍ରମ କରିଥିବା ଜଣାପଡ଼ିଛି। ଆସନ୍ତା ଡିସେମ୍ବର ସୁଦ୍ଧା ସରକାର ମୋଟ ବଜେଟ ଆବଣ୍ଟିତ ଅର୍ଥର ୬୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଯାବତ୍ ମାତ୍ର ୨୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଥିବା ବେଳେ ଆସନ୍ତା ୪ ମାସରେ ୩୩ ପ୍ରତିଶତ ଅର୍ଥ କିପରି ଖର୍ଚ୍ଚ ହୋଇପାରିବ, ସେନେଇ ଅର୍ଥନୀତି ବିଶେଷଜ୍ଞ ଚିନ୍ତା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗ ସମ୍ଭାଳୁଥିବାରୁ ପ୍ରତିଟି ବିଭାଗର ପ୍ରଦର୍ଶନକୁ ନିଜେ ତଦାରଖ କରିବା ଜରୁରୀ। ବିଶେଷକରି ବିଭାଗଗୁଡ଼ିକ ଅର୍ଥ ଖର୍ଚ୍ଚ କରିବାରେ କେଉଁଠି ପ୍ରତିବନ୍ଧକର ସାମ୍ନା କରୁଛନ୍ତି, ତାହାର ଚିହ୍ନଟ ସହ ନିରାକରଣ ଯଥାସମ୍ଭବ ହେବା ଆବଶ୍ୟକ। ନହେଲେ ବଜେଟ ଆକାର ବୃଦ୍ଧିର କୌଣସି ଅର୍ଥ ରହିବ ନାହିଁ ବୋଲି ଅର୍ଥନୀତି ମହଲରେ ମତପ୍ରକାଶ ପାଇଛି।


**AFFIDAVIT**

I RADHA NARAYANSETTY, W/O.: SANTOSH KUMAR NARAYANSETTY, AT-SHRIDISAI NAGAR, PO/PS/DIST- NABARANGPU-764059, DECLARE BY THIS AFFIDAVIT NO - 33160, DATE- 06.10.2025. THAT NOW ONWARDS, I SHALL BE KNOWN AS **RADHA GEMBALI** FOR ALL FUTURE PURPOSES.

**AFFIDAVIT**

I, Priti Ranjan Das, S/o-Kshirod Prasad Das, resident at Naulo, Po/ Arodai,Ps- Tirtol, Dist- Jagatsinghpur, Pin-754138 Odisha declare by this affidavit No. 1577, dtd-06/10/2025 that my wrong name in passport is corrected from Pritiranajan das to **Priti Ranjan Das.**

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 06.10.2025, I Daka Behera S/o- Sibaram Behera resident at Haladipadia Basti, Po-Laxmisagar, Bhubaneswar, Dist- Khurda, Odisha, PIN-751006, declare that I have changed my name from Dak Behera to Daka Behera. Henceforth, He shall be known as **DAKA BEHERA** for all future purposes.

**AFFIDAVIT**

I, Ajaya Kumar Chhotaray, aged about 45 years, S/o-nimei Charan Chhotray, resident of At-Kadalibari, Po- Daleiput, Ps- Khurda Sadar, Dist-Khurda, Odisha, Pin-752056 declare by this affidavit No. 2023, dtd-06/10/2025, that now onwards I shall be known as **AJAY KUMAR CHHOTRAY** for all future purposes.

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 24/03/2025. I, **Sushree Sangita Mishra,** aged about 33 years, W/O-Babuli Kumar Sarangi, D/O-Naba Kishor Mishra, resident of AT/PO/PS: Titilagarh (Hatpada Pada), Dist- Bolangir, (Odisha), PIN- 767033 declare that I have changed my name from **Sangita Sarangi** (old name) to **Sushree Sangita Mishra** (new name). Henceforth, I shall be known as **Sushree Sangita Mishra** (new name) for all purposes.

**Sushree Sangita Mishra**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.ETCECONIBBS 2025044, ତା.25.09.2025ରିଖ

କାର୍ଯ୍ୟର ନାମ : ... R1 ଠାରୁ R5 ... (Ballast less) ...

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 1999.38 ଲକ୍ଷ, EMD (ଟଙ୍କାରେ): 11,49,700/-, ... 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.28.10.2025 ରିଖ 1200 ଘଣ୍ଟିକାରେ।

... (Firm) ... www.ireps.gov.in ... 15(ପନ୍ଦର) ଦିନ ... IREPS ... ଅନୁଲଗ୍ନକ-B ... ଅନୁଲଗ୍ନକ-I ... 3.1 ...

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-123/CI/25-26

**AFFIDAVIT**

I ALLHADINI DASH, W/o. RADHA KRISHNA DASH resident of Main Road, PO.- Kolnara, Ps.- Chandili, Dist.- Rayagada, Pin - 765017, Odisha declare by this Affidavit No. 1467, Dated - 03/10/2025, that now onwards I shall be known as **ALHADINI DASH** for all future purpose.

**Notice (for Minor)**

By virtue of an affidavit sworn before Executive Magistrate, Keonjhar, dated 10th September 2025. I, **Deepak Dehury,** Address: At/Po-Khuntapada, Ps-Telkoi, Dist-Keonjhar, Odisha, India, Pin Code-758019 declare that I have changed the name of my daughter from **Ruby Dehury** to **Khusi Dehury.** Henceforth, she shall be known as Khusi Dehury for all purposes.

**Sd/- Deepak Dehury**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit vide No.3734, sworn before the Executive Magistrate and Tahasildar, Basta, Balasore, on dtd- 25/09/2025, I, Husani Khan W/O- Mahibu Khan of At/Po-Lachhmankhunta, Ps- Basta, Dist- Balasore, declare that in ROR vide Mouza-Lachhmankhunta, Ps- Basta Khata No. 341 mentioned as Hossain Khan, W/O- Majabu Khan. Both Husani Khan W/O-Mahibu Khan and Hossain Khan W/O- Majabu Khan of above mentioned address is same and one person for all future propose.

**AFFIDAVIT**


I, Shaik Haidar Ali, S/o-Sekh Ajagar Alli, resident of At/Po-Rasulpur, Dist-Jagatsinghpur, PIN-754104, Odisha declared by this affidavit No. 70AA 787471, dtd-03/10/2025 that now onwards I shall be known as **SK HAIDER ALI** for all future purposes.

**AFFIDAVIT**


I, Shaik Didar Ali, S/o-Sk Haider Ali, resident of At/Po- Rasulpur, Dist-Jagatsinghpur, PIN-754104, Odisha declared by this affidavit No. 70AA 787470, dtd-03/10/2025 that now onwards I shall be known as **SHAIKH DIDAR ALI** for all future purposes.

# ଗଜଲକ୍ଷ୍ମୀ ପୂଜା ପାଇଁ ଜିଲ୍ଲା ଉତ୍ସବମୁଖର


ବ୍ରାହ୍ମଣ ସାହି


ବିରାଟ ବଜାର


ବେହେରା ସାହି


ସାମଲ ସାହି


କଳିଙ୍ଗ ବଜାର


ଓଟିଏମ୍ ବଜାର


ତଳ ବଜାର

**● ଚୌଦ୍ୱାରରେ ପ୍ରସିଦ୍ଧ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ**
**● କଳିଙ୍ଗ ବଜାରରେ ମା'ଙ୍କ ଚାନ୍ଦି ମୁକୁଟ**

**ଚୌଦ୍ୱାର,୭।୧୦(ସମିସ):** ପବିତ୍ର କୁମାରୋତ୍ସବ ଅବସରରେ ଚୌଦ୍ୱାରରେ ମା' ମହାଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା ଓ ମନ୍ତ୍ରଧ୍ୱନି ଭିତରେ ଆବାହନ କରାଯାଇଛି। କଳିଙ୍ଗ ବଜାର, ଗାନ୍ଧୀଛକ, ବ୍ରାହ୍ମଣ ସାହି, ଗଜଲକ୍ଷ୍ମୀ ସାହି, ବନିକା, ଶିବାଜୀ ନଗର ଆଦି ମଣ୍ଡପ ମାନଙ୍କରେ ନିର୍ମିତ ମହାଲକ୍ଷ୍ମୀଙ୍କ ମୃଣ୍ମୟ ପ୍ରତିମାର ପୂଜାର୍ଚ୍ଚନା ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ କଳିଙ୍ଗ ବଜାର ପୂଜା କମିଟି ତରଫରୁ ପ୍ରାୟ ୮ଲକ୍ଷ ଟଙ୍କା ବ୍ୟୟରେ ଚାନ୍ଦି ମୁକୁଟ ନିର୍ମାଣ କରାଯାଇଛି। ମଙ୍ଗଳବାର କମିଟି ତରଫରୁ ଦହିପଖାଳ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଭକ୍ତ ଦହିପଖାଳ ଖାଇଥିଲେ। କମିଟି ସଭାପତି ପ୍ରଶାନ୍ତ ସାହୁ, ରମେଶ ନାୟକ, ମାନସ ସାହୁ, ପ୍ରଭାକର ସାହୁ, ମାନସ ପରିଡା, ସୋରେନ ବେହେରା, ଶୁକାନ୍ତ ସାହୁ, ସରୋଜ ସାହୁ, ସଞ୍ଜୟ ନାୟକ, ହୃଦୟ ବଲ୍ଲଭ ସାହୁ, ବିମଳ ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଞ୍ଜୟ ଦାସ, ବସନ୍ତ ମହାପାତ୍ର ହୋମଯଜ୍ଞ କରିଥିଲେ। ରୂପଯାତ୍ରା ପାଇଁ ସମଗ୍ର ଚୌଦ୍ୱାର ଅଞ୍ଚଳକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଅଞ୍ଚଳର ସାହି ବସ୍ତିରେ କୁମାରୋତ୍ସବ ମଧ୍ୟ ଜାକଜମକରେ ପାଳିତ ହୋଇଛି। ପ୍ରଭାତରେ କୁଆଁରୀ ଝିଅମାନେ ଏକତ୍ରିତ ହୋଇ ଚଉଁରାମୂଳରେ ପୂଜାର୍ଚ୍ଚନା କରି ଭୋଗ ଲାଗି କରିଥିଲେ। ସଂଧ୍ୟାରେ ଚାନ୍ଦ ବନ୍ଦାପନା ସହିତ କୁଆଁର ପୁନେଇଁ ଗୀତ ସାଙ୍ଗକୁ ନାନା ରକମର ଖେଳରେ ଝିଅମାନେ ମଜ୍ଜିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଆନୁଷ୍ଠାନିକ ଭାବେ ରୂପଯାତ୍ରାର ଉଦ୍‌ଘାଟନ ସହିତ ୩ଦିନ ଧରି ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୯ ତାରିଖରେ ମେଢ଼ ଶୋଭାଯାତ୍ରା ଓ ୧୦ ତାରିଖରେ ଭସାଣ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଯାତ୍ରା କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

**ତ୍ରିଶୂଳିଆ:** ବାରଙ୍ଗ ବ୍ଲକ ଅନ୍ତର୍ଗତ କୁହ୍ନେଇଁପଡା ଗ୍ରାମପଞ୍ଚାୟତର ବ୍ରାହ୍ମଣୀ ଗାଁରେ ବହୁ ଆଡମ୍ବରରେ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି। ବ୍ରାହ୍ମଣୀ ଗାଁ ପୂଜାକମିଟି ଦ୍ୱାଦଶତମ ବାର୍ଷିକ ମା' ଗଜଲକ୍ଷ୍ମୀଙ୍କ ପୂଜା ହେଉଥିବାରୁ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଗଜଲକ୍ଷ୍ମୀଙ୍କର ୫ ଦିନ ବ୍ୟାପି ପୂଜା କରାଯିବାର ଗ୍ରାମ୍ୟ କମିଟି ସୂଚନା ଦେଇଛନ୍ତି। ମଙ୍ଗଳବାର, ବୁଧବାର ଦିନ ସୂର୍ଯ୍ୟପୂଜା, ଗୀତାପାଠ, ଅଗ୍ନିସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଛି। ଗୁରୁବାର ଗୋ ପୂଜା ଯଜ୍ଞ ପୂର୍ଣ୍ଣାହୁତି କରାଯାଇ ଶୁକ୍ରବାର ମା'ଙ୍କ ଭସାଣ ଉତ୍ସବ ହେବ ବୋଲି ବ୍ରାହ୍ମଣୀ ଗାଁ ପୂଜା କମିଟି ସଦସ୍ୟମାନେ ସୂଚନା ଦେଇଛନ୍ତି। ପୂଜାରେ ଉମେଶ ଚନ୍ଦ୍ର ସ୍ୱାଇଁ ତାଙ୍କ ସହଧର୍ମିଣୀ ସସ୍ମିତା ସ୍ୱାଇଁ କର୍ତ୍ତା ଥିବା ବେଳେ ପୂଜା ମଣ୍ଡପ ନିକଟରେ ପ୍ରତ୍ୟେକ ଦିନ ପୀଠରେ ମା'ଙ୍କ ପ୍ରସାଦ ସେବନ ସହିତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି।


ତ୍ରିଶୂଳିଆ


ଆଠଗଡ଼


**କିଶନନଗର:** କଟକ ସଦର ଅନ୍ତର୍ଗତ ପାରାବିଲ ଗ୍ରାମର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ସୋମବାର ରାତିରେ ଆଧ୍ୟାତ୍ମିକ ପରିବେଶ ଓ ମହାସମାରୋହରେ ଆରମ୍ଭ ହୋଇଯାଇଛି। ପ୍ରତିକୂଳ ପାଗ ସତ୍ତ୍ୱେ ପୂଜା ମଣ୍ଡପରେ ମା'ଙ୍କ ଚକ୍ଷୁଦାନ କରାଯାଇ ଯଥାବିଧି ପୂଜା କାର୍ଯ୍ୟକ୍ରମ କରାଯାଉଥିବା ଜଣାପଡିଛି। ଉକ୍ତ ଗ୍ରାମରେ ୯ଟି ମଣ୍ଡପରେ ମାଆଙ୍କ ପୂଜାର୍ଚ୍ଚନା ପାଉଥିବା ବେଳେ ପାରାବିଲ ଗ୍ରାମ ଆସନ୍ତା ଆଠଦିନ ପାଇଁ ଉତ୍ସବ ମୁଖରିତ ହୋଇ ରହିବ। ଆସନ୍ତା ୧୨ ତାରିଖ ରବିବାର ଦିନ ଶାନ୍ତିଶୃଙ୍ଖଳାର ସହ ଡିଜେ ମୁକ୍ତ ରୋଶଣି ନିଶାମୁକ୍ତ ଭସାଣି ଶୋଭାଯାତ୍ରା କରାଯାଇ ମେଳଣ ପଡ଼ିଆରେ ଏକତ୍ରିତ ହେବା ପରେ ମା'ଙ୍କୁ ମାଳିକା ପ୍ରସିଦ୍ଧ ପୁଣ୍ୟତୋୟା ରତ୍ନଯୋରୀରେ ବିସର୍ଜନ କରାଯିବ। ଏଥିପାଇଁ ଗଜଲକ୍ଷ୍ମୀଙ୍କ ବିଭିନ୍ନ ପୂଜା କମିଟି, ଧବଳେଶ୍ୱରୀ ଗ୍ରାମ କମିଟି ସହିତ କିଶନନଗର ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

**ଆଠଗଡ଼ :** ମା' ଗଜଲକ୍ଷ୍ମୀଙ୍କ ପୂଜା ଆଠଗଡ଼ ସହର ପୁରୁଣା ବସଷ୍ଟାଣ୍ଡ, ଲକ୍ଷ୍ମୀବଜାର ମଣ୍ଡପ ଓ ଗୋପବନ୍ଧୁ ଛକ ଆମ କ୍ଲବ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ସ୍ଥାନୀୟ ବଡ ପୋଖରୀରୁ ମା'ଙ୍କ ଘଟସ୍ଥାପନ ନିମନ୍ତେ ପୂଜାର୍ଚ୍ଚନା ସହ କଳସ ସ୍ଥାପନ ପାଇଁ ଜଳ ଆଣିଥିଲେ। ଅପରାହ୍ନଠାରୁ ମା'ଙ୍କ ଆଦ୍ୟ ପୂଜା, ଆବାହନୀ, ଜୀବନ୍ୟାସ ସହ ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ କରାଯାଇଥିଲା। ମଙ୍ଗଳବାର ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ଗୋପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଛି। ବୁଧବାର ପୂଜା ପାଠ ସହ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

**ନରସିଂହପୁର :** ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ପଞ୍ଚାୟତ ବାଲିପଦା ସାହି (ଖ)ରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ସେହିପରି ବାଲିସାହି, ଘଟପଡ଼ା, ଡମକଟା, ଘଡେଇ ସାହି, ବ୍ଲକ ଛକ, ଚପେସେର, ବରଡିହ, ସିଆରିଆର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି।

**ନିଶ୍ଚିନ୍ତକୋଇଲି :** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ପ୍ରତ୍ୟେକ ପୂଜା ମଣ୍ଡପ ଉତ୍ସବମୁଖର ହୋଇଉଠିଛି। ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ନିଶ୍ଚିନ୍ତକୋଇଲି ମା' ବେଲେଶ୍ୱରୀ ପୂଜା ମଣ୍ଡପରେ ସୋମବାରଠାରୁ ପୂଜକ ସରୋଜ ଷଡ଼ଙ୍ଗୀଙ୍କ ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା ବେଳେ ଏଥିରେ କର୍ତ୍ତା ଭାବେ ଅଧ୍ୟାପକ ରାମଚନ୍ଦ୍ର ମହାପାତ୍ର ଓ ତାଙ୍କ ପତ୍ନୀ ଅନିମା ମହାପାତ୍ର କାର୍ଯ୍ୟ ତୁଲାଇଥିଲେ। ରମେଶ ରାଉତ, ଦୀପ୍ତିରଞ୍ଜନ ସାହୁ, ରବିନ୍ଦ୍ର ବେହେରା, ଦାମୋଦର ବାରିକ, ବିଚିତ୍ରାନନ୍ଦ ପଣ୍ଡାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଛନ୍ତି। କେନ୍ଦୁପାଟଣା ସାର୍ବଜନୀନ ମା' ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ଯଥାରୀତି ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ନବମ ବାର୍ଷିକ ପୂଜାଉତ୍ସବ ପୂଜକ ଭାବେ ପଣ୍ଡିତ ରୁଦ୍ରମାଧବ ପତି ଯଥାରୀତି ପୂଜାର୍ଚ୍ଚନା କାର୍ଯ୍ୟ କରୁଥିଲା ବେଳେ କର୍ତ୍ତା ଭାବେ ଦିଲ୍ଲୀପ କୁମାର ସାହୁ ଅଧିଷ୍ଠିତ ହୋଇଥିଲେ। ପୂଜା କମିଟିର ସଭାପତି ସୋମନାଥ ବେହେରାଙ୍କ ସଂଯୋଜନାରେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଛନ୍ତି। ସେହିପରି ବରାଦୋ ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜକ ବୀର ନନାଙ୍କ ଦ୍ୱାରା ସମସ୍ତ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ଗଦାଧର ସାମଲ କାର୍ଯ୍ୟ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ ପପୁ ସାମଲ, ମଦନ ସାମଲ, ରବି ସାମଲ, ବିନ ସାମଲ, ଆକାଶ ସାମଲ, ସାଗର ସାମଲଙ୍କ ସମେତ ସାମଲ ସାହିର ବାସିନ୍ଦାମାନେ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି।





## ପୁରାତନ ଛାତ୍ର ସଂଘର ବାର୍ଷିକ ଉତ୍ସବ



**ମାହାଙ୍ଗା,୭।୧୦(ସମିସ):** ପବିତ୍ର ବିଜୟା ଦଶମୀ ଅବସରରେ ମାହାଙ୍ଗା ବ୍ଲକ ଶୁକ୍ଳେଶ୍ୱର ସ୍ଥିତ ଭଗବତୀ ବିଦ୍ୟାପୀଠରେ ପୁରାତନ ଛାତ୍ର ସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ ଉତ୍ସବ ସଭାପତି ଇଂ ସହଦେବ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନରେ ଶିକ୍ଷକ, ଅଭିଭାବକ ଓ ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷକ ନୀଳମାଧବ ପଣ୍ଡା ସ୍ୱାଗତ ଭାଷଣ ଓ ସମ୍ପାଦକ ଅରୁଣ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବରେ ପ୍ରଫେସର ଦେବୀପ୍ରସାଦ ରାୟ, ପ୍ରାକ୍ତନ ସର୍ବଭାରତୀୟ ସେବା ଅଧିକାରୀ ଉପେନ୍ଦ୍ର ନାଥ ବେହେରା ଓ ଅନୀଲ ସାମଲ, ପ୍ରଫେସର ଭୁବନାନନ୍ଦ ସାହୁ, ପ୍ରଫେସର ମହେନ୍ଦ୍ର ମହାନ୍ତି, ଉପ ସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଭଗବତୀ ବିଦ୍ୟାପୀଠର ୧୯୫୩ଠାରୁ ୧୯୬୦ ପର୍ଯ୍ୟନ୍ତ ଆଠଜଣ ପୁରାତନ ଛାତ୍ର ବ୍ରଜକିଶୋର ମହାନ୍ତି, ରଜନୀକାନ୍ତ ଦାସ, ପ୍ରଫେସର ଦେବୀପ୍ରସାଦ ରାୟ, ବିଚିତ୍ରାନନ୍ଦ ଜେନା, ବେଣୁଧର ନାୟକ, ଯତୀନ୍ଦ୍ର ନାଥ ମହାପାତ୍ର, ଦୈତାରୀ ନାୟକ ଓ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ମୁଖ୍ୟଅତିଥି ଶ୍ରୀ ପ୍ରଧାନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ତପନ କୁମାର ଦାସ ସଭା ସଞ୍ଚାଳନ କରିଥିଲେ। ସହସମ୍ପାଦକ ଭାରତ ଭୂଷଣ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କିଶୋର ଚନ୍ଦ୍ର ଦାଶ, ଚିତ୍ତରଞ୍ଜନ ରାଉତ, କଳିଙ୍ଗ ଭୂଷଣ ଆଚାର୍ଯ୍ୟ, ଦେବେନ୍ଦ୍ର ନାଥ ସ୍ୱାଇଁ, ଅଞ୍ଜନା ମହାପାତ୍ର, ପ୍ରତାପ ଷଡ଼ଙ୍ଗୀ, ଅନନ୍ତ ଗୋପାଳ ପଟ୍ଟନାୟକ, ବାନାମ୍ବର ମହାନ୍ତି, ଜଗଜୀବନ ବେହୁରା, ମଦନ ମୋହନ ସ୍ୱାଇଁ, ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସୁଶ୍ରୀ ସୁପ୍ରିୟା ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପରିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ; ବର୍ତ୍ତିଲେ ଚାଳକ

**କିଶନନଗର,୭।୧୦(ସମିସ):** କଟକ-ପାରାଦୀପ ୧୨ ନମ୍ବର ରାଜ୍ୟ ରାଜପଥର କିଶୋରନଗର ଥାନା ଅଧିନସ୍ଥ ରାମକମାରପୁର ନିକଟରେ ମଙ୍ଗଳବାର ଭୋର ୪ଟା ସମୟରେ ଏକ ପରିବା ବୋଝେଇ ୪୦୭ ଗାଡ଼ି (ନଂ-ଓଡ଼ି୨୧ଏମ୨୭୪୦) ଟି ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେବା ଫଳରେ ଗାଡ଼ିର ଆଗ ଇଞ୍ଜିନ ସଂପୂର୍ଣ୍ଣ ନଷ୍ଟ ହୋଇ ଗଛ ଭିତରେ ପଶିଯାଇଛି ହେଲେ ଗାଡ଼ି ଚାଳକ କୌଣସି ପ୍ରକାରରେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। କଟକ ଛତ୍ରବଜାରରୁ ଗାଡ଼ିଟି ପରିବା ବୋଝେଇ କରି ରାହାମା ଅଭିମୁଖେ ଯାଉଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗାଡିଟିକୁ ଜବତ କରିଥିଲା। ଏଥି ସହିତ ଖବର ପାଇ ପରିବା ବ୍ୟବସାୟୀମାନେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରେ ଥିବା ପରିବାଗୁଡ଼ିକୁ ପରିବା ବ୍ୟବସାୟୀମାନେ ଅନ୍ୟ ଗାଡ଼ି ଦ୍ୱାରା ନେଇଯାଇଥିବା ଜଣାପଡିଛି।

## 'ଜଗା ଖୋଜୁଛି ତା ଭାଗ୍ୟ ଜାତକ' ନାଟକ ମଞ୍ଚସ୍ଥ

**ନରସିଂହପୁର,୭।୧୦(ସମିସ):** ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ନରସିଂହପୁର ବ୍ଲକ ଅନ୍ତର୍ଗତ ଡିମିରିଆ ଦୁର୍ଗା ପଡ଼ିଆରେ ଆୟୋଜିତ ସାମାଜିକ ନାଟକ 'ଜଗା ଖୋଜୁଛି ତା ଭାଗ୍ୟ ଜାତକ' ମଞ୍ଚସ୍ଥ ହୋଇଯାଇଛି। ଏହି ଅବସରରେ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ତଥା ବିଭିନ୍ନ ଦିଗରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱ ଓ କୃତି ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ସହିତ ପୁରସ୍କୃତ କରାଯିବ ସହିତ କଳାକାରଙ୍କୁ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ଓ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

## ଶାରଦୀୟ ସାରସ୍ୱତ ଆଲୋଚନା ଓ ସମ୍ବର୍ଦ୍ଧନା



**ନିଶ୍ଚିନ୍ତକୋଇଲି,୭।୧୦(ସମିସ):** ନିଶ୍ଚିନ୍ତକୋଇଲି ଏକ୍ସଲେଣ୍ଟ କୋଚିଂ ସେଣ୍ଟରରେ ନବ ସରସ୍ୱତୀ ସ୍ମୃତି ପ୍ରତିଷ୍ଠାନ ଆନୁକୂଲ୍ୟରେ ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ତଥା ଉତ୍କଳଜ୍ୟୋତି ରଘୁନାଥ ମହାନ୍ତିଙ୍କ ୬୮ତମ ଜନ୍ମ ଉତ୍ସବରେ ଏକ ସାରସ୍ୱତ ଆଲୋଚନା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଉପଦେଷ୍ଟା କବି ସଚ୍ଚିଦାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମିଳିତ ଶିକ୍ଷକ କର୍ମଚାରୀ ସଂଘର ରାଜ୍ୟ ସଭାପତି ଡ. ଯୁଧିଷ୍ଠିର ଖଟୁଆ ଯୋଗ ଦେଇଥିଲେ। ଶ୍ରୀ ମହାନ୍ତିଙ୍କୁ 'ୟୁଟିଆ' ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦେବପ୍ରସାଦ କର, ସମ୍ମାନିତ ଅତିଥିଭାବେ ଦ୍ୱିତୀୟ ଭଞ୍ଜସାହିତ୍ୟ ସଂସ୍କୃତି ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନ, ସାହିତ୍ୟର ସ୍ୱରର ସଂପାଦକ ଜୟରାମ ସାହୁ, ପରିବେଶବିତ୍ ନିରଞ୍ଜନ ସାହୁ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ଯୋଗଦେଇଥିଲେ। ଯୁବ ସ୍ୱେଚ୍ଛାସେବୀ ଦେବେନ୍ଦ୍ରନାଥ ଲେଙ୍କା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସଂପାଦକ କ୍ଷୀରୋଦ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ରଞ୍ଜନ ବେହେରା, ଦିଲ୍ଲୀପ ଗ୍ରହାଚାର୍ଯ୍ୟ, ମାନସ ରଞ୍ଜନ ପ୍ରଧାନ, କୃଷ୍ଣା ପ୍ରିୟଦର୍ଶିନୀ କେଶବ ଦାସ, ନିଜାରୁଲ ରହେମାନ, ମୃତ୍ୟୁଞ୍ଜୟ ଜେନା, ରଘୁନାଥ ପ୍ରସାଦ ଜେନା, ଦୀପ୍ତେଷୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସହସଂପାଦକ ପ୍ରଭାକର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଶହରା ଭସାଣି ଶାନ୍ତିଶୃଙ୍ଖଳାରେ ସଂପନ୍ନ





**ନିଶ୍ଚିନ୍ତକୋଇଲି,୭।୧୦(ସମିସ):** ନିଶ୍ଚିନ୍ତକୋଇଲି ଦଶହରା ଭସାଣି ସୋମବାର ସଂଧ୍ୟାଠାରୁ ଆରମ୍ଭ ହୋଇ ରାତ୍ର ୧୦ଟା ମଧ୍ୟରେ ଶାନ୍ତିଶୃଙ୍ଖଳା ଭାବେ ଶେଷ ହୋଇଛି। ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୋଟ ୧୪ଟି ମେଢ ବ୍ଲକ ଛକରୁ ଶୋଭାଯାତ୍ରାରେ ବାହାରି ୮ ନଂ କେନାଲ ପର୍ଯ୍ୟନ୍ତ ଆସିଥିଲେ। ସମସ୍ତ ଦେବାଦେବୀଙ୍କ ମୃଣ୍ମୟ ମୂର୍ତ୍ତିକୁ ଯଥାରୀତ ସମ୍ମାନର ସହ କେନାଲ ପାଣିରେ ବିସର୍ଜନ କରାଯାଇଥିଲା। ବ୍ୟବସାୟୀ ସଂଘ ପୂଜା କମିଟି, ବଉଳ ବଜାର, ବୃନ୍ଦାବନ ବଜାର, ଅନ୍ନପୂର୍ଣ୍ଣା ମାର୍କେଟ, ପଞ୍ଚାୟତ ମାର୍କେଟ, ଶ୍ୱେତବଟ ପୂଜା କମିଟି, ଟିଳି ଚାଳକ ସଂଘ ପୂଜା କମିଟି, ମା' ମଙ୍ଗଳା ପୂଜା କମିଟି, ତ୍ରିନାଥ ମାର୍କେଟ, ମହିମା ଅଲେଖ ମାର୍କେଟ, ଗୌରୀଶଙ୍କର ପୂଜା କମିଟି, ଜଗନ୍ନାଥ ପୂଜା କମିଟି, ବ୍ଲକ ଛକ ଓ ବାହାବଳପୁର ଛକ ପୂଜା କମିଟିର ସମସ୍ତ କର୍ମକର୍ତ୍ତାମାନେ ଶୃଙ୍ଖଳିତ ଭାବେ ସେମାନଙ୍କ ମେଢକୁ ଶୋଭାଯାତ୍ରାରେ ନେଇଥିଲେ। ରବିବାର ଦିନ ମେଲୋଡି କାର୍ଯ୍ୟକ୍ରମରେ ଶାରଦୀୟ ପୂଜା ପାଇଁ ବଜାର କମିଟି ପକ୍ଷରୁ ସମସ୍ତ ଆଞ୍ଚଳିକ ପୂଜା କମିଟିର ସଭାପତି ଓ ସଂପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ସଭାପତି ପ୍ରମୋଦ ପଣ୍ଡା ଓ ସଂପାଦକ ଜୀବନାନନ୍ଦ ଦାଶଙ୍କ ସଂଯୋଜନାରେ ଉପସଭାପତି ବଳରାମ ସାହୁ ଓ ଜ୍ୟୋତିରଞ୍ଜନ ସାହୁ, ଗୁରୁଚରଣ ନାୟକ, ଗଗନବିହାରୀ ବରାଳ, ରାମଚନ୍ଦ୍ର ସାହୁ, ମନମୋହନ ଓଝା, କରୁଣାକର ସାହୁ, ବିଶ୍ୱଜିତ୍ ରାଉତ, ଅଜୟ ସାହୁଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ବହୁ ବ୍ୟବସାୟୀ, ସ୍ଥାନୀୟ ଯୁବଗୋଷ୍ଠୀ ସହଯୋଗ କରିଥିଲେ। ସଂପୂର୍ଣ୍ଣ ଡିଜେ ବନ୍ଦ୍ କରାଯାଇଥିଲା ବେଳେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ଏବଂ ବ୍ୟାଣ୍ଡପାର୍ଟି ବଜାଇ ମେଢଗୁଡିକୁ ଶୋଭାଯାତ୍ରାରେ ନିଆଯାଇଥିଲା। ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ପୁଲିସମାନେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## କୋଠପଦାରେ ଗଣକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉଦ୍‌ଘାଟିତ



**ମାହାଙ୍ଗା,୭।୧୦(ସମିସ):** ଓଡ଼ିଆ ଗୀତିନାଟ୍ୟ ଜଗତର ମଉଡମଣୀ, ପ୍ରଥିତଯଶା ସାରସ୍ୱତ ସାଧକ, ଗଣକବି ବୈଷ୍ଣବ ପାଣିଙ୍କ ୧୪୩ତମ ଜୟନ୍ତୀ ଓଡ଼ିଆ ନାଟ୍ୟ କଳାର ତୀର୍ଥକ୍ଷେତ୍ର କୋଠପଦାଠାରେ ଉଦଘାଟିତ ହୋଇଯାଇଛି। ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ୯ ଦିନବ୍ୟାପୀ ଆୟୋଜିତ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର, କଟକ ଏବଂ ମାହାଙ୍ଗାର କୋଠପଦା ଠାରେ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଅଖିଳେଶ ପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ବିଧାୟକ ଶ୍ରୀ ପ୍ରଧାନ କହିଲେ, ଗଣକବି ସାଧାରଣ ତେଲ ଲୁଣ ଦୁନିଆଁର ମେହେନତି ମଣିଷ ପାଇଁ ଲେଖନୀ ଚାଳନା କରୁଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଅଶୋକ କୁମାର ରାଉତ, ଆମ୍ବ ଅଧ୍ୟକ୍ଷ କିଶୋର ରାଉତ, ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ଜିତେନ୍ଦ୍ର ଶତପଥୀ, ବିଶ୍ୱନାଥ ଜେନା, ସମିତିସଭ୍ୟ ମନୋରଞ୍ଜନ ନାୟକ, ସୁରେନ୍ଦ୍ର ମହାନ୍ତି, ଭକ୍ତ ଚରଣ ସ୍ୱାଇଁ, ଅଶୋକ ବିଶ୍ୱାଳ, ମନୋରଞ୍ଜନ ବିଶ୍ୱାଳ, ବିଶ୍ୱେଶ୍ୱର ମହାନ୍ତି, ନିରଞ୍ଜନ ମୁଦୁଲି, ପନଗ ଭୂଷଣ ଦାସ ପ୍ରମୁଖ ଯୋଗଦେଇ ଗଣକବିଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ, ସାମ୍ବାଦିକ, କଳାକାର, ନିର୍ବାଚିତ ଜନ ପ୍ରତିନିଧି ଏବଂ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ବିଧାୟକ ଶ୍ରୀ ପ୍ରଧାନ କବିଙ୍କ ପୈତୃକ ଭିଟାମାଟି, କବିଙ୍କ ପ୍ରିୟ ରଘୁନାଥଜୀଉ ମଠ, କବି ଅଧ୍ୟୟନ କରୁଥିବା କୋଠପଦା ମାଇନର ସ୍କୁଲ ପ୍ରମୁଖ ବିଭିନ୍ନ ସ୍ମରଣୀୟ ପୀଠ ପରିଦର୍ଶନ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୬୮ ● ପାଉଣ୍ଡ ୧୧୯.୭୭
- ୟୁରୋ ୧୦୩.୮୯ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୪ କ୍ୟାରେଟ୍)

- ସୁନା: ୧,୨୧,୯୦୦ (ଭୁବନେଶ୍ୱର)
- ରୁପା : ୧,୬୬,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୧,୯୨୬.୦୦
- ନିଫ୍ଟି ୨୫,୧୦୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବଦଳାଇ ହେବ ବୁକିଂ ରେଳ ଟିକଟର ଯାତ୍ରା ଦିବସ

## ଟ୍ରେନ୍ ଛାଡିବାର ୪୮ ଘଣ୍ଟା ପୂର୍ବରୁ କାଉଣ୍ଟରରେ ଟିକଟ ସରେଣ୍ଡର କରିବାକୁ ପଡିବ

**ନୂଆଦିଲ୍ଲୀ,୭।୧୦(ଏଜେନ୍ସି):** ଯଦି ଆପଣଙ୍କର ଟ୍ରେନ୍ ଯାତ୍ରା ଶେଷ ମୁହୂର୍ତ୍ତରେ ସ୍ଥଗିତ ରୁହେ ତେବେ ଆପଣଙ୍କୁ ଟିକଟ ବାତିଲ କରିବାରେ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ତେବେ ଆଗକୁ ରେଳଯାତ୍ରୀଙ୍କୁ ଏଥିରେ କିଛିଟା ଆଶ୍ୱସ୍ତି ମିଳିପାରେ। ରେଳବାଇ ଖୁବ୍ ଶୀଘ୍ର ଯାତ୍ରୀମାନଙ୍କ ପାଇଁ ଏକ ନୂତନ ସୁବିଧା ପ୍ରଚଳନ କରିବାକୁ ଯାଉଛି, ଯେଉଁଥିରେ ଯାତ୍ରୀ ସେମାନଙ୍କର କନ୍‌ଫର୍ମ ଟିକଟର ଯାତ୍ରା ତାରିଖ ପରିବର୍ତ୍ତନ କରିପାରିବେ। ସୂତ୍ର ଅନୁଯାୟୀ, ରେଳବାଇ ଏହି ପ୍ରସ୍ତାବ ଉପରେ ବିଚାର କରୁଛି ଏବଂ ଏହାକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ। ପ୍ରଚଳିତ ବ୍ୟବସ୍ଥାରେ ଯାତ୍ରା ଦିବସ ପରିବର୍ତ୍ତନ କଲେ ଯାତ୍ରୀଙ୍କୁ ଟିକଟ ବାତିଲ କରିବାକୁ ପଡିବ ଏବଂ ନୂତନ ତାରିଖ ପାଇଁ ନୂଆ ବୁକିଂ କରିବାକୁ ପଡିବ। ଏହା ନୂତନ ବୁକିଂର ଖର୍ଚ୍ଚ ବଢ଼ିବା ସହ



ପୁରୁଣା ଟିକଟର କ୍ୟାନ୍‌ସଲେସନ୍ ଚାର୍ଜ ଦେବାକୁ ପଡିଥାଏ। ଏଥିରେ ପ୍ରାୟତଃ, ଯାତ୍ରା ସ୍ଥଗିତ ହେବା ଯୋଗୁଁ ଯାତ୍ରୀମାନେ ଦ୍ୱିଗୁଣିତ କ୍ଷତି ସହିଥାନ୍ତି।

ନୂତନ ପ୍ରସ୍ତାବ ଅନୁଯାୟୀ, ଯାତ୍ରୀମାନଙ୍କୁ ଅନ୍‌ଲାଇନରେ ସେମାନଙ୍କର କନ୍‌ଫର୍ମ ଟିକଟର ଯାତ୍ରା ତାରିଖ ପରିବର୍ତ୍ତନ କରିବାକୁ ଅନୁମତି ଦିଆଯିବ। ଏଥିପାଇଁ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡିବନାହିଁ। ଏହାର ଅର୍ଥ ହେଉଛି ଯଦି ଆପଣ ଏକ ନିର୍ଦ୍ଦିଷ୍ଟ ଦିନ

### ଯାତ୍ରା ଶ୍ରେଣୀ ମଧ୍ୟ ପରିବର୍ତ୍ତନ କରିହେବ

### ଲାଗିବନି ଅତିରିକ୍ତ ଚାର୍ଜ

ପାଇଁ ଟିକଟ ବୁକ୍ କରିଛନ୍ତି ଏବଂ କୌଣସି କାରଣରୁ ତାରିଖ ପରିବର୍ତ୍ତନ କରିବାକୁ ପଡିବ, ତେବେ ଆପଣ ନୂତନ ତାରିଖ ପାଇଁ ସମାନ ଟିକଟକୁ ପୁନଃନିର୍ଦ୍ଧାରିତ କରିପାରିବେ। ନୂଆ ବ୍ୟବସ୍ଥାରେ ନୂତନ ଯାତ୍ରା ତାରିଖରେ କେବଳ ସିଟ୍ ଉପଲବ୍ଧତା ଉପରେ ଆଧାର କରି ଟିକଟ କନ୍‌ଫରର୍ମେସନ୍ ହେବ। ଏହାର ଅର୍ଥ ହେଉଛି ଯେ ସେହି ତାରିଖରେ ଟ୍ରେନରେ ଖାଲି ସିଟ୍ ଥିଲେ ହିଁ ଟିକଟ ବୈଧ ହେବ। ଯଦି ନୂତନ ଦିନ ପାଇଁ ଭଡ଼ା ପୂର୍ବ ବୁକିଂ ଅପେକ୍ଷା ଅଧିକ ହୁଏ, ତେବେ ଯାତ୍ରୀଙ୍କୁ କେବଳ ଫରକ୍ ଭଡ଼ା ଦେବାକୁ ପଡିବ। ଏଥିରେ ଟ୍ରେନ୍ ଛାଡିବାର ୪୮ ଘଣ୍ଟା ପୂର୍ବରୁ କାଉଣ୍ଟରରେ ଟିକଟ ସରେଣ୍ଡର କରିବାକୁ ପଡିବ। ଆହୁରିମଧ୍ୟ ଯାତ୍ରା ଶ୍ରେଣୀ ମଧ୍ୟ ପରିବର୍ତ୍ତନ କରିହେବ। ଏଥିପାଇଁ ଅତିରିକ୍ତ ଚାର୍ଜ ଲାଗିବନାହିଁ।

### ପାର୍ବଣରେ ହିରୋ ମୋଟୋକର୍ପର ଗାଡ଼ି ବିକ୍ରିରେ ରେକର୍ଡ ବୃଦ୍ଧି

# ପୂର୍ବବର୍ଷ ତୁଳନାରେ ୫୦% ଅଧିକ ବୁକିଂ

**ଭୁବନେଶ୍ୱର,୭।୧୦(ସମିସ):** ପାର୍ବଣର ଆରମ୍ଭ ସହିତ ଭାରତୀୟ ଅଟୋ ବଜାର ଆଗକୁ ବଢ଼ିବାରେ ଲାଗିଛି। ଏହା ସହ ତାଳଦେଇ ହିରୋ ମୋଟୋକର୍ପର ଯାନ ବିକ୍ରି ଆଗେଇଚାଲିଛି। ପାର୍ବଣରେ ଦୁଇ-ଚକିଆ ଯାନ ଉପରେ ହୋଇଥିବା ଜିଏସଟି ହ୍ରାସ ଯୋଗୁ ଗାଡ଼ି ମୂଲ୍ୟରେ ହୋଇଥିବା ହ୍ରାସ

ପ୍ରଥମ ଥର ପାଇଁ ଗାଡ଼ି କିଣିବାକୁ ଚାହୁଁଥିବା ଲୋକଙ୍କୁ ୧୦୦ସିସି ଏବଂ ୧୨୫ସିସି କମ୍ୟୁଟର ସେଗମେଣ୍ଟରେ ଏହି ସର୍ବୋଚ୍ଚ ମୂଲ୍ୟ ଅନୁଭୂତି ଦେଉଛି। ଦୁଇ-ଚକିଆ ସେଗମେଣ୍ଟରେ ହିରୋ ମୋଟୋକର୍ପ 'ଅଭୁତପୂର୍ବ' ଭାବରେ ଗ୍ରାହକମାନଙ୍କର ସେହି ଆଗ୍ରହ ତଥା ସେଲସ ପ୍ୟାନ ଇଣ୍ଡିଆର ଧାରା ସହିତ ମୁକସାକ୍ଷୀ ହୋଇରହିଛି। ସମଗ୍ର ଶେଷବର୍ଷ ଭିତରେ ହିରୋ ମୋଟୋକର୍ପ ଉତ୍ପାଦ ନିମନ୍ତେ ଗ୍ରାହକମାନଙ୍କ ଅନୁସନ୍ଧାନ ବହୁମାତ୍ରାରେ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଏହା ପରବର୍ତ୍ତି ଜିଏସଟି ମୂଲ୍ୟ ସୁବିଧା ଗୁଡ଼ିକ ପାଇଁ ରହିଥିବା ଆଗ୍ରହକୁ ଆହୁରି ଉପରକୁ ନେଇପାରିଛି। ଏଭଳି ଏକ ସୁବିଧା ଶୋ'ରୁମ ଭିଡ଼କୁ ଗତବର୍ଷ ତୁଳନାରେ ୫୦%ରୁ ଅଧିକ ଆହୁରି ବଢ଼ାଇଦେଇଛି,ଯାହାକି ଅତ୍ୟନ୍ତ ଆନନ୍ଦରକଥା। କମ୍ପାନୀର ଗାଡ଼ି ବିକ୍ରିରେ ଏହି ସଫଳତା ଉପରେ ପ୍ରତିକ୍ରିୟା ରଖି ହିରୋ ମୋଟୋକର୍ପର ଇଣ୍ଡିଆ ବିଜିନେସ ୟୁନିଟ୍‌ର ଚିଫ୍ ବିଜିନେସ ଅଫିସର ଆଶୁତୋଷ ବର୍ମା କହିଛନ୍ତି ଯେ, ଏହି ପାର୍ବଣ ଋତୁର ସବୁଠାରୁ ଅଧିକ ଚମତ୍କାରୀ ତୀକ୍ଷ୍ଣ ବୃଦ୍ଧିର ପ୍ରତିଫଳନ ଅନ-ଦି-ସ୍ପଟ କ୍ରୟ ଉପରେ ଦେଖିବାକୁ ମିଳିଛି। ନବରାତ୍ରୀର ଠିକ୍ ପ୍ରଥମ ଦିନରେ ଗତବର୍ଷ ତୁଳନାରେ ଗ୍ରାହକମାନେ ରହିଥିବା ଆମର ଶୋ'ରୁମରେ ପାଦ ଦେଇ ସେମାନଙ୍କର ମନପସନ୍ଦର ଦୁଇ-ଚକିଆ ଯାନ କ୍ରୟ କରିବାର ସେହି ଧାରା ସମ୍ଭବତଃ ଦ୍ୱିଗୁଣିତ ହୋଇପାରିଛି। ବିକ୍ରି ପ୍ରକ୍ରିୟା ଯାହାକି ଜିଏସଟି ୨.୦ ସଂସ୍କରଣ



### ଗ୍ରାହକଙ୍କଠାରୁ ମିଳୁଛି ଆଶାତୀତ ପ୍ରତିକ୍ରିୟା

ପାଇଁ ପ୍ରସ୍ତୁତି ନିମନ୍ତେ କିଛି ମାତ୍ରାରେ ଧିମା ହୋଇଯାଇଥିଲା, ପରବର୍ତ୍ତି ଅବସ୍ଥାରେ ଏହାର ନୂତନ ମୂଲ୍ୟକୁ ନେଇ ଗ୍ରାହକଙ୍କ ପାଖରେ ବିନା କୌଣସି ବିଳମ୍ବ ନ କରି ଏକ ନୂତନ ଯାନ ଆପଣେଇବା ପାଇଁ ରହିଥିବା ଦୃଢ଼ ଆବେଗତାକୁ ଆମେ ସେହି ଗ୍ରାହକମାନଙ୍କ ପାଖରୁ ସ୍ପଷ୍ଟ ସଂକେତ ପାଇଥିଲୁ। ଆମର ନୂତନ ଶୁଭାରମ୍ଭ ହୋଇଥିବା ପର୍ବାଣୀ ସମ୍ଭାରର ୧୨ଟି ସେଗମେଣ୍ଟରେ ଅଗ୍ରଣୀ ମଡ଼େଲଗୁଡ଼ିକ ଏଭଳି ତୀବ୍ରତାକୁ ସ୍କୁଟର ଏବଂ ମୋଟରସାଇକେଲ ସମୂହଗୁଡ଼ିକ ମଧ୍ୟରେ ଚାହିଦାକୁ ବୃଦ୍ଧି କରିପାରିଛି।

## ଡାଟା ଆଧାରିତ ନିବେଶର କଳା: ସିଷ୍ଟମେଟିକ୍ ଆକ୍ଟିଭ୍ ଇକ୍ୱିଟି

**ମୁମ୍ବାଇ,୭।୧୦:** ଭାରତର ଇକ୍ୱିଟି ବଜାର ଏକ ନୂତନ ଯୁଗରେ ପ୍ରବେଶ କରୁଛି। ବର୍ଦ୍ଧିତ ଅଂଶଗ୍ରହଣ, ଏକ ବର୍ଦ୍ଧିତ ଡିଜିଟାଲ୍ ଇକୋସିଷ୍ଟମ୍ ଏବଂ ତଥ୍ୟ ପ୍ରତି ଅଭୂତପୂର୍ବ ପ୍ରବେଶ ସହିତ ନିବେଶକମାନେ ଏବେ ଏପରି ନିବେଶ ରଣନୀତି ଦାବି କରୁଛନ୍ତି ଯାହା ଶୃଙ୍ଖଳା ଏବଂ ସ୍ଥିରତା ବଜାୟ ରଖି ସକ୍ରିୟ ନିବେଶରୁ ଅତିରିକ୍ତ ରିଟର୍ଣ୍ଣର ସମ୍ଭାବନା ପ୍ରଦାନ କରେ। ଜିଓବ୍ଲାକରକ୍ ରେ, ଆମେ ବିଶ୍ୱାସ କରୁ ଯେ ସିଷ୍ଟମେଟିକ୍ ଆକ୍ଟିଭ୍ ଇକ୍ୱିଟି (ଏସ୍ଏଇ) ହେଉଛି ଭବିଷ୍ୟତର ପଥ। ସିଷ୍ଟମେଟିକ୍ ସକ୍ରିୟ ଇକ୍ୱିଟି ହେଉଛି ଏକ ନିବେଶ ରଣନୀତି ଯାହା ଧାରଣାରେ ସକ୍ରିୟ କିନ୍ତୁ କାର୍ଯ୍ୟାନ୍ୱୟନରେ ବ୍ୟବସ୍ଥିତ। ପାରମ୍ପରିକ ଆକ୍ଟିଭ୍ ପାଣ୍ଠି ମୁଖ୍ୟତଃ ବ୍ୟକ୍ତିଗତ ଅଭିଜ୍ଞତା ଏବଂ ବିଚାର ଉପରେ ନିର୍ଭର କରେ, ଯେତେବେଳେ ନିଷ୍କ୍ରିୟ ପାଣ୍ଠି କେବଳ ଏକ ସୂଚକାଙ୍କ ଅନୁକରଣ କରେ। କିନ୍ତୁ ସିଷ୍ଟମେଟିକ୍ ଆକ୍ଟିଭ୍ ଇକ୍ୱିଟି (ଏସ୍ଏଇ) ଏକ ଭିନ୍ନ ପଦ୍ଧତି ଗ୍ରହଣ କରେ। ଏହା ଏକ ପରିମାଣାତ୍ମକ, ତଥ୍ୟ-ଚାଳିତ ପ୍ରକ୍ରିୟା ବ୍ୟବହାର କରି ଏକ ସକ୍ରିୟ ପୋର୍ଟଫୋଲିଓ ସୃଷ୍ଟି କରେ ଯାହା ଜାଣିଶୁଣି ବେଞ୍ଚମାର୍କରୁ ବିଚ୍ୟୁତ ହୁଏ। ଉଦାହରଣ ସ୍ୱରୂପ, ଯଦି ଏକ ସୂଚକାଙ୍କରେ ୫୦୦ଟି ଷ୍ଟକ୍ ଥାଏ, ତେବେ ସିଷ୍ଟମାଟିକ୍ ଆକ୍ଟିଭ୍ ଇକ୍ୱିଟି ସମସ୍ତ ଷ୍ଟକ୍ ରଖିବା ପରିବର୍ତ୍ତେ ପ୍ରାୟ ୧୨୦-୧୩୦ଟି ଷ୍ଟକ୍ ଚୟନ କରିପାରେ। ଏହା ଚୟନିତ ଷ୍ଟକ୍‌ଗୁଡ଼ିକର ବଜାର ପୁଞ୍ଜିକରଣ ଓଜନକୁ ଏକ ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ପରିବର୍ତ୍ତନ କରିବାକୁ ଅନୁମତି ଦିଏ।

## ସେମିକନ୍ ଇଣ୍ଡିଆ ୨୦୨୫

**ନୂଆଦିଲ୍ଲୀ, ୭।୧୦(ସମିସ):** ଭାରତ -ସେମିକନ୍ ଇଣ୍ଡିଆ ୨୦୨୫ ଏକ ଐତିହାସିକ ଭାବରେ ସମାପ୍ତ ହୋଇଛି, ଏକ ଐତିହାସିକ ପ୍ଲାଟଫର୍ମ ଭାବରେ ଉଭା ହୋଇଛି ଯାହା ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସରେ ଭାରତର ବର୍ଦ୍ଧିତ ଶକ୍ତିକୁ ପ୍ରଦର୍ଶନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦ୍‌ଘାଟିତ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି, ରେଳ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଦିଲ୍ଲୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ଓ ବାଣିଜ୍ୟ ତଥା ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦଙ୍କ ଉପସ୍ଥିତିରେ, ଏହି କାର୍ଯ୍ୟକ୍ରମ ବିଶ୍ୱସ୍ତରୀୟ ନେତା, ଷ୍ଟାର୍ଟଅପ୍ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଏକତ୍ରିତ କରିଥିଲା, ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳରେ ଏକ ବିଶ୍ୱସ୍ତ କେନ୍ଦ୍ର ହେବା ପାଇଁ ଭାରତର ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇଥିଲା।

## ସିଟ୍ରୋନ୍‌ର ଏୟାରକ୍ରସ୍ ଏକ୍ସ ଉନ୍ମୋଚିତ

**ନୂଆଦିଲ୍ଲୀ,୭।୧୦:** ସିଟ୍ରୋନ ଇଣ୍ଡିଆ ନୂଆ ସିଟ୍ରୋନ ଏୟାରକ୍ରସ ଏକ୍ସର ଶୁଭାରମ୍ଭ ସହିତ ଏହାର ଏକ୍ସ-ସିରିଜ ପୋର୍ଟଫୋଲିଓର ବିସ୍ତାର କରିଛି, ଯାହା ବ୍ରାଣ୍ଡର ସିଟ୍ରୋନ ୨.୦ 'ସିଫ୍ଟ ଇନ୍‌ଟୁ ଦ ନ୍ୟୁ' ରଣନୈତିକ ଯୋଜନାକୁ ଆଗକୁ ବଢାଉଛି। ଏହା ୮.୨୯ ଲକ୍ଷ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ। ଏହାର ଲୋକପ୍ରିୟ ଏସୟୁଭିର ଏକ ନୂତନ ସଂସ୍କରଣ, ନୂଆ ଏୟାରକ୍ରସ ଏକ୍ସକୁ ଷ୍ଟାଇଲ, ଆରାମ ଓ ଉଦ୍ଭାବନ ଚାହୁଁଥିବା ଆଧୁନିକ ଭାରତୀୟ ପରିବାରଗୁଡିକ ପାଇଁ ଡିଜାଇନ କରାଯାଇଛି। ଏହାର ସର୍ବୋତ୍ତମ ଶ୍ରେଣୀର ହ୍ୱିଲବେସ ସହିତ ଏହା ନିଜ ଶ୍ରେଣୀରେ ଅନ୍ୟତମ ପ୍ରଶସ୍ତ କ୍ୟାବିନ ପ୍ରଦାନ କରୁଛି।



## ବ୍ରିଜ୍ ଭୂଷଣ ଅଗ୍ରୱାଲ୍ ଆଇସିସି ସଭାପତି

**ଭୁବନେଶ୍ୱର,୭।୧୦(ସମିସ):** ଶ୍ୟାମ୍ ମେଟାଲିକ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜ୍ ଭୂଷଣ ଅଗ୍ରୱାଲ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି)ର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି। ଶ୍ରୀ ଅଗ୍ରୱାଲ ଚାମ୍ବରର ବରିଷ୍ଠ ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିବା ପରେ ଏହି ପଦରେ ଅଭିଷିକ୍ତ ହୋଇଛନ୍ତି। ସଭାପତି ଭାବରେ ଶ୍ରୀ ଅଗ୍ରୱାଲ ଚାମ୍ବରର ଭୂମିକାକୁ ଏକ ପ୍ଲାଟଫର୍ମ ଭାବରେ ମଜବୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ସ୍ଥାୟୀ ଅଭିବୃଦ୍ଧି, ନୀତି ସମର୍ଥନ, ପ୍ରଯୁକ୍ତିବିଦ୍ୟା ଗ୍ରହଣ ଏବଂ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକତା ଭଳି କ୍ଷେତ୍ରରେ ଶିଳ୍ପକୁ ସମର୍ଥନ କରେ। ଶ୍ରୀ ଅଗ୍ରୱାଲଙ୍କ ଧାତୁ ଏବଂ ଖଣି କ୍ଷେତ୍ରରେ ୧୦ ବର୍ଷର ଅଭିଜ୍ଞତା ରହିଛି।

## ଭାରି ଟ୍ରକ୍ ଆମଦାନୀରେ ଟ୍ରମ୍ପଙ୍କ ୨୫% ଶୁଳ୍କ

**ୱାଶିଂଟନ୍, ୭।୧୦(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏକ ଟାରିଫ୍ ବୋମା ଛାଡ଼ିଛନ୍ତି। ସେ ଆମେରିକାକୁ ଆସୁଥିବା ବିଦେଶୀ ଟ୍ରକ୍ ଉପରେ ଏକ ନୂତନ ଟାରିଫ୍ ଘୋଷଣା କରିଛନ୍ତି। ଟ୍ରମ୍ପଙ୍କ ଅନୁଯାୟୀ, ଅନ୍ୟ ଦେଶରୁ ଆସୁଥିବା ସମସ୍ତ ମଧ୍ୟମ ଏବଂ ଭାରୀ ଟ୍ରକ୍ ଏହି ଟାରିଫ୍ ଅଧୀନରେ ରହିବ। ନୂତନ ନିର୍ଦ୍ଦେଶନାମା ଅନୁଯାୟୀ, ନଭେମ୍ବର ପହିଲାରୁ ଟ୍ରକ୍ ଉପରେ ୨୫% ଟାରିଫ୍ ଲାଗୁ ହେବ। ଏହା ସହ ଟ୍ରମ୍ପ ପୁଣି ଥରେ ତାଙ୍କର ବାଣିଜ୍ୟ ନୀତିକୁ କଠୋର କରିବାକୁ ଘୋଷଣା କରିଛନ୍ତି। ନଭେମ୍ବର ପହିଲାଠାରୁ ଅନ୍ୟ ଦେଶରୁ ଆମେରିକାକୁ ଆମଦାନି ହେଉଥିବା ସମସ୍ତ ମଧ୍ୟମ ଏବଂ ଭାରୀ ଟ୍ରକ୍ ଉପରେ ୨୫% ଟାରିଫ୍ ଲାଗୁ ହେବ। ଏହି ପଦକ୍ଷେପ ଆମେରିକୀୟ ଉତ୍ପାଦନ ଶିଳ୍ପକୁ ସୁରକ୍ଷା ଦେବା ଏବଂ ବିଦେଶୀ ଆମଦାନି ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଉଦ୍ଦିଷ୍ଟ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଦ୍ୱାରା କାନାଡା ଏବଂ ମେକ୍ସିକୋ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ। ଏସ୍ଆଣ୍ଡପି ଗ୍ଲୋବାଲ ଅନୁଯାୟୀ, ମଧ୍ୟମ ଏବଂ ଭାରୀ ଟ୍ରକ ନିଶ୍ଚିତ ଭାବରେ ଆମେରିକାର ସାମଗ୍ରିକ ଅଟୋମୋଟିଭ୍ ବଜାରର ୫%। ହେଲେ ଉତ୍ତର ଆମେରିକାରେ ଏପରି ଯାନ ପାଇଁ ଆମେରିକାରେ ଚାହିଦା ୮୦% ରହିଛି।

## ଟିପି ଓଡିଶା ଡିସ୍କମ୍ ପକ୍ଷରୁ 'ଟ୍ରେନିଂ ଅନ୍ ହ୍ୱିଲ୍ସ' ପ୍ରକଳ୍ପ ଆରମ୍ଭ

**ଭୁବନେଶ୍ୱର, ୭।୧୦(ସମିସ):** କେୟାର ବିୟଣ୍ଡ ପାୱାର- ବିକଜ ପିପୁଲ ମ୍ୟାଟର" ଶୀର୍ଷକ ବିଷୟବସ୍ତୁ ଅନ୍ତର୍ଗତ ସାମଗ୍ରିକ ବିକାଶ ଏବଂ କର୍ମଚାରୀ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏକ ପ୍ରୟାସ, ଓଡ଼ିଶା ୨.୦ ର ଉନ୍ମୋଚନ ସହିତ ଆଜି ଓଡ଼ିଶା ଡିସକମ୍‌ଗୁଡିକ ଓଡ଼ିଶାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ




ଦେଓ ଭୁବନେଶ୍ୱରର ବିଦ୍ୟୁତ ବଣ୍ଟନ ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ଓଡ଼ିଶା ୨.୦ ଅନ୍ତର୍ଗତ "ଟ୍ରେନିଂ ଅନ୍ ହ୍ୱିଲ୍ସ" ପ୍ରକଳ୍ପକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ଆକାଶ ଦାସ ନାୟକ, ଅଭିନେତ୍ରୀ ଅନୁ ଚୌଧୁରୀ, ଚିଫ୍ ଓଡିଶା ପାୱାର ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଏବଂ ସିଇଓ ଟିପିଏନ୍‌ଓଡିଏଲ୍ ଗଜାନନ କଲେ ଏବଂ ସିଇଓ ଟିପିଏନ୍‌ଓଡିଏଲ୍ ଏବଂ ଅରଭିନ୍ଦ ସିଂହ ସିଇଓ ଟିପିସିଓଡିଏଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ୨.୦ ଅନ୍ତର୍ଗତ ପ୍ରଥମ ପଦକ୍ଷେପ ଭାବରେ, ପ୍ରୋଜେକ୍ଟ ଟ୍ରେନିଂ ଅନ୍ ହ୍ୱିଲ୍ସ ୬ ଅକ୍ଟୋବର ୨୦୨୫ ରେ ଭୁବନେଶ୍ୱର ସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେଣ୍ଟରରେ ଟିପିଏସଡିଆଇ ସହଯୋଗରେ ଓଡ଼ିଶା ଡିସକମ୍ ଗୁଡିକ ଦ୍ୱାରା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି।

## ସାମନ୍ଥା ରୁଥ୍ ପ୍ରଭୁ ଜୟଆଲୁକ୍କାସ୍‌ର ନୂଆ ବ୍ରାଣ୍ଡ ଆମ୍ବାସାଡର

**ଭୁବନେଶ୍ୱର,୭।୧୦(ସମିସ):** ଜୟଆଲୁକ୍କାସ୍ ମହିଳା ସୁପରଷ୍ଟାର ସାମନ୍ଥା ରୁଥ୍ ପ୍ରଭୁଙ୍କୁ ଏହାର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ଘୋଷଣା କରିଛି। ଜୟଆଲୁକ୍କାସ୍ ଜୁଏଲରୀର କାଳଜୟୀ ଡିଜାଇନ୍ ଏବଂ କାରିଗରୀର ପ୍ରେରଣାଦାୟକ ଐତିହ୍ୟକୁ ସାମନ୍ଥା ଆନ୍ତର୍ଜାତୀୟ ବଜାରରେ ଆଣିବେ। ସାମନ୍ଥାଙ୍କ ମନମୋହକ ଆକର୍ଷଣ ଏବଂ ଜ୍ଞାନ କଳା, ବିଶ୍ୱାସ ଏବଂ ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଆନନ୍ଦିତ କରିବା ପାଇଁ ଏକ ଅଟଳ ପ୍ରତିବଦ୍ଧତା ଉପରେ ନିର୍ମିତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ବ୍ୟାପୀ ଜୟଆଲୁକ୍କାସ୍ ଯାତ୍ରାକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିଫଳିତ କରେ। ସାମନ୍ଥା ଆଧୁନିକ ମହିଳାଙ୍କ ଆତ୍ମାକୁ ମୂର୍ତ୍ତିମନ୍ତ କରନ୍ତି। ଆତ୍ମବିଶ୍ୱାସୀ, ଷ୍ଟାଇଲିସ୍ ଏବଂ ପ୍ରକୃତରେ ବ୍ୟକ୍ତିଗତା ତାଙ୍କର ବ୍ୟକ୍ତିତ୍ୱ ଉତ୍କୃଷ୍ଟ ଅଳଙ୍କାର ସହିତ ଜୀବନର ମୂଲ୍ୟବାନ ମୁହୂର୍ତ୍ତଗୁଡ଼ିକୁ ପାଳନ କରିବାର ଆମର ନୀତି ସହିତ ଗଭୀର ଭାବରେ ପ୍ରତିଧ୍ୱନିତ ହୁଏ ବୋଲି ଜୟଆଲୁକାସ୍ ଗ୍ରୁପର ଅଧ୍ୟକ୍ଷ ଡଃ ଜୟ



ଆଲୁକ୍କାସ୍ କହିଛନ୍ତି। ଏହି ଅବସରରେ ସାମନ୍ଥା କହିଛନ୍ତି ଯେ, ଅଳଙ୍କାର ସର୍ବଦା ମୋର ବ୍ୟକ୍ତିଗତ ପ୍ରକାଶନ ହୋଇଆସିଛି। ମୁଁ ଏପରି ଏକ ବ୍ରାଣ୍ଡ ସହିତ ସହଭାଗୀ ହେବାକୁ ଉତ୍ସାହିତ ଯାହା ଅନ୍ତର୍ନିହିତ ସୌନ୍ଦର୍ଯ୍ୟକୁ ପାଳନ କରେ ଏବଂ ସବୁଠି ମହିଳାମାନଙ୍କୁ ଆତ୍ମବିଶ୍ୱାସରେ ଝଲସାଇବାକୁ ପ୍ରେରଣା ଦିଏ। ଏହି ସହଯୋଗିତା ଖୁବ୍ ଶୀଘ୍ର ଏକ ସମନ୍ୱିତ ବିଶ୍ୱ ଅଭିଯାନ ସହିତ ଜୀବନ୍ତ ହେବ।

## ୪,୬୦୦ରୁ ଅଧିକ ମହିଳାଙ୍କ ଜୀବନ ବଦଳାଇଛି ବେଦାନ୍ତ ଆଲୁମିନିୟମ୍‌ର ପ୍ରୋଜେକ୍ଟ ସଖୀ

**ଭୁବନେଶ୍ୱର,୭।୧୦(ସମିସ):** ଓଡ଼ିଶାର କଳାହାଣ୍ଡିର ଦୁର୍ଗମ ଜିଲ୍ଲାରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ପ୍ରମୁଖ ମହିଳା ସଶକ୍ତିକରଣ ପଦକ୍ଷେପ, ପ୍ରୋଜେକ୍ଟ ସଖୀ ମାଧ୍ୟମରେ ଏହି ପ୍ରତିବନ୍ଧକଗୁଡ଼ିକୁ ଦୂର କରୁଛି। ୨୦୧୫ରେ ଏହାର ପ୍ରତିଷ୍ଠା ହେବା ପରଠାରୁ, ପ୍ରୋଜେକ୍ଟ ସଖୀ ଏକ ନୀରବ ବିପ୍ଳବ ସୃଷ୍ଟି କରିଛି। ୪୪୪ଟି ସ୍ୱୟଂ ସହାୟକ ଗୋଷ୍ଠୀର ୪,୬୦୦ରୁ ଅଧିକ ମହିଳା ୫ କୋଟିରୁ ଅଧିକ ଆର୍ଥିକ ସହାୟତା ସଂଗ୍ରହ କରିଛନ୍ତି, ଯାହା ସେମାନଙ୍କୁ ତୃଣମୂଳ ସ୍ତରର ଉଦ୍ୟୋଗ ଆରମ୍ଭ ଏବଂ ବୃଦ୍ଧି କରିବାରେ ସକ୍ଷମ କରିଛି। ଯେଉଁ ମହିଳାମାନେ ଥରେ ଦାରିଦ୍ର୍ୟ ସହିତ ସଂଘର୍ଷ କରୁଥିଲେ - ଆର୍ଥିକ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ



ରଖିବା ତ ଦୂରର କଥା – ସେମାନେ ଏବେ ଜଣେ ଜଣେ ଉଦ୍ୟୋଗୀ, ନିଷ୍ପତ୍ତି ଗ୍ରହଣକାରୀ ଏବଂ ସମ୍ପ୍ରଦାୟର ନେତା। ପ୍ରୋଜେକ୍ଟ ସଖୀ ଏକ ଆନ୍ଦୋଳନ ପାଲଟିଛି ଯାହା ମହିଳାମାନଙ୍କୁ ସେମାନଙ୍କର ଭୂମିକା ପୁନଃକଳ୍ପନା କରିବାରେ ସାହାଯ୍ୟ କରେ, କେବଳ ପରିବାରର ଆୟରେ ଯୋଗଦାନକାରୀ ଭାବରେ ନୁହେଁ, ବରଂ ସେମାନଙ୍କ ନିଜ ଜୀବନର ସିଇଓ ଭାବରେ! ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ଏହି ପ୍ରକଳ୍ପର ସଫଳତା କେବଳ ସଂଖ୍ୟାରେ ନାହିଁ; ଏହା ଏକ କେନ୍ଦ୍ରିତ, ତୃଣମୂଳ ସ୍ତରରେ ଦୃଷ୍ଟିକୋଣର ପରିବର୍ତ୍ତନଶୀଳ ଶକ୍ତିର ପ୍ରମାଣ। ଆମେ ଆତ୍ମନିର୍ଭରଶୀଳତାର ଏକ ନୂତନ ଯୁଗର ଆରମ୍ଭ ଦେଖୁଛୁ, ଯେଉଁଠାରେ ମହିଳାମାନେ ସେମାନଙ୍କ ଜୀବନର ପ୍ରାଥମିକ ସ୍ଥପତି।

## 'ଦ ଫ୍ୟାଶନ୍ ଫିଏଷ୍ଟା ୩.୦' ପ୍ରି-ଦିୱାଲି ଫ୍ଲି ମାର୍କେଟ୍ ଉତ୍ସବ ଆରମ୍ଭ



**ଭୁବନେଶ୍ୱର,୭।୧୦(ସମିସ):** 'ଦ ଫ୍ୟାଶନ୍ ଫିଏଷ୍ଟା ୩.୦' ହେଉଛି ଭୁବନେଶ୍ୱରର ସବୁଠାରୁ ବଡ଼ ପ୍ରି- ଦିୱାଲି ଶପିଂ ଉତ୍ସବ, ଯେଉଁଠି ଫ୍ୟାଶନ୍, ଲାଇଫ୍‌ଷ୍ଟାଇଲ୍ ଓ କଳାର ଏକ ଜୀବନ୍ତ ସମିଶ୍ରଣ ଦେଖିବାକୁ ମିଳିବ। ଏହି ଉତ୍ସବରେ ଦେଶର ଶୀର୍ଷ ସ୍ଥାନୀୟ ବ୍ରାଣ୍ଡଗୁଡିକ ତାଙ୍କର ଉତ୍କୃଷ୍ଟ ପ୍ରସ୍ତୁତି ନେଇ ଯୋଗଦେଇଛନ୍ତି। ଏହି ଦିୱାଲି ସପିଂ ଫିଏଷ୍ଟା ପ୍ରଦର୍ଶନୀ ଦୁଇଦିନ ଧରି ଅକ୍ଟୋବର ୭ ଓ ୮ ହୋଟେଲ୍ ମେଫେୟାରଠାରେ ଦୁଇ ଦିନ ଧରି ଚାଲିବ। ଏହି ପ୍ରଦର୍ଶନୀକୁ ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉଦଘାଟନ କରିଛନ୍ତି। ଏଥିରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିବାବେଳେ ମାସ୍କ ଗର୍ଲ୍ସ ଟିମ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ଏହି ଅନୁଷ୍ଠାନଟି 'ମାସ୍କ ଗର୍ଲ୍ସ' ଦ୍ୱାରା ଆୟୋଜିତ, ଯାହାର ପଛରେ ରହିଛନ୍ତି ଚାରିଜଣ ଯୁବ ଓ ପ୍ରତିଭାଶାଳୀ ମହିଳା ଉଦ୍ୟମୀ ମୋନିକା ସିଂଘି, ଅଂଶିକା ଭୁରା, ସୋନମ କୋଚର ଓ ଖୁସ୍‌ବୁ ଭୁରା। ଏହି ଚାରିଜଣ ଉଦ୍ୟମୀ ନିଜ ଉଦ୍ୟମ ମାଧ୍ୟମରେ ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରତାକୁ ଆଗେଇନେବା ପାଇଁ ସର୍ବଦା ଚେଷ୍ଟାରତ।

# ସର୍ବନିମ୍ନ ଇପିଏଫ୍ ପେନ୍‌ସନ୍ ହେବ ୨୫୦୦ ଟଙ୍କା !

## ୧୧ ବର୍ଷ ହେବ ହଜାରେ ଟଙ୍କାରେ ଅଟକିଛି ସର୍ବନିମ୍ନ ପେନ୍‌ସନ୍

**ନୂଆଦିଲ୍ଲୀ,୭।୧୦(ଏଜେନ୍ସି):** କର୍ମଚାରୀ ପେନସନ ଯୋଜନା ଅଧୀନରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ମାସିକ ସର୍ବନିମ୍ନ ପେନ୍‌ସନ୍ ୧୦୦୦ ଟଙ୍କାରୁ ୨୫୦୦ ଟଙ୍କାକୁ ବୃଦ୍ଧି କରାଯାଇପାରେ। ବେଙ୍ଗାଲୁରୁଠାରେ ଅକ୍ଟୋବର ୧୦-୧୧ରେ ହେବାକୁ ଥିବା ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇପାରେ। ଯଦି ପେନସନ ବୃଦ୍ଧି ପ୍ରସ୍ତାବ ଗୃହୀତ ହୁଏ, ତେବେ ଏହା ଦୀର୍ଘ ୧୧ ବର୍ଷ ମଧ୍ୟରେ ପେନ୍‌ସନ୍‌ରେ ପ୍ରଥମ ବୃଦ୍ଧି ହେବ। ଶେଷ ଥର ପାଇଁ ଇପିଏଫ୍‌ଓ ସଦସ୍ୟଙ୍କ ମାସିକ ସର୍ବନିମ୍ନ ପେନସନ ୧୦୦୦ ଟଙ୍କା ୨୦୧୪ରେ ସ୍ଥିର କରାଯାଇଥିଲା।




**୧୦ରେ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକ**

ସେବେଠାରୁ କର୍ମଚାରୀଙ୍କ ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି ହୋଇନାହିଁ। ଏକ ରିପୋର୍ଟ ଅନୁଯାୟୀ, ୩୦ ଲକ୍ଷରୁ ଅଧିକ ପେନସନଭୋଗୀ ସର୍ବନିମ୍ନ ପେନସନ ପାଉଛନ୍ତି। ଯେଉଁମାନେ ଅତି କମରେ ୧୦ ବର୍ଷ ନିରନ୍ତର ସେବା ପୂରଣ କରନ୍ତି ଏବଂ ୫୮ ବର୍ଷ ବୟସରେ ପହଞ୍ଚିଥାନ୍ତି, ସେମାନେ ଇପିଏସ୍ ଅଧୀନରେ ନିୟମିତ ପେନସନ ପାଇବାକୁ ଯୋଗ୍ୟ। ଯଦି ଜଣେ ସଦସ୍ୟ ଚାକିରି ମଝିରେ ଛାଡିଦିଅନ୍ତି, ତେବେ ସେମାନେ ସେମାନଙ୍କର ସଂଗୃହୀତ ପେନସନ ଉଠାଇପାରିବେ କିମ୍ବା କମ୍ ପେନସନ ରାଶି ବାଛିପାରିବେ। ସିବିଟି ବୈଠକରେ ଇପିଏଫ୍‌ଓ ୩.୦ ଉପରେ ମଧ୍ୟ ଆଲୋଚନା ହେବ। ସର୍ବନିମ୍ନ ପେନସନ ସଂଶୋଧନ ବ୍ୟତୀତ, ସିବିଟି ବୈଠକରେ ଇପିଏଫ୍‌ଓ ୩.୦ ଭଳି ଡିଜିଟାଲ୍ ସଂସ୍କାର ଉପରେ ମଧ୍ୟ ଆଲୋଚନା କରାଯିବ। ଏହାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଏଟିଏମ୍‌ରୁ ସିଧାସଳଖ ପିଏଫ୍ ଉଠାଣ ଏବଂ ୟୁପିଆଇ ମାଧ୍ୟମରେ ତୁରନ୍ତ ଉଠାଣ ଏବଂ ଦ୍ରୁତ ଦାବି ସମାଧାନ ଅନ୍ତର୍ଭୁକ୍ତ।

# ହବିଷ୍ୟାଳି ଯୋଜନା
# ଅନୁଦାନ ବଢ଼ିଲା; ବ୍ରତଧାରୀଙ୍କ ସଂଖ୍ୟା ବଢ଼ିଲାନି

ପୁରୀ, ୭।୧୦ (ସମିସ): ଆରମ୍ଭ ହୋଇଛି ଧର୍ମ ମାସ କାର୍ତ୍ତିକ। ଶ୍ରୀକ୍ଷେତ୍ରରେ ରହି ହବିଷ କରିବାକୁ ଆସିଛନ୍ତି ହଜାରହଜାର ବ୍ରତଧାରୀ। ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ମଧ୍ୟ ମା'ମାନଙ୍କୁ ରଖାଯାଇଛି। କିନ୍ତୁ ଉଦ୍‌ବେଗର ବିଷୟ ହେଲା, ଗତବର୍ଷ ଅପେକ୍ଷା ଏବର୍ଷ ହବିଷ୍ୟାଳି ଯୋଜନାର ଅନୁଦାନ ବଢ଼ିଥିବା ବେଳେ ହବିଷ୍ୟାଳିଙ୍କ ସଂଖ୍ୟା କମିଛି। ଗତବର୍ଷ ଅପେକ୍ଷା ଏଥର କମ୍ ବ୍ରତଧାରୀଙ୍କୁ ଯୋଜନାରେ ସାମିଲ କରାଯାଇଛି। ଅନେକ ହବିଷ୍ୟାଳି ହବିଷ ବ୍ରତ କରିବାକୁ ବିନା ପଞ୍ଜୀକରଣରେ ପୁରୀ ଆସିଥିବା ବେଳେ ସେମାନଙ୍କୁ ପୁଣି ମନ ଦୁଃଖରେ ଘରକୁ ଫେରିଯିବାକୁ ପଡ଼ିଛି।

ପ୍ରତିବର୍ଷ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳି ମା'ମାନେ ପୁରୀ ଆସିଥା'ନ୍ତି। ପରିଣତ ବୟସରେ ହବିଷ

## ବିଭାଗୀୟ ମନ୍ତ୍ରୀ ଜାଣିନାହାନ୍ତି କେତୋଟି କେନ୍ଦ୍ର ହୋଇଛି

କରିବାକୁ ଆସୁଥିବା ବ୍ରତଧାରୀମାନେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଏବଂ କେହି କେହି ସମ୍ପର୍କୀୟଙ୍କ ଘରେ ରହିଥା'ନ୍ତି। ଅନେକ ହବିଷ୍ୟାଳି ଆସନ୍ତି, ଯେଉଁମାନେ କେବଳ ପଞ୍ଚକ ପାଞ୍ଚଦିନ ଶ୍ରୀକ୍ଷେତ୍ରରେ ରହି ହବିଷ କରିଥା'ନ୍ତି। ଏମିତି ବି ଅନେକ ବ୍ରତଧାରୀ ରହିଥା'ନ୍ତି ଯେଉଁମାନେ ପୁରୀରେ ରହି ବ୍ରତ ପାଳିବାକୁ ଇଚ୍ଛା କରିଥିଲେ ହେଁ ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣିଥାଏ। ଫଳରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରିବାର ଇଚ୍ଛାକୁ ସେମାନେ ମନ ଭିତରେ ଚାପି ଦିଅନ୍ତି। ଏହିଭଳି ବାସ୍ତବତାକୁ ଉପଲବ୍ଧି କରିଥିଲେ ପୂର୍ବର ବିଜେଡି ସରକାର। ହବିଷ୍ୟାଳି ମା'ମାନେ କିପରି ମାଗଣାରେ ରହି ବ୍ରତ ପାଳନ କରିବେ, ସେଥିଲାଗି ୨୦୧୬ରେ ତତ୍କାଳୀନ ନବୀନ ସରକାର ଆରମ୍ଭ କରିଥିଲେ ହବିଷ୍ୟାଳି ଯୋଜନା। ପ୍ରତିବର୍ଷ ଏହି ଯୋଜନାର ଚାହିଦା ବଢୁଥିବା ବେଳେ ସମାନ ଭାବେ ବ୍ରତଧାରୀଙ୍କ ସଂଖ୍ୟା ବି ବୃଦ୍ଧି ପାଇଥିଲା। ୨୦୨୩ରେ ପ୍ରାୟ ୩,୨୦୦ ବ୍ରତଧାରୀ ଏହି ଯୋଜନାରେ ସାମିଲ ହୋଇଥିଲା ବେଳେ ଦୁଇବର୍ଷ ଧରି ଏହି ସଂଖ୍ୟା ହ୍ରାସ ପାଇଛି।

ଗତବର୍ଷ ନୂଆ ସରକାର ହବିଷ୍ୟାଳିଙ୍କ ସଂଖ୍ୟା ୨,୫୦୦ରେ ସୀମିତ ରହିବ ବୋଲି ଘୋଷଣା କରିଥିଲେ। ମାତ୍ର ବିନା ପଞ୍ଜୀକରଣରେ ୪୦୦ରୁ ଊର୍ଦ୍ଧ୍ୱ ବତ୍ରଧାରୀ ପହଞ୍ଚିବା ପରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଦୁଇଦିନ ଧରି ହୋ-ହଲ୍ଲା, ବଡ଼ଦାଣ୍ଡରେ ଧାରଣା ପରେ ପ୍ରାୟ ୨,୭୦୦ ଜଣଙ୍କୁ ଯୋଜନାରେ ରଖାଯାଇଥିଲ। ଗତବର୍ଷ ଏଥିପାଇଁ ରାଜ୍ୟ ସରକାର ୨ କୋଟି ୬୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏ ବର୍ଷ ଅନୁଦାନ ବଢ଼ିଛି। ଅର୍ଥାତ୍ ଚଳିତ ବର୍ଷ ୭୦ ଲକ୍ଷ ଟଙ୍କା ବୃଦ୍ଧି କରାଯାଇ ୩ କୋଟି ୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରିଛନ୍ତି ସରକାର। ହେଲେ ବ୍ରତଧାରୀଙ୍କ ସଂଖ୍ୟା ସେହି ୨,୫୦୦ରେ ସୀମିତ ରଖାଯାଇଛି। ସୋମବାର ବିନା ପଞ୍ଜୀକରଣରେ ପ୍ରାୟ ୨୦୦ରୁ ଅଧିକ ବ୍ରତଧାରୀ ଆସିଥିବା ବେଳେ ସେମାନଙ୍କୁ ବୁଝାସୁଝା କରି ଘରକୁ ଫେରିଯିବାକୁ କୁହାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେଜଣ ମନଦୁଃଖରେ ଫେରିଥିଲେ। ଯଦିଓ ପ୍ରଶାସନ କେତେଜଣଙ୍କୁ ସୁଯୋଗ ଦେଇଛି କିନ୍ତୁ ସଂଖ୍ୟା ୨,୬୦୦ ଭିତରେ ସୀମିତ ଥିବା ସୂଚନା ମିଳିଛି।

ଏଠାରେ ପ୍ରଶ୍ନ ଉଠୁଛି, ଏହି ଯୋଜନା ପ୍ରତି ଚାହିଦା ବଢୁଥିବା ବେଳେ ନୂଆ ସରକାର ବ୍ରତଧାରୀଙ୍କ ସଂଖ୍ୟାରେ କାହିଁକି ବ୍ରେକ୍ ଲଗାଇ ମା'ମାନଙ୍କ ମନରେ କଷ୍ଟ ଦେଉଛନ୍ତି?

ଅନ୍ୟପକ୍ଷରେ, ମଙ୍ଗଳବାର ହବିଷ୍ୟାଳି ଯୋଜନାର ଶୁଭାରମ୍ଭ ଅବସରରେ ବିଭାଗୀୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମା'ମାନଙ୍କ ପାଇଁ କେତୋଟି କେନ୍ଦ୍ର ହୋଇଛି, ତାହା ଜାଣିନାହାନ୍ତି। ଚଳିତବର୍ଷ ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର ବୃନ୍ଦାବତୀ ନିବାସ (ସ୍ଥାୟୀ କେନ୍ଦ୍ର), ବଗଲା ଧର୍ମଶାଳା, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଥିବାବେଳେ ମନ୍ତ୍ରୀ ୫ଟି କେନ୍ଦ୍ର କରାଯାଇଥିବା କହିଥିଲେ। ନିଜ ବିଭାଗରୁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ମନ୍ତ୍ରୀଙ୍କ ପାଖରେ କେନ୍ଦ୍ରର ସଠିକ୍ ସୂଚନା ନ ରହିବା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

## ଆରମ୍ଭ ହେଲା କାର୍ତ୍ତିକ ବ୍ରତ



■ ମହାପ୍ରଭୁଙ୍କୁ ଦର୍ଶନ କଲେ ହବିଷ୍ୟାଳି
■ ଚଉରାମୂଳେ ରାଇଦାମୋଦର ପୂଜା

ପୁରୀ, ୭।୧୦(ସମିସ): ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ବ୍ରତ। ଏହି ପୁଣ୍ୟ ମାସରେ ହବିଷ୍ୟାଳିମାନେ କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି। ପୁରୀରେ ରହି କାର୍ତ୍ତିକ ବ୍ରତ ପାଳିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବ୍ରତଧାରୀ ପହଞ୍ଚିଛନ୍ତି। ପ୍ରତ୍ୟୁଷରୁ ହବିଷ୍ୟାଳିମାନେ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପରେ ସଂକଳ୍ପ କରି ବ୍ରତ ଆରମ୍ଭ କରିବା ସହ ତୁଳସୀ ଚଉରା ମୂଳେ ରାଇଦାମୋଦରଙ୍କ ପୂଜା କରିଛନ୍ତି। ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର ବୃନ୍ଦାବତୀ ନିବାସ (ସ୍ଥାୟୀ କେନ୍ଦ୍ର), ବଗଲା ଧର୍ମଶାଳା, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୨,୫୦୦ ହବିଷ୍ୟାଳି ରହଣୀ କେନ୍ଦ୍ରରେ ଅବସ୍ଥାନ କରିଛନ୍ତି। ଏହାବ୍ୟତୀତ ବ୍ୟକ୍ତିଗତ ଭାବେ ଏଥର ଅନେକ ହବିଷ୍ୟାଳି ପୁରୀର ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଆଦିରେ ରହି କାର୍ତ୍ତିକ ବ୍ରତ ଆରମ୍ଭ କରିଛନ୍ତି।

## ରେଳଧାରଣାରେ ମହିଳାଙ୍କୁ ଦୁଷ୍କର୍ମ

ରାଉରକେଲା, ୭।୧୦(ସମିସ): ରାଉରକେଲା ସହରର ରଘୁନାଥପାଲ୍ଲୀ ଥାନା ରେଳ ଧାରଣା ଉପରେ ଜଣେ ବିବାହିତା ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ରଘୁନାଥପାଲୀ ଥାନା ପୁଲିସ ଆଜି ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ଅନ୍ୟ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ହେଉଛି, ପାନପୋଷ କୋଏଲ ବ୍ୟାଙ୍କ ଅଞ୍ଚଳର କାହ୍ନୁଚରଣ ଜେନା(୩୨)। ସୋମବାର ରାତିରେ ପାନପୋଷସ୍ଥିତ ଖରିଆବାହାଲ ନିକଟ ରେଳଲାଇନ୍ ଦେଇ ନିଜ ଘରକୁ ଫେରୁଥିବା ବେଳେ କାହ୍ନୁ ଦୁଷ୍କର୍ମ କରିଥିଲା। ପୁଲିସ ଏହି ମାମଲାରେ ସହଯୋଗ କରିଥିବା ଅନ୍ୟ ଦୁଇଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି ବୋଲି ଜଣାପଡ଼ିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତରେ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ କାହ୍ନୁଚରଣ କୋଏଲ ବ୍ୟାଙ୍କ ବସ୍ତିରେ ରହୁଥିବା ବେଳେ ସେ ପାଣିପାଇପ୍ ମିସ୍ତ୍ରୀ ଭାବେ କାମ କରେ।

## ଚାଲୁଚାଲୁ ଜଳିଗଲା ବାଇକ୍

ଢେଙ୍କାନାଳ, ୭।୧୦(ସମିସ): ଢେଙ୍କାନାଳ ସହରସ୍ଥିତ ଚନ୍ଦନ ବଜାରରେ ହଠାତ ଏକ ଚଳନ୍ତା ବାଇକ୍‌ରେ ନିଆଁ ଲାଗିଯାଇଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଚନ୍ଦନ ବଜାର ଦେଇ ଜଣେ ବାଇକ୍ ଆରୋହୀ ନିଜ ଗାଡ଼ି ଚଳାଇ ଯାଉଥିବା ସମୟରେ ହଠାତ୍ ଗାଡ଼ିରେ ନିଆଁ ଲାଗିଯାଇଥିଲା। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଲୋକମାନେ ପାଟି କରିବାରୁ ସୌଭାଗ୍ୟବଶତଃ ଆରୋହୀଜଣକ ବାଇକ୍‌ଟିକୁ ରାସ୍ତାକଡ଼ରେ ଅଟକାଇ ଓହ୍ଲାଇ ପଡ଼ିଥିଲେ। ରାସ୍ତା ଉପରେ



### ଅଳ୍ପକେ ବର୍ତ୍ତିଲେ ଚାଳକ

ହୁତୁହୁତୁ ହୋଇ ବାଇକ୍‌ଟି ଜଳୁଥିବା ବେଳେ ଦୁଇ ପାର୍ଶ୍ୱରେ ଗାଡ଼ିମଟର ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଅପରାଧୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି ପୁରୀ ସାଂସଦ: ଆପ୍

ପୁରୀ, ୭।୧୦(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ରସାତଳଗାମୀ। ପୁଲିସକୁ ଭୟ କରୁନାହାନ୍ତି ଅପରାଧୀ। ପ୍ରତିଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅପରାଧ ମାତ୍ରା ବଢ଼ିବାରେ ଲାଗିଛି। କେଉଁଠି ହତ୍ୟା ତ ପୁଣି କେଉଁଠି ରାହାଜାନି, ଡକାୟତି ଭଳି ଘଟଣା ଘଟୁଛି। ଏକଦା ଶାନ୍ତିପ୍ରିୟ ରାଜ୍ୟ ଭାବେ ସୁନାମ ଆଣିଥିବା ଓଡ଼ିଶା ଆଜି ଅପରାଧ କ୍ଷେତ୍ରରେ ଜାତୀୟସ୍ତରରେ ବଦ୍‌ନାମ ହେଲାଣି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ଗୁଣ୍ଡା ପୋଷୁଛନ୍ତି ବୋଲି ସାଂଘାତିକ ଅଭିଯୋଗ ଆଣିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ମଙ୍ଗଳବାର ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଭଳି ଅଭିଯୋଗ କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ ପୁରୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ପବିତ୍ର ସହରରେ ଅପରାଧ ବଢୁଛି। ଜିଲ୍ଲାରେ ପୁଲିସର ଅଭାବ ଥାଇ ମଧ୍ୟ ବିଭାଗ ନିଜର ସାମର୍ଥ୍ୟ ବଢ଼େଇ ପାରୁନାହିଁ। ସମସ୍ତ ଜିଲ୍ଲାରେ ହୋମ୍‌ଗାର୍ଡ ପରୀକ୍ଷା ସରିଥିବାବେଳେ ପୁରୀରେ ଘୁଞ୍ଚିଘୁଞ୍ଚି ଚାଲିଛି। ତେବେ ଏଭଳି ସ୍ଥିତିରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଅପରାଧୀଙ୍କ ସହ ଫଟୋ ଉଠାଇ ନିଜର ସୋସିଆଲ ମିଡିଆରେ



ପୋଷ୍ଟ କରିଛନ୍ତି। ବାଲିମାଫିଆ ଭାବେ ବେଶ୍ ଜଣାଶୁଣା ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ହତ୍ୟା, ଗୁଣ୍ଡାରାଜ୍ ଭଳି ସଙ୍ଗିନ ଅଭିଯୋଗ ରହିଛି। ପୂର୍ବରୁ ପୁଲିସ ତାଙ୍କୁ ଏନ୍‌କାଉଣ୍ଟର କରିଥିଲା। ତାଙ୍କ ସହ ସାଂସଦ ନିଜେ ଫଟୋ ଉଠାଇ ନିଜର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାର ମାନେ କ'ଣ ଓ ସାଂସଦ ଅପରାଧୀଙ୍କ ସହ ଭାବ ରଖିବା କି ବାର୍ତ୍ତା ଦେଉଛି ବୋଲି ପ୍ରଶ୍ନ କରିଛନ୍ତି। ସାଂସଦ ଏହା ଉପରେ ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି କହିଛନ୍ତି ସଞ୍ଜୀବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆପ୍ ପୁରୀ ସଦର ନିର୍ବାଚନମଣ୍ଡଳୀର ମହିଳା ସମ୍ପାଦିକା ସନ୍ଧ୍ୟା କୁମାରୀ ଦାଶ ଓ ଉପସଭାପତି ସମିନା ନାୟକ ଉପସ୍ଥିତ ଥିଲେ।

## ରାଉରକେଲାରୁ ବୃହତ୍ ଠକ ଗିରଫ

ରାଉରକେଲା, ୭।୧୦ (ସମିସ): ସୁଟ୍‌ବୁଟ୍ ସାଙ୍ଗକୁ ବଡ଼ଲୋକୀ ଠାଣି। ମୁହଁ ଖୋଲିଲେ ବାହାରୁଥିଲା ଅନର୍ଗଳ ଇଂରାଜୀ। ଖାଲି ସେତିକି ନୁହେଁ, ପଞ୍ଚତାରକା ହୋଟେଲରେ ରହଣି, ବଡ଼ବଡ଼ ସପିଙ୍ଗ୍ ମଲ୍‌ରୁ ବ୍ରାଣ୍ଡେଡ୍ ସାମଗ୍ରୀ କିଣାକିଣି ସାଙ୍ଗକୁ ଆହୁରି କେତେ କ'ଣ ମଉଜ ମଜଲିସ୍। ହେଲେ ଏସବୁ କେବଳ ଲୋକଙ୍କୁ ଠକି, ଭୁଆଁ ବୁଲାଇ। ଏପରି ଜଣେ ଧୂର୍ତ୍ତକୁ ଆଜି ରାଉରକେଲା ଉଦିତନଗର ଥାନା ପୁଲିସ ଗିରଫ କରିଛି। ସେ ହେଲା, ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣା ଜିଲ୍ଲା ଅନ୍ତର୍ଗତ ଆରିଲୋଭା ଥାନା ପୁରୁଣା ଡାଏରୀ ଫାର୍ମ ଅଞ୍ଚଳର ବରୋଦା ସୁଧୀର (୨୫)। ବରୋଦାର ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨, କିନ୍ତୁ ଠକେଇରେ ସେ ପିଏଚ୍‌ଡି କରିଛି। ନିଜକୁ ରାଷ୍ଟ୍ରପତିଙ୍କ ଏନ୍‌ଏସ୍‌ଜି କମାଣ୍ଡୋ ପରିଚୟ ଦେଇ ସେ ରାଜ୍ୟରୁ ରାଜ୍ୟ ଘୂରି ବୁଲିବା ସହ ସପିଂ ମଲ୍, ହୋଟେଲ ଓ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନକୁ ଚୂନ ମାରୁଥିଲା। ନକଲି ୟୁପିଆଇ ପେମେଣ୍ଟର ସ୍କ୍ରିନ୍-ସଟ୍ ଦେଖାଇ ବଡ଼ ଆରାମରେ ଠକୁଥିଲା। ତା' ନିକଟରୁ ପୁଲିସ ଡେବିଟ୍ କାର୍ଡ, ମୋବାଇଲ ଫୋନ୍, ନଗଦ ୭୦୦ଟଙ୍କା, ନକଲି ୟୁନିଫର୍ମ, ପୁଲିସ ଜୋତା, ବେଲ୍ଟ, ବ୍ରାଣ୍ଡେଡ୍ ପୋଷାକ, କୋଟ୍, ଚଷମା ଏବଂ ଅନ୍ୟ ବହୁ ସାମଗ୍ରୀ ପୁଲିସ ଜବତ କରିଛି।

■ ହୋଟେଲ, ଶୋ'ରୁମ୍, ରେଲୱେକୁ ମାରୁଥିଲା ଚୂନ
■ ନକଲି ସ୍କ୍ରିନ୍‌ସଟ୍ ଦେଖାଇ ଠକୁଥିଲା ଲକ୍ଷଲକ୍ଷ ଟଙ୍କା
■ ରାଷ୍ଟ୍ରପତିଙ୍କ ଏନ୍‌ଏସ୍‌ଜି କମାଣ୍ଡୋ କହି ଠକୁଥିଲା

ସୂଚନା ମୁତାବକ, ବରୋଦା ନିଜକୁ ବାଲୋଭାଡ଼ା ସାଇଶିବା ବୋଲି ପରିଚୟ ଦେଇ ସ୍ଥାନୀୟ ଛେଣ୍ଡସ୍ଥିତ ମେ' ଫେୟାର୍ ଭିଲେଜ ହୋଟେଲରେ ଗତକାଲିଠାରୁ ଆସି ରହିଥିଲା। ନିଜକୁ ରାଷ୍ଟ୍ରପତିଙ୍କ ଜଣେ ଏନ୍‌ଏସ୍‌ଜି କମାଣ୍ଡୋ ଅଧିକାରୀ ବୋଲି ହୋଟେଲରେ ପରିଚୟ ଦେଇଥିଲା। ଚେକ୍-ଇନ୍ ବେଳେ ୟୁପିଆଇ ଦ୍ୱାରା ୯୩୪୪ଟଙ୍କା ମଧ୍ୟ ପେମେଣ୍ଟ କରିଥିଲା। ତା'ର ଅନର୍ଗଳ ଇଂରାଜୀରୁ ସେ ଜଣେ ବୃହତ୍ ଠକ ବୋଲି ହୋଟେଲ କର୍ମଚାରୀଙ୍କ ଟିକିଏ ବି ସନ୍ଦେହ ହୋଇନଥିଲା। ପରେ ସେ ଜୟସ୍ୱାଲ ଟ୍ରାଭେଲସ୍‌ରୁ ଏକ ଟ୍ୟାକ୍ସି ବୁକ୍ କରି ସହରରେ ବୁଲିବା ସହ ଏକ ସ୍ପା'କୁ ଯାଇ ସେଠାରେ ଚୁଳ କାଟି ୟୁପିଆଇ ଦ୍ୱାରା ୩ହଜାର ଟଙ୍କା ପେମେଣ୍ଟ କରିଥିଲା। ସେହିପରି, ରାଉରକେଲା ମେନ୍ ମାର୍କେଟ୍‌ର ଏକ ଶୋ'ରୁମ୍‌ରୁ ଏକ ସୁଟ୍ କ୍ରୟ କରି ୟୁପିଆଇ ପେମେଣ୍ଟ କରିଥିଲା। ଏହାସହ ଅନ୍ୟ ଏକ ମଲ୍‌କୁ ଯାଇ ସେଠାରେ କିଛି ସାମଗ୍ରୀ କ୍ରୟ କରିଥିଲା। ତେବେ ସେ ୟୁପିଆଇ ପେମେଣ୍ଟ କରି ପେମେଣ୍ଟ 'ସକ୍‌ସେସଫୁଲ' ହୋଇଥିବା ସ୍କ୍ରିନ୍‌ସଟ୍ ଦେଖାଇଥିଲେ ମଧ୍ୟ ତାହା ଫେକ୍ ମେସେଜ୍ ଥିଲା ବୋଲି ପରେ ତଦନ୍ତରୁ ଜଣାପଡ଼ିଥିଲା।



ଏହା ପୂର୍ବରୁ ସେ ରାୟପୁର ଏବଂ ରାଞ୍ଚିରେ ତାରକା ହୋଟେଲରେ ରହି ଅନୁରୂପ ଭାବେ ୟୁପିଆଇ ଠକେଇ କରିବା ପରେ ଗତକାଲି ରାଉରକେଲା ଆସିଥିଲା। ସେଠାରେ ସେ ୟୁପିଆଇ ପେମେଣ୍ଟରେ ଫେକ୍ ମେସେଜ ଦେଖାଇ ହଜାର ହଜାର ଟଙ୍କା ଠକିଥିବା ନେବା ଜଣାପଡ଼ିବା ପରେ ରାୟପୁର ଓ ରାଞ୍ଚି ପୁଲିସ ତାକୁ ଟ୍ରାକିଂ କରିବା ସହ ଏ ସମ୍ପର୍କରେ ରାଉରକେଲା ପୁଲିସକୁ ସୂଚନା ଦେଇଥିଲା। ଯାହାକୁ ଆଧାର କରି ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶକ୍ରମେ ଆଜି ଉଦିତନଗର ପୁଲିସ ଏହି ଠକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଏ ସଂପର୍କରେ ଜୋନାଲ ଡିଏସ୍‌ପି ଅମରେନ୍ଦ୍ରେ ନାଥ ଷଣ୍ଢ କହିଛନ୍ତି ଯେ ମେ' ଫେୟାର୍ ଭିଲେଜ ହୋଟେଲର ଅଫିସ ସୁପରଭାଇଜର କୌଶିକ ଚକ୍ରବର୍ତ୍ତୀଙ୍କ ରିପୋର୍ଟ ମୁତାବକ ଗିରଫ ବି. ସୁଧୀର ଜଣେ ପେସାଦାର ଠକ। ସେ ନିଜକୁ ଜଣେ ଏନ୍‌ଏସଜି କମାଣ୍ଡୋ ପରିଚୟ ଦେଇ ତାଙ୍କ ହୋଟେଲରେ ଗତକାଲି ଚେକ୍-ଇନ୍ କରିଥିଲା। ତେବେ ସେ ରହିବାର ପ୍ରାୟ ୧ ଘଣ୍ଟା ପରେ ଜାମସେଦପୁରର ତାଜ୍ ଭିଭାନ୍ତା ହୋଟେଲର ମ୍ୟାନେଜର ଭୂପେନ୍ଦ୍ର ରାଠୋର ତା'ର କାରନାମା ସଂପର୍କରେ ମେ' ଫେୟାର୍ ହୋଟେଲ ଭିଲେଜର ଅଫିସ୍ ସୁପରଭାଇଜର୍ କୌଶିକ ଚକ୍ରବର୍ତ୍ତୀଙ୍କୁ ଫୋନ୍ କରି ଜଣାଇଥିଲେ। ବରୋଦା ଜଣେ ଠକ ଓ ସେ ପୂର୍ବରୁ ତାଙ୍କ ହୋଟେଲରେ ରହି ବିଲ ପୈଠ ନ କରି ଫେକ୍ ଟ୍ରାଞ୍ଜାକ୍ସନ ରିପୋର୍ଟ ଦେଖାଇ ଫେରାର ହୋଇଯାଇଥିଲା। ପରେ ଏ ସଂପର୍କରେ ଶ୍ରୀ ଚକ୍ରବର୍ତ୍ତୀ ଉଦିତନଗର ପୁଲିସକୁ ଖବର ଦେଇଥିଲେ।

ତଦନ୍ତରୁ ଜଣାଯାଇଛି ଯେ ବରୋଦା ଟ୍ରେନ୍‌ର ପ୍ରଥମ ଶ୍ରେଣୀରେ ଯାତ୍ରା କରିବା ସହ ବିଭିନ୍ନ ବିଳାସପୂର୍ଣ୍ଣ ହୋଟେଲରେ ରହୁଥିଲା। ହୋଟେଲ ପେମେଣ୍ଟଠାରୁ ଆରମ୍ଭ କରି ଟ୍ରେନ ଟିକେଟ, ବ୍ରାଣ୍ଡେଡ ସାମଗ୍ରୀ କ୍ରୟ ଆଦି ସବୁ କ୍ଷେତ୍ରରେ ସେ ୟୁପିଆଇ ପେମେଣ୍ଟରେ କାରସାଦି କରି ଠକୁଥିବା ଅଭିଯୋଗ ହୋଇଛି। ରାୟପୁର ଓ ରାଞ୍ଚି ପୁଲିସର ସୂଚନା ଆଧାରରେ ତାକୁ ଗିରଫ କରାଯାଇଥିବା ଡିଏସ୍‌ପି କହିଛନ୍ତି। ରାଉରକେଲା ପୁଲିସ୍ ଏବେ ପଚରାଉଚରା କରିବା ସହ ତା'ର ନେଟୱର୍କ ଏବଂ ଅନ୍ୟାନ୍ୟ ସମ୍ଭାବ୍ୟ ଠକେଇ ସମ୍ପର୍କରେ ତଦନ୍ତ କରୁଛି।

## ବିଜେପି ସରକାରରେ ନିଜ ଦଳର ଲୋକେ ବି ଅସୁରକ୍ଷିତ: କଂଗ୍ରେସ

ଭୁବନେଶ୍ୱର, ୭।୧୦(ସମିସ): ଗତ କିଛିଦିନ ଭିତରେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡିଛି। ଏପରି ଶାସନ ବ୍ୟବସ୍ଥାକୁ କେହି ଡରୁନାହାନ୍ତି। ଗତକାଲି ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ବାର୍ କାଉନସିଲର ବରିଷ୍ଠ ସଦସ୍ୟ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ତାଙ୍କର ଘର ସମ୍ମୁଖରେ ଗୁଳିକରି ଅତି ନିର୍ମମ ଭାବରେ ହତ୍ୟା କରାଯାଇଛି। ଆଜି ରାଜ୍ୟର ଏପରି ଅବସ୍ଥା କୌଣସି ଜାଗାରେ କିଛି ବି ଅଘଟଣ ଘଟିଯାଇପାରେ ବୋଲି କହିଛନ୍ତି କଂଗ୍ରେସ ମୁଖପାତ୍ର ଦେବାଶିଷ ପଟ୍ଟନାୟକ।



ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଜେପି ନିଜ ବରିଷ୍ଠ ନେତାଙ୍କୁ ସୁରକ୍ଷା ଦେଇପାରୁନି। ଏଥିରେ ସାଧାରଣ ଲୋକଙ୍କ ସୁରକ୍ଷା କେମିତି ସୁନିଶ୍ଚିତ ହେବ। ଏଠି ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କାମ କରିବାକୁ ଦିଆ ଯାଉନାହିଁ ଓ ମୁଖ୍ୟମନ୍ତ୍ରୀ ପଦରେ ରହି ଯଦି ନ୍ୟାୟ ଦେବାରେ ଅସମର୍ଥ ତେବେ ମୁଖ୍ୟମନ୍ତ୍ରୀ ସମ୍ମାନର ସହ ଇସ୍ତଫା ଦେଇଦେବା ଦରକାର। ଯଦି ସରକାର ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଧ୍ୟାନ ନଦିଅନ୍ତି, ଦୋଷୀଙ୍କୁ ଦଣ୍ଡ ବିଧାନ ନକରନ୍ତି ତେବେ ସାଧାରଣ ଲୋକଙ୍କ ସହ କଂଗ୍ରେସ ରାଜ ରାସ୍ତାରେ ଲଢେଇ କରିବ। ଖୋଦ୍ ମୁଖ୍ୟମନ୍ତ୍ରୀ ନିଜ ଅଧୀନରେ ଗୃହ ବିଭାଗ ରଖିଥିବା ବେଳେ ବର୍ତ୍ତମାନ ଆଇନ ଶୃଙ୍ଖଳା ପରିସ୍ଥିତି ଯେପରି ହୋଇଛି ତାଙ୍କ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସଭାପତି ରାଜୀବ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଗତକାଲି ବ୍ରହ୍ମପୁରର ବିଜେପି ନେତା ତଥା ବରିଷ୍ଠ ଆଇନଜୀବୀ, ଯିଏ ସର୍ବୋଚ୍ଚ ଭୋଟରେ ରାଜ୍ୟ ବାର୍ କାଉନସିଲକୁ ନିର୍ବାଚିତ ହେଇଥିଲେ ତାଙ୍କୁ ଗୁଳିକରି ହତ୍ୟା

### କେନ୍ଦ୍ର କାମ କରିବାକୁ ଦେଉ ନ ଥିଲେ ମୁଖ୍ୟମନ୍ତ୍ରୀ ଓହରିଯାଆନ୍ତୁ

କରିବା, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଏବିଭିପି ନେତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନ ମଣ୍ଡଳୀ ନିମାପଡା ବଳଙ୍ଗା ଛାତ୍ରୀଙ୍କୁ ଜାଳି ମାରିଦେବା ହେଉ ଅବା ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମୁଖରେ ପ୍ରକାଶ ରଣବିଜୁଳିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାମାନରୁ ବିଜେପି ସରକାରର ଅପାରଗତା ଜଣାପଡୁଛି ବୋଲି ସେ କହିଛନ୍ତି।

ହଜାର ବର୍ଷର ଭାଇଚାରାର ସହର କଟକରେ ଯେଉଁଭଳି ଦଙ୍ଗା ହେଲା ଓ କର୍ଫ୍ୟୁ ହେଲା ତାହା ସରକାର ଓ ପୁଲିସର ନିଷ୍କ୍ରିୟତାକୁ ପଦାରେ ପକାଉଛି। ଭୁଲ୍ କାହାର ତାକୁ ଦଣ୍ଡ ମିଳିବା ଦରକାର କିନ୍ତୁ ଏଠି ଏତେବଡ଼ ଦଙ୍ଗା ହେଇଯାଉଛି, ହଜାର ହଜାର ଲୋକ ରାସ୍ତାକୁ ଆସୁଛନ୍ତି ଏଥିପାଇଁ ସରକାର ଓ ପୋଲିସ ଗୁଇନ୍ଦା ବିଭାଗର ଦାୟୀ। କଂଗ୍ରେସ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସହ ଡିଜିପିଙ୍କ ଇସ୍ତଫା ଦାବି କରିଛି।

## ପଞ୍ଚାୟତ ଅଫିସ୍‌ରେ କୁଟୁରା ମାଂସ ଭୋଜି



ଆଠଗଡ଼, ୭।୧୦(ସମିସ): ମହାକାଳବସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରି ଆଠଗଡ଼ ବନ ବିଭାଗ କୁଟୁରା ମାଂସ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ବେଆଇନ ଭାବେ କୁଟୁରା ଶିକାର କରାଯାଇ ତାହାର ମାଂସକୁ ରନ୍ଧାଯାଉଥିଲା। ତେବେ ଏହି ଘଟଣାରେ ସଂପୃକ୍ତ ଥିବା ନାଏବ ସରପଞ୍ଚ ଅଶୋକ କୁମାର ରାଉଳ ଓ ଅରକ୍ଷିତ ବେହେରା ଫେରାର୍ ହୋଇଯାଇଥିବା ଆଠଗଡ଼ ରେଞ୍ଜର ସୁଷମା ସାହୁ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ମହାକାଳବସ୍ତ ଗ୍ରାମର କୃପାସିନ୍ଧୁ ରାଉତ ଓ ଅନ୍ୟ କେତେକ ସହଯୋଗୀ କୁଟୁରା ଶିକାର କରି ପଞ୍ଚାୟତ କାର୍ଯ୍ୟାଳୟଠାରେ ଭୋଜି କରୁଥିଲେ। ସଦର ବନରକ୍ଷୀ ପ୍ରିୟମ୍ବଦା ମହାନ୍ତି ଏ ସଂପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଶ୍ରୀମତୀ ମହାନ୍ତି, ବନପାଳ ସୁଶୀଲ କୁମାର ଜେନା ଓ ଅନ୍ୟ କର୍ମଚାରୀଙ୍କ ସହ ଅତର୍କିତ ଭାବେ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସମସ୍ତେ କୌଶଳକ୍ରମେ ଖସି ପଳାଇ ଯାଇଥିବା ବେଳେ କୃପାସିନ୍ଧୁକୁ ବନବିଭାଗ କର୍ମଚାରୀ କାବୁ କରିନେଇଥିଲେ। ଘଟଣାସ୍ଥଳରୁ

■ ରନ୍ଧା ମାଂସ ଜବତ; ଜଣେ ଗିରଫ
■ ନାଏବ ସରପଞ୍ଚ ଫେରାର୍

ରନ୍ଧା କୁଟୁରା ମାଂସ ଜବତ ହୋଇଥିଲା। କୃପାସିନ୍ଧୁଙ୍କୁ ବନ ବିଭାଗ କର୍ମଚାରୀମାନେ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରିବା ପରେ ଗିରଫ କରାଯାଇଛି। ଉକ୍ତ କୁଟୁରାଟି ନିକଟସ୍ଥ ଜଙ୍ଗଲରୁ ଶିକାର ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତଦନ୍ତରେ ବାଧା ସୃଷ୍ଟି କାରଣରୁ ଅନ୍ୟ ଅଭିଯୁକ୍ତମାନଙ୍କ ନାମ ଘୋଷଣା ହୋଇନାହିଁ।

ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳନ ଅବସରରେ ପଞ୍ଚାୟତ ଅଫିସରେ ବନ୍ୟପ୍ରାଣୀ ଶିକାର ଓ ଭୋଜି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଠଗଡ଼ ଏସିଏଫ୍ ମନୋଜ ପାତ୍ର କହିଛନ୍ତି, ପଞ୍ଚାୟତ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭିର ଫୁଟେଜ୍‌କୁ ଜବତ କରିବା ସହ କାର୍ଯ୍ୟାଳୟକୁ ସିଲ କରିବା ପାଇଁ ଆଠଗଡ଼ ଉପଜିଲ୍ଲାପାଳ ଓ ପୁଲିସକୁ ବନବିଭାଗ ପକ୍ଷରୁ ଚିଠି ଲେଖାଯାଇଛି।

## ୧୩ରେ ଦିଲ୍ଲୀରେ ହେବ ମହାନଦୀ ସଂସଦ

ଭୁବନେଶ୍ୱର, ୭।୧୦(ସମିସ): ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦିଲ୍ଲୀର ସମ୍ବିଧାନ କ୍ଲବରେ ଆସନ୍ତା ଅକ୍ଟୋବର ୧୩ରେ ମହାନଦୀ ସଂସଦ ବସିବ। ଭୁବନେଶ୍ୱରସ୍ଥିତ ହୋଟେଲ କେଶରୀର ସମ୍ମିଳନୀ

■ ଯୋଗଦେବେ ଓଡ଼ିଶା, ଛତିଶଗଡ଼ ଓ ଜାତୀୟ ନଦୀ ଅଧିକାର କର୍ମୀ ଏବଂ ଅନ୍ୟ ବିଶେଷଜ୍ଞ
■ ମହାନଦୀ ଜଳ ବିବାଦର ଆପୋସ ସମାଧାନ ସଂକ୍ରାନ୍ତରେ ହେବ ଆଲୋଚନା

କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଏହି ଘୋଷଣା କରାଯାଇଛି। ଓଡ଼ିଶା, ଛତିଶଗଡ଼ରୁ ପ୍ରତିନିଧିମାନଙ୍କ ସହ ଦେଶର ବିଭିନ୍ନ ନଦୀର ସୁରକ୍ଷା ନେଇ କାର୍ଯ୍ୟରତ ନେତୃତ୍ୱ, ମହାନଦୀ ଟ୍ରିବ୍ୟୁନାଲରେ ନିଯୁକ୍ତ ଅଧିବକ୍ତା, ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମକୋର୍ଟର ଓକିଲ ତଥା ଦେଶର ବିଶିଷ୍ଟ ନଦୀ ବେଶଷଜ୍ଞମାନେ ଏଥିରେ



ଯୋଗଦେବେ। ବିଜେପି, ବିଜେଡି, କଂଗ୍ରେସ ତଥା ଅନ୍ୟାନ୍ୟ ରାଜନୈତିକ ଦଳର ନେତାମାନଙ୍କୁ ମଧ୍ୟ ଏଥିରେ ଯୋଗ ଦେବାକୁ ନିବେଦନ କରାଯାଇଛି ବୋଲି ଜଳ ମାନବ ଡ. ରାଜେନ୍ଦ୍ର ସିଂ କହିଛନ୍ତି।

ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ସମ୍ପ୍ରତି କେନ୍ଦ୍ର ଓ ଦୁଇ ରାଜ୍ୟ ସରକାର ମଧ୍ୟସ୍ଥତା ଭିତ୍ତିରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏହାକୁ ସ୍ୱାଗତ କରୁଛି। ମାତ୍ର ଏହି ପ୍ରକ୍ରିୟାକୁ କେବଳ ସରକାରୀ ବାବୁ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ତରରେ ସୀମାବଦ୍ଧ କଲେ ସୁଫଳ ମିଳିବ ନାହିଁ। ମହାନଦୀର ଜଳ ଓ ଏହାର ବେସିନ୍ ସହ ଜଡ଼ିତ ବିଭିନ୍ନ ବର୍ଗ ଓ ଗୋଷ୍ଠୀ, ସାମାଜିକ ସଂଗଠନ, ରାଜନୈତିକ ଦଳ ଓ ବିଶେଷଜ୍ଞମାନଙ୍କ ଭିତରେ ମଧ୍ୟ ସହମତି ଆସିବା ଦରକାର। ସେଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାର ପଦକ୍ଷେପ ନେବା ଜରୁରୀ ବୋଲି ଡ. ସିଂ କହିଛନ୍ତି।

ଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ମହାନଦୀ ସଂସଦରେ ଆପୋସ ସମାଧାନର ବିଭିନ୍ନ ଦିଗ ବିଷୟରେ ଆଲୋଚନା ହେବ ଓ ଏହାର ସୁପାରିଶଗୁଡ଼ିକୁ କେନ୍ଦ୍ର ଓ ଉଭୟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ସୁପ୍ରିମ କୋର୍ଟର ପୂର୍ବତନ ନ୍ୟାୟମୂର୍ତ୍ତି ଏଥିରେ ଅଧ୍ୟକ୍ଷତା କରିବେ ବୋଲି ଆବାହକ ସୁଦର୍ଶନ ଦାସ ଜଣାଇଛନ୍ତି। ଇଣ୍ଡିଆନ୍ ପେନିନସୁଲାର ରିଭର ବେସିନ୍ ଓ ହିମାଳୟାନ ରିଭର ବେସିନ କାଉନସିଲ, ଛାତିଶଗଡ଼ ନଦୀଘାଟି ମୋର୍ଚ୍ଚା, ଗୋଦାବରୀ ଓ କୃଷ୍ଣା କୁଟୁମ୍ବ, ଜଳ ଜନ ଯୋଡ଼ ଅଭିଯାନ ପ୍ରମୁଖ ସଂଗଠନଗୁଡ଼ିକ ଏଥିରେ ଯୋଗ ଦେବେ ବୋଲି ଶ୍ରୀ ଦାସ ସୂଚନା ପ୍ରଦାନ କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇପାରନ୍ତି। ଆୟ ଅନୁସାରେ ବ୍ୟୟ ହେବ। ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। । ଅଫିସ୍ ସହକର୍ମୀଙ୍କ ସହଯୋଗ ପାଇବେ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ନୂଆ ବ୍ୟବସାୟ ଆରମ୍ଭ କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଖର୍ଚ୍ଚ ବଢ଼ିପାରେ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୁକ୍ତିତର୍କ ହୋଇପାରେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୩୬- ହିନ୍ଦୀ ସାହିତ୍ୟ ଜଗତର କିମ୍ବଦନ୍ତୀ ଲେଖକ ମୁନ୍‌ସୀ ପ୍ରେମଚନ୍ଦଙ୍କ ଦେହାନ୍ତ।
- ୧୯୬୨ : ଆଲଜେରିଆ ଜାତିସଂଘରେ ଯୋଗଦେଲା ।
- ୧୯୮୦ : ରୁଷ୍-ସିରିୟା ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ।
- ୧୯୮୨ : ପୋଲାଣ୍ଡ ୬ଟି ରାଷ୍ଟ୍ର ସହ ବ୍ୟବସାୟିକ ସମ୍ପର୍କ ଛିନ୍ନ କଲା ।
- ୧୯୯୮- ଭାରତ ଫ୍ଲାଇଟ୍ ସେଫ୍ଟି ଫାଉଣ୍ଡେସନ୍‌ର ସଦସ୍ୟ ହେଲା।
- ୨୦୦୫- ପାକିସ୍ତାନରେ ରିଆକ୍ଟର ସ୍କେଲରେ ୭.୫ ତୀବ୍ରତାର ଭୂମିକମ୍ପ ହେବାରୁ ୭୦ ହଜାର ଲୋକଙ୍କ ପ୍ରାଣହାନି।

## ପରିବେଶ ଅନୁକୂଳ ପ୍ଲାଷ୍ଟିକ୍



ପରିବେଶ ପାଇଁ ବିପଦ ପ୍ଲାଷ୍ଟିକ୍। ସେହିପରି ପ୍ଲାଷ୍ଟିକ୍ ପ୍ରଦୂଷଣ ଏବେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ତେବେ ଜାପାନର କୋବେ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ ଜିନିଷ ବିକଶିତ କରିଛନ୍ତି, ଯାହାକି ପାରମ୍ପରିକ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଉଥିବା ହାନିକାରକ ତତ୍ତ୍ୱଗୁଡ଼ିକର ସ୍ଥାନ ନେଇପାରେ। ବୈଜ୍ଞାନିକମାନେ ପାଇରିଡିନଡାଇକାର୍ବୋକ୍ସିଲିକ୍ ଏସିଡ୍ (ପିଡିସିଏ) ନାମକ ଏକ ସାମଗ୍ରୀ ବିକଶିତ କରିଛନ୍ତି, ଯାହାକି ପାରମ୍ପରିକ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଉଥିବା ହାନିକାରକ ରସାୟନ ଟେରେଫଥେଲିକ୍ ଏସିଡ୍‌ର ସ୍ଥାନ ନେଇପାରେ। ପିଡିସିଏର ବିଶେଷତ୍ତ୍ୱ ହେଉଛି, ଏହା ମାଟିରେ ସହଜରେ ମିଶିଯାଏ। ତା'ସହ ଏଥିରେ ନାଇଟ୍ରୋଜେନ୍ ଥିବାରୁ ଏହା ପରିବେଶ ଲାଗି ସୁରକ୍ଷିତ। ତେବେ ପ୍ରଥମେ ଯେତେବେଳେ ପିଡିସିଏ ତିଆରି କରିବାକୁ ଚେଷ୍ଟା କରାଗଲା ଉତ୍ପାଦନ ଖୁବ୍ କମ୍ ହେଉଥିଲା ଏବଂ ବିଷାକ୍ତ ଜୈବ ଉତ୍ପାଦ ବାହାରୁ ଥିଲା। ତେଣୁ ଜାପାନୀ ବୈଜ୍ଞାନିକ ଦଳ ଏଶ୍ଚେରିଆ କୋଲାଇ ଜୀବାଣୁକୁ ସଂଶୋଧିତ କରି ଏହି ସମସ୍ୟାର ସମାଧାନ ବାହାର କଲେ। ବୈଜ୍ଞାନିକମାନେ ଜୀବାଣୁଗୁଡ଼ିକୁ ଗ୍ଲୁକୋଜ ଦେବା ସହିତ କିଛି ଏନ୍‌ଜାଇମ୍‌ର ବ୍ୟବହାର କରିବାରୁ ଉତ୍ପାଦନ ସାତ ଗୁଣ ବୃଦ୍ଧି ପାଇଥିଲା। ଏପରିକି ବିଷାକ୍ତ ଜୈବ ଉତ୍ପାଦ ମଧ୍ୟ ଏଥିରୁ ବାହାରିଲା ନାହିଁ। ଅନ୍ୟପଟେ ପରିବେଶ ଅନୁକୂଳ ପ୍ଲାଷ୍ଟିକ୍ ତିଆରି ଦିଗରେ ଏହାକୁ ବଡ଼ ଉପଲବ୍ଧି ବୋଲି କୁହାଯାଉଛି। ପ୍ଲାଷ୍ଟିକ୍ ପ୍ରଦୂଷଣ ସଙ୍କଟ ସମାଧାନ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରେ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଅନ୍ୟପଟେ ଏହି ଗବେଷଣା ମେଟାବୋଲିକ୍ ଇଞ୍ଜିନିୟରିଂ ପତ୍ରିକାରେ ପ୍ରକାଶ ପାଇଛି।

## ସଞ୍ଜୟଙ୍କ ସହ କାମ କରିବେ ଅହାନ୍



ଅହାନ୍ ପାଣ୍ଡେ 'ସୈୟାରା' ଫିଲ୍ମରୁ ବଲିଉଡ୍ ଡେବ୍ୟୁ କରିଛନ୍ତି। ତାଙ୍କର ପ୍ରଥମ ଫିଲ୍ମ ହିଁ ବକ୍ସ ଅଫିସ୍‌ରେ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଛି। ସବୁଠୁ ବଡ଼ କଥା ହେଲା ଅହାନ୍‌ଙ୍କ ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁଛି। ଦର୍ଶକେ ଏବେ ତାଙ୍କର ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ନିକଟରେ ଅହାନ୍‌ଙ୍କୁ ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲୀଙ୍କ ଅଫିସ୍ ଆଗରେ ଦେଖାଯାଇଥିଲା। ଏଥିରୁ ସେ ସଞ୍ଜୟଙ୍କ କୌଣସି ଫିଲ୍ମରେ କାମ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଅହାନ୍ ସଞ୍ଜୟଙ୍କ ଫିଲ୍ମରେ ହିରୋ ଭାବେ ଅଭିନୟ କରୁଛନ୍ତି ଏହା ତାଙ୍କ କ୍ୟାରିୟର ପାଇଁ ବେଶ୍ ଭଲ ହେବ ବୋଲି କୁହାଯାଉଛି। କାରଣ ସଞ୍ଜୟଙ୍କ ଫିଲ୍ମରେ ବଲିଉଡ୍‌ର ଆଗଧାଡ଼ିର କଳାକାରମାନଙ୍କୁ ହିଁ କାମ କରିବାର ସୁଯୋଗ ମିଳିଥାଏ। ସବୁଠୁ ବଡ଼ କଥା ହେଲା, ତାଙ୍କ ଫିଲ୍ମଗୁଡ଼ିକ ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥାଏ। ସଞ୍ଜୟ ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହି ଫିଲ୍ମଟି ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ।

### ଭିନ୍ନ ମଣିଷ

## ୧୦ ବର୍ଷ ଧରି ପତ୍ର ଖାଇ ବଞ୍ଚିଛନ୍ତି

କର୍ଣ୍ଣାଟକ, ବେଲାଗାଭି ଅଞ୍ଚଳର ଉଗାରାଗୋଲାର ୩୪ ବର୍ଷୀୟ ବୁଦାନ ମାଲିକ ହୋସାମାନି ଏବେ ତାଙ୍କ ଅଜବ ଖାଦ୍ୟାଭ୍ୟାସ ପାଇଁ ଚର୍ଚ୍ଚାରେ ଅଛନ୍ତି। ବୁଦାନ ଜଣେ ଯୋଗ ପ୍ରଶିକ୍ଷକ। ଦୀର୍ଘ ୧୦ ବର୍ଷ ହେଲାଣି ସେ ହେଗୋଲା ପାହାଡ଼ ଉପରେ ରହୁଛନ୍ତି। ଖାଦ୍ୟ ବଦଳରେ ସେ ବିଭିନ୍ନ ପ୍ରକାର ଗଛ ଲତାର ପତ୍ର ଖାଇଥାନ୍ତି। ଝରଣାର ପାଣି ପିଇ ଶୋଷ ମେଣ୍ଟାଇଥାନ୍ତି। ଏଭଳି ଖାଦ୍ୟ ଖାଇ ମଧ୍ୟ ତାଙ୍କର ବେଶ୍ ବଳିଷ୍ଠ ଶରୀର ରହିଛି। ପ୍ରତିଦିନ ରାତି ୧୧ଟାରେ ଶୋଇ ଭୋର ୩ଟାରେ ବୁଦାନ ଉଠନ୍ତି। ଘଣ୍ଟାଏ ଯୋଗାଭ୍ୟାସ କରନ୍ତି। ଏହାପରେ ସେ ଦୁଇ ପ୍ଲେଟ୍ ପତ୍ର ଖାଇ ପାହାଡ଼ରୁ ଆସୁଥିବା ପାଣି ପିଅନ୍ତି। କିଛି ସମୟ ବିଶ୍ରାମ କରି ସେ ସ୍ନାନ କରନ୍ତି। ମଧ୍ୟାହ୍ନ ଭୋଜନରେ ବି ସେ ପତ୍ର ଖାଆନ୍ତି। ରାତି ୮ଟାରେ ଘଣ୍ଟାଏ ଯୋଗ କରି ପରେ ଏକ ପ୍ଲେଟ୍ ପତ୍ର ଖାଆନ୍ତି। କେବେକେବେ ବୁଦାନ ଭାତ ମଧ୍ୟ ଖାଆନ୍ତି। ଦୈନିକ ସେ ସାଢ଼େ ଚାରି ଘଣ୍ଟା ଶୁଅନ୍ତି। ତେବେ ମାଙ୍କଡ଼ମାନଙ୍କ ଜୀବନଚର୍ଯ୍ୟାରୁ ପ୍ରେରିତ ହୋଇ ସେ ଏପରି କରୁଥିବା ବୁଦାନ କହିଛନ୍ତି। ବର୍ତ୍ତମାନ ସେ ପାଖାପାଖି ୮୦ ପ୍ରକାରର ଗଛର ପତ୍ର ଖାଉଛନ୍ତି। ଏଥିପାଇଁ ତାଙ୍କୁ କେବେ ଜ୍ୱର କିମ୍ବା ଥଣ୍ଡା କାଶ ହୋଇନାହିଁ ବୋଲି ସେ କହିଛନ୍ତି। ସେ ତାଙ୍କ ଜୀବନରେ ମାତ୍ର ୩ ଥର ହସ୍‌ପିଟାଲ ଯାଇଥିବା କହିଛନ୍ତି।

ତେବେ ପିଲାଟି ଦିନରୁ ବୁଦାନ ଅଧିକ ସମୟ ପାହାଡ଼ରେ କାଟୁଥିଲେ। ସନ୍ଧ୍ୟା ହେଲେ ହିଁ ଘରକୁ ଫେରୁଥିଲେ। ୧୦ ବର୍ଷ ପୂର୍ବରୁ ସେ ଭାତ, ରୁଟି, ଚିକେନ୍, ମଟନ୍ ଆଦି ସବୁ ଖାଉଥିଲେ। ଏବେ ସେ ଗଛର ପତ୍ରଗୁଡ଼ିକୁ ଦିବ୍ୟ ଭୋଜନ ମନେ କରୁଛନ୍ତି। ତେବେ ସବୁଜ ପତ୍ର ଖାଇବା ସତ୍ତ୍ୱେ ତାଙ୍କର ପେଟଜନିତ କୌଣସି ରୋଗ ନାହିଁ। ବୁଦାନ ନିୟମିତ ୫୦ ପ୍ରକାର ଆସନ କରିଥାନ୍ତି। ଦିନସାରା ସେ ପାହାଡ଼ରେ ବୁଲନ୍ତି। ମୋବାଇଲରେ ପ୍ରତିଦିନ ଗରୁଡ଼ ଓ ଶିବ ପୁରାଣ ପଢ଼ନ୍ତି। ତାଙ୍କୁ ଟଙ୍କାର ଆବଶ୍ୟକତା ହେଲେ ସେ ରାଜମିସ୍ତ୍ରୀ କାମ କରନ୍ତି। ପାହାଡ଼କୁ ସେ ତାଙ୍କ ଘର କୁହନ୍ତି। ଏହା ତାଙ୍କୁ ସ୍ୱର୍ଗ ଭଳି ସୁଖ ଦେଇଥାଏ ବୋଲି ବୁଦାନ କହିଛନ୍ତି। ବୁଦାନଙ୍କ ପରିବାର କଥା କହିଲେ, ପିତାଙ୍କ ମୃତ୍ୟୁ ପରେ ମା' ତାଙ୍କ ଭାଇ ସହ ବେଙ୍ଗାଲୁରୁରେ ରୁହନ୍ତି। ଉଗାରାଗୋଲାରେ ତାଙ୍କର ଆହୁରି ଦୁଇ ଜଣ ଭାଇ ରହୁଛନ୍ତି। ତେବେ ବୁଦାନ ସାରା ଜୀବନ ଏକାକୀ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ୫.୯ ଫୁଟ ଉଚ୍ଚତା ବିଶିଷ୍ଟ ବୁଦାନଙ୍କ ଓଜନ ୬୦ କେଜି। ଗଛର ପତ୍ରକୁ ଖାଇ ହଜମ କରିବାର ଶକ୍ତି ଭଗବାନ ପଶୁପକ୍ଷୀମାନଙ୍କୁ ଦେଇଥିବାବେଳେ ବୁଦାନ ଏସବୁ ଖାଇ ହଜମ କରିବା ନିହାତି ଆଶ୍ଚର୍ଯ୍ୟକର ଘଟଣା ବୋଲି ଚିକିତ୍ସକମାନେ କହିଛନ୍ତି।



# ସମ୍ଭାବନା

## ଜେନ୍ ଜିଙ୍କ ମଧ୍ୟରେ ଲୋକପ୍ରିୟ 'ଫ୍ରେଣ୍ଡଫଲେସନ'



**ଆଜିକାଲି ସାମାଜିକ ଗଣମାଧ୍ୟମରେ ନୂଆ ନୂଆ ଶବ୍ଦ ଭାଇରାଲ ହେଉଛି। ଯାହା ବିଷୟରେ କ୍ୱଚିତ ଲୋକ ଜାଣନ୍ତି। ଏହି କ୍ରମରେ ଏଥିରୁ ଅନ୍ୟତମ 'ଫ୍ରେଣ୍ଡଫଲେସନ।' ଏହି ଶବ୍ଦ ଜେନ୍ ଜିଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି। ତେବେ ଏହାର ଅର୍ଥ କ'ଣ ଓ କାହିଁକି ଶବ୍ଦଟିର ଲୋକପ୍ରିୟତା ବଢୁଛି, ସେ ସମ୍ପର୍କରେ ଜାଣିବା।**

- ଫ୍ରେଣ୍ଡ (ବନ୍ଧୁ) ଏବଂ ଇନଫଲେସନ (ମହଙ୍ଗା) ରୁ ଦୁଇଟି ଶବ୍ଦରୁ ମିଶି 'ଫ୍ରେଣ୍ଡଫଲେସନ' ହୋଇଛି। ଆଜିକାଲି ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବା ମହଙ୍ଗା ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଏହି ଶବ୍ଦର ଲୋକପ୍ରିୟତା ବଢ଼ିଛି। ତେବେ ଫ୍ରେଣ୍ଡଫଲେସନର ସିଧା ଅର୍ଥ ହେଲା ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବାରେ ଅଧିକ ଅର୍ଥ ଖର୍ଚ୍ଚ କରିବା। ଏବେ ଅନେକେ ସାଙ୍ଗସାଥୀଙ୍କ ସହ ଦେଖା କରିବା ଏବଂ ସମୟ ଅତିବାହିତ କରିବା ଲାଗି କାଫେ, ପାର୍ଟି ଏବଂ ଭିନ୍ନ ଭିନ୍ନ ଆଉଟିଂ ଡେଷ୍ଟିନେସନର ସାହାରା ନିଅନ୍ତି। ଏ ଲାଗି ଅତ୍ୟଧିକ ଟଙ୍କା ଖର୍ଚ୍ଚ ହୁଏ। ତେଣୁ ଏଭଳି ସ୍ଥଳେ ଫ୍ରେଣ୍ଡଫଲେସନ ବ୍ୟବହାରର ଉପଯୋଗିତା ଗୁରୁତ୍ୱ ବହନ କରେ। ତେଣୁ ଏହା ଜେନ ଜେଡ୍‌ଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇପାରିଛି।
- ଆଜିର ସମୟରେ ବନ୍ଧୁତା କେବଳ ଇମୋସନାଲ ଆଟାଚମେଣ୍ଟ ପର୍ଯ୍ୟନ୍ତ ସୀମିତ ରହି ନାହିଁ, ଏହା ଲୋକଙ୍କ ବଜେଟ୍ ଉପରେ ଖୁବ୍ ପ୍ରଭାବ ପକାଉଛି। ଅନେକ ଲୋକ ସୋସିଆଲ ଷ୍ଟାଟସ ମେଣ୍ଟେନ କରିବା ଲାଗି ସାଙ୍ଗଙ୍କ ସହିତ ମହଙ୍ଗା କାଫେ ଏବଂ ପାର୍ଟିକୁ ଯିବାକୁ ପସନ୍ଦ କରୁଛନ୍ତି। ଏଭଳି କରିବା ପଛର ଉଦ୍ଦେଶ୍ୟ କେବଳ ନିଜ ବନ୍ଧୁତାକୁ ବଜାୟ ରଖିବା।
- ବର୍ତ୍ତମାନ ଜନ୍ମଦିନ ପାର୍ଟି କେକ୍ ଓ ସ୍ନାକ୍ସରେ ସୀମିତ ନାହିଁ। ଘରେ ବି ପାର୍ଟି ରଖିବା ପାଇଁ ଲୋକଙ୍କୁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହା ଯୋଗୁଁ ଆର୍ଥିକ ଚାପ ଏବଂ ମାନସିକ ଚାପ ଉଭୟର ସାମ୍ନା କରିବାକୁ ପଡୁଛି। ତେଣୁ ଅନେକ ଏବେ ଭାବୁଛନ୍ତି ବନ୍ଧୁତା ମଧ୍ୟ ମହଙ୍ଗା ହୋଇଛି। ତେବେ ପ୍ରକୃତ ବନ୍ଧୁତା ଥିଲେ ଏଭଳି ଖର୍ଚ୍ଚ କରିବାକୁ ପଡ଼େ ନାହିଁ। ଏହାର ଅର୍ଥ ନୁହେଁ ଯେ, ଆଦୌ ଖର୍ଚ୍ଚ କରିବାକୁ ମନା କରାଯାଉଛି। ପ୍ରଥମେ ଟଙ୍କା ସଞ୍ଚୟ କରି ସାଙ୍ଗମାନଙ୍କ ସହିତ ବୁଲାବୁଲି କରିବାକୁ ଯାଇପାରିବେ। ଅନ୍ୟପଟେ ସାଙ୍ଗସହିତ ଖାଇବା ପିଇବା ଖର୍ଚ୍ଚ ଭାଗ ବାଣ୍ଟି ମିଳିମିଶି ଖର୍ଚ୍ଚ କରିବା ଦରକାର।

## ଲାଙ୍ଗୁଏଜ୍ କୋର୍ସର ଲାଭ



ଆଜିର ସମୟରେ କୌଣସି ନୂଆ ଭାଷା ଶିଖିବା କେବଳ ଏକ ସଉକ ନୁହେଁ, ବରଂ ସଫଳତାର ପାହାଚ ପାଲଟିଛି। ନୂଆ ଭାଷା ଶିଖୁଥିବା ଲୋକଙ୍କୁ ନିଯୁକ୍ତିର ଭଲ ଅବସର ମିଳିଥାଏ। ବିଶେଷକରି ମଲଟିନ୍ୟାସନାଲ କମ୍ପାନି ଏବଂ ଆନ୍ତର୍ଜାତୀୟ ବ୍ୟବସାୟରେ। ଏହା ଭିଡ଼ ଭିତରେ ଭିନ୍ନ ଏକ ପରିଚୟ ପ୍ରଦାନ କରେ। ଗବେଷଣା କୁହେ, ନୂଆ ଭାଷା ଶିଖିବା ଦ୍ୱାରା ମସ୍ତିଷ୍କର ଚିନ୍ତା କରିବା କ୍ଷମତା, ମନେ ରଖିବାର କ୍ଷମତା ଏବଂ ସମସ୍ୟା ସମାଧାନ କରିବାର କଳା, କୌଶଳ ସୁଦୃଢ଼ ହୁଏ। ସେହିପରି କୌଣସି ନୂଆ ଭାଷା ଶିଖିଲେ, ସେହି ସ୍ଥାନର ଲୋକଙ୍କ ସଂସ୍କୃତି, ସେମାନଙ୍କର ଚାଲିଚଳଣି ଏବଂ ଚିନ୍ତାଧାରାକୁ ଭଲରେ ବୁଝିଥାଉ। ବିଦେଶ ଯାଉଥିଲେ ସେଠାକାର ସ୍ଥାନୀୟ ଭାଷା ଶିଖିବା ଦ୍ୱାରା ଯାତ୍ରା ସହଜ ଓ ମଜାଦାର ହୋଇଥାଏ। ନୂଆ ଭାଷା ଶିଖିବା ଦ୍ୱାରା ନିଜ ଭିତରେ ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ସେହିପରି ବିଭିନ୍ନ ଭାଷା ସମ୍ବନ୍ଧିତ କୋର୍ସ ବିଶ୍ୱ ତମାମ ଲୋକଙ୍କ ସହ ଜଡ଼ିତ ହେବାର ସୁଯୋଗ ଦିଏ। କିଛି ବିଦେଶୀ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ସେହି ଦେଶର ଭାଷା ଜାଣିବା ଜରୁରି। ଏ ଦୃଷ୍ଟିରୁ ଲାଙ୍ଗୁଏଜ୍ କୋର୍ସ ଉଚ୍ଚ ଶିକ୍ଷାର ରାସ୍ତାକୁ ଉନ୍ମୁକ୍ତ କରେ। ଇଣ୍ଟରନେଟ୍‌ରେ ଅନେକ ତଥ୍ୟ ବିଦେଶୀ ଭାଷାରେ ଉପଲବ୍ଧ। ତେଣୁ ଏକ ନୂଆ ଭାଷା ସେହି ଜ୍ଞାନ ପାଖରେ ପହଞ୍ଚାଏ।

## ସାକ୍ଷାତକାରରେ କ'ଣ ନେବେ

**ସାକ୍ଷାତକାରକୁ ଯିବା ବେଳେ ଲୋକେ ନିଜ ବେଶଭୂଷା ଉପରେ ଗୁରୁତ୍ୱ ଦିଅନ୍ତି। ତା'ସହ କିଛି ଜରୁରି ଜିନିଷ ସାଙ୍ଗରେ ନିଅନ୍ତି। ତେବେ ସାକ୍ଷାତକାରକୁ ଯିବା ବେଳେ ସାଙ୍ଗରେ କ'ଣ ନେଇକି ଯିବେ, ସେ ସମ୍ପର୍କରେ ଜାଣିବା।**



- ବେଳେ ବେଳେ ସାକ୍ଷାତକାରରେ ଏକରୁ ଅଧିକ ଲୋକ ଥାନ୍ତି। ତେଣୁ ନିଜ ସହ ନିଜ ବାୟୋଡାଟାର ୩-୪ଟି କପି ନେଇ ଯାଆନ୍ତୁ।
- ଚାକିରି ପାଇଁ କଭର୍ ଲେଟର ପ୍ରେରଣ କରିଥିଲେ, ତାହାକୁ ସାଙ୍ଗରେ ରଖିବା ଉଚିତ।
- ଆଧାରକାର୍ଡ, ପ୍ୟାନ୍ କାର୍ଡ ଏବଂ ଡ୍ରାଇଭିଂ ଲାଇସେନ୍ସ ଭଳି ଜରୁରି କାଗଜପତ୍ର ସାଙ୍ଗରେ ନିଅନ୍ତୁ ।
- ଡିଗ୍ରୀ, ମାର୍କସିଟ୍, ଅଭିଜ୍ଞତା ସହ ଜଡ଼ିତ ଦସ୍ତାବିଜ୍‌ର ଏକ ହୋଲଡର କରନ୍ତୁ।
- ଗ୍ରାଫିକ୍ ଡିଜାଇନ, ଫଟୋଗ୍ରାଫି ସହିତ ଜଡ଼ିତ ଚାକିରି ପାଇଁ ସାକ୍ଷାତକାର ଦେଉଥିଲେ ନିଜର ପୋର୍ଟଫୋଲିଓ ନିହାତି ନିଅନ୍ତୁ।
- ଜରୁରି କଥାକୁ ଲେଖିବା ପାଇଁ କାଗଜ ଓ କଲମ ପାଖରେ ରଖନ୍ତୁ।
- ଭୟଭୀତ ନ ହୋଇ ଆତ୍ମବିଶ୍ୱାସର ସହ ସାକ୍ଷାତକାରକୁ ଯିବା ଉଚିତ।

## ବ୍ୟକ୍ତିତ୍ୱ ବିକାଶର ଉପାୟ

**ପ୍ରତ୍ୟେକ ମାଆବାପା ଚାହାନ୍ତି, ପିଲାମାନେ ନିଜ ଜୀବନରେ ଆଗକୁ ବଢ଼ନ୍ତୁ। ସେଥିପାଇଁ ସେମାନେ ସବୁ ପ୍ରକାର ପ୍ରୟାସ ପ୍ରାରମ୍ଭରୁ କରିଥାନ୍ତି। ତେବେ ପିଲାବେଳୁ ସେମାନଙ୍କୁ ନିମ୍ନ ପ୍ରଦତ୍ତ କେତେକ ଅଭ୍ୟାସରେ ଅଭ୍ୟସ୍ତ କରାଇବା ଦରକାର, ଯାହା ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବା ସହ ସେମାନଙ୍କ ଜୀବନରେ ସଫଳତା ଲାଭ କରିବାରେ ବି ସାହାଯ୍ୟ କରିବ।**



- ପିଲାଙ୍କୁ ସକାରାତ୍ମକ ଚିନ୍ତାଧାରା ସହ ଜୀବନ ଜିଇଁବା ଶିଖାନ୍ତୁ। ସକାରାତ୍ମକ ଚିନ୍ତାଧାରା ହିଁ ଜଟିଳ ସମସ୍ୟାକୁ ସାମ୍ନା କରିବାରେ ସହାୟକ ହୋଇଥାଏ।
- ପିଲାବେଳୁ ପିଲାମାନଙ୍କ ମଧ୍ୟରେ ଶିଖିବାର କଳା ରହିବା ଜରୁରି। ଏହି ଅଭ୍ୟାସ ସେମାନଙ୍କ ଜୀବନରେ ଉନ୍ନତି ଦିଗରେ ସହାୟକ ହୁଏ।
- ପିଲାଙ୍କୁ ନିଜ ଉପରେ ଗୁରୁତ୍ୱ ଦେବା ଜରୁରି। ଅନ୍ୟ ସହ ନିଜକୁ ତୁଳନା ନ କରି ନିଜ କାମ ଉପରେ ଧ୍ୟାନ ଦିଅନ୍ତୁ।
- ମୋବାଇଲ ପିଲାଙ୍କ ଦକ୍ଷତା ବିକାଶକୁ ପ୍ରଭାବିତ କରୁଛି। ସେଥିପାଇଁ ମୋବାଇଲ ବ୍ୟତୀତ ବହି ପଢ଼ା ଅଭ୍ୟାସକୁ ଆପଣାଇବା ଭଲ।
- ଏହାବାଦ୍ ପିଲାଙ୍କ ମଧ୍ୟରେ ସେଲଫ୍ ଡିସିପ୍ଲିନ୍ ରହିବା ଜରୁରି। ଏହା ସେମାନଙ୍କୁ ଆଗକୁ ନେବାରେ ସାହାଯ୍ୟ କରେ। ଏଣୁ ନିଜ ଭିତରେ ଅନୁଶାସନ ରହିବା ଭଲ।

ଭାରତ-ଅଷ୍ଟ୍ରେଲିଆ ସୀମିତ ଓଭର ସିରିଜ

# ମାର୍ଶଙ୍କୁ ନେତୃତ୍ୱ; ଦିନିକିଆକୁ ଫେରିଲେ ଷ୍ଟାର୍କ

ସିଡ୍‌ନୀ, ୭ ।୧୦ (ଏଜେନ୍ସି)




ଭ୍ରମଣକାରୀ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସୀମିତ ଓଭର ସିରିଜ ଚଳିତ ମାସ ତୃତୀୟ ସପ୍ତାହରୁ ଆରମ୍ଭ ହେବାକୁଯାଉଛି । ଏଥିଲାଗି ଘରୋଇ ଅଷ୍ଟ୍ରେଲିଆ ପକ୍ଷରୁ ମଙ୍ଗଳବାର ଦିନିକିଆ ଓ ଟି-୨୦ ଦଳ ଘୋଷଣା କରାଯାଇଛି । ଅଭିଜ୍ଞ ବ୍ୟାଟର୍ ମିଚେଲ ମାର୍ଶଙ୍କୁ ଉଭୟ ଫର୍ମାଟ୍ ଲାଗି ନେତୃତ୍ୱ ଭାର ଦିଆଯାଇଛି । ଆହତ ସମସ୍ୟାରୁ ମୁକୁଳି ନ ଥିବାରୁ ପ୍ୟାଟ୍ କମିନ୍ସଙ୍କ ସ୍ଥାନରେ ମାର୍ଶ ଦିନିକିଆ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ । ସେହିଭଳି ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ପାଖାପାଖି ଏକ ବର୍ଷ ପରେ ଦିନିକିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଶେଷଥର ଲାଗି ସେ ଗତବର୍ଷ ନଭେମ୍ବରରେ ପାକିସ୍ତାନ ବିପକ୍ଷରେ ଦିନିକିଆ ମ୍ୟାଚ୍ ଖେଳିଥିଲେ । ଷ୍ଟାର୍କଙ୍କ ବ୍ୟତୀତ ମାଇକେଲ ଓ୍ୱେନ, ମାଥ୍ୟୁ ରେନଶ ଓ ମାଥ୍ୟୁ ଶର୍ଟ ମଧ୍ୟ ୫୦ ଓଭର ଫର୍ମାଟ୍‌କୁ ଫେରିଛନ୍ତି । ଅପରପକ୍ଷରେ ୨୦୨୩ ବିଶ୍ୱକପ୍‌ରେ ଚାମ୍ପିଅନ ଅଷ୍ଟ୍ରେଲିଆ ଦଳର ପ୍ରମୁଖ ସଦସ୍ୟ ରହିଥିବା ମାର୍ନସ ଲାବୁଶ୍ୱେନଙ୍କୁ ଖରାପ ଫର୍ମ ଲାଗି ଦିନିକିଆ ଦଳରୁ ବାଦ୍ ଦିଆଯାଇଛି । ସେହିଭଳି ରିଷ୍ଟ ଆଘାତ ସମସ୍ୟାରୁ ମୁକୁଳି ନ ଥିବାରୁ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲଙ୍କୁ ଉଭୟ ସିରିଜ ଲାଗି ଦଳରେ ସ୍ଥାନ ମିଳିନାହିଁ । ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୧୯ରୁ ଆରମ୍ଭ ହେବ । ଏହାପରେ ଅକ୍ଟୋବର ୨୯ରୁ ପାଞ୍ଚଟିକିଆ ଟି-୨୦ ସିରିଜ ଖେଳାଯିବ । ଟି-୨୦ ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରିଛି ।

**ଅଷ୍ଟ୍ରେଲିଆ ଦିନିକିଆ ଦଳ** : ମିଚେଲ ମାର୍ଶ (ଅଧିନାୟକ), ଆଲେକ୍ସ କେରୀ, ଜାଭିଅର ବାର୍ଟଲେଟ୍, ନାଥନ ଏଲିସ, ବେନ ଡାରୱିସ, କୁପର କନୋଲୀ, କାମେରନ ଗ୍ରୀନ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଇକେଲ ଓ୍ୱେନ, ମାଥ୍ୟୁ ରେନଶ, ମାଥ୍ୟୁ ଶର୍ଟ, ମିଚେଲ ଷ୍ଟାର୍କ ଓ ଆଦାମ ଜାମ୍ପା ।

**ଅଷ୍ଟ୍ରେଲିଆ ଟି-୨୦ ଦଳ** : ମିଚେଲ ମାର୍ଶ (ଅଧିନାୟକ), ସିନ୍ ଆବଟ, ଜାଭିଅର ବାର୍ଟଲେଟ, ଟିମ୍ ଡେଭିଡ୍, ନାଥନ ଏଲିସ, ବେନ ଡାରୱିସ, ଜୋଶ୍ ହାଜଲେଉଡ୍, ଟ୍ରାଭିସ ହେଡ୍, ଜୋଶ୍ ଇଂଲିଶ, ମାଇକେଲ ଓ୍ୱେନ, ମାଥ୍ୟୁ ଶର୍ଟ, ଆଦାମ ଜାମ୍ପା, ମାର୍କସ ଷ୍ଟୋଇନିସ, ମାଥ୍ୟୁ କୁନେମାନ୍ ।

### ଭାରତ-ଅଷ୍ଟ୍ରେଲିଆ ସିରିଜ କାର୍ଯ୍ୟସୂଚୀ

| | | |
|---|---|---|
| ଅକ୍ଟୋବର ୧୯ | : | ପ୍ରଥମ ଦିନିକିଆ, ପର୍ଥ |
| ଅକ୍ଟୋବର ୨୩ | : | ଦ୍ୱିତୀୟ ଦିନିକିଆ, ଆଡିଲେଡ୍ |
| ଅକ୍ଟୋବର ୨୫ | : | ତୃତୀୟ ଦିନିକିଆ, ସିଡ୍‌ନୀ |
| ଅକ୍ଟୋବର ୨୯ | : | ପ୍ରଥମ ଟି-୨୦, କାନବେରା |
| ଅକ୍ଟୋବର ୩୧ | : | ଦ୍ୱିତୀୟ ଟି-୨୦, ମେଲବୋର୍ଣ୍ଣ |
| ନଭେମ୍ବର ୨ | : | ତୃତୀୟ ଟି-୨୦, ହୋବାର୍ଟ |
| ନଭେମ୍ବର ୬ | : | ଚତୁର୍ଥ ଟି-୨୦, ଗୋଲ୍ଡକୋଷ୍ଟ |
| ନଭେମ୍ବର ୮ | : | ପଞ୍ଚମ ଟି-୨୦, ବ୍ରିସବେନ |

ବି.ଦ୍ର.: ଦିନିକିଆ ମ୍ୟାଚ୍ ସକାଳ ୯ଟାରୁ ଏବଂ ଟି-୨୦ ଅପରାହ୍ଣ ୧.୪୫ରୁ ଆରମ୍ଭ ହେବ ।

## ସାର୍ଟିଫାଏଡ୍ ଡ୍ରୋନ୍ ପାଇଲଟ୍ ହେଲେ ଧୋନି

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ସବୁଠୁ ସଫଳ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ସୌଖିନ କାର ଓ ସୁପର୍‌ବାଇକ୍ ପ୍ରତି ଦୁର୍ବଳତା ରହିଥିବା ସମସ୍ତେ ଜାଣିଛନ୍ତି । ରାଞ୍ଚିସ୍ଥିତ ତାଙ୍କ ଫାର୍ମ ହାଉସରେ ସେ ଏକାଧିକ ଦାମୀ କାର୍ ଓ ବାଇକ୍ ସଜ୍ଜିତ କରି ରଖିଛନ୍ତି । ଏହାବାଦ୍ ଧୋନି ଇଞ୍ଜିନ ଓ ପ୍ରଯୁକ୍ତିବିଦ୍ୟା ପ୍ରତି ମଧ୍ୟ ଆକର୍ଷଣ ରଖିଥାନ୍ତି । ସଦ୍ୟ ଧୋନି ଏହି କ୍ଷେତ୍ରରେ ଏକ ସଫଳତା ପାଇଛନ୍ତି । ମଙ୍ଗଳବାର ଧୋନି ସାମାଜିକ ଗଣମାଧ୍ୟମ ଜରିଆରେ ଘୋଷଣା କରିଛନ୍ତି ଯେ ସେ ଆନୁଷ୍ଠାନିକ ଭାବେ ଏକ ଡ୍ରୋନ ପାଇଲଟ୍ ଲାଇସେନ୍ସ ପାଇଛନ୍ତି ।



୪୪ ବର୍ଷୀୟ ଧୋନି ବର୍ତ୍ତମାନ ଭାରତର ପ୍ରମୁଖ ଡ୍ରୋନ ନିର୍ମାତା କମ୍ପାନୀ ଗରୁଡ ଏରେସ୍ପେସର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି । ଏହି କମ୍ପାନୀର ଏକ ଡ୍ରୋନ ପାଇଲଟ୍ ତାଲିମ କାର୍ଯ୍ୟକ୍ରମ ଚେନ୍ନାଇରେ ଶେଷ ହୋଇଥିଲା । ଡିଜିସିଏ ଅନୁମୋଦିତ ଏହି ରିମୋଟ ପାଇଲଟ୍ ତାଲିମରେ ଧୋନି ବ୍ୟକ୍ତିଗତ ଭାବେ ତାଲିମ ନେବା ସହ ପାଇଲଟ୍ ଭାବରେ ପ୍ରମାଣପତ୍ର ପାଇଛନ୍ତି ବୋଲି ଗରୁଡ଼ ଏରୋସ୍ପେସ କମ୍ପାନୀ ପକ୍ଷରୁ କୁହାଯାଇଛି । ପ୍ରକାଶଯୋଗ୍ୟ, ଧୋନି କ୍ରିକେଟ୍ ଦୁନିଆ ବାହାରେ ଏକାଧିକ କ୍ଷେତ୍ରରେ ମଧ୍ୟ ସଫଳତା ପାଇଛନ୍ତି । ତାଙ୍କୁ ୨୦୧୧ରେ ଟେରିଟୋରିଆଲ ଆର୍ମିର ପାରାସୁଟ୍ ରେଜିମେଣ୍ଟରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପଦବୀରେ ସମ୍ମାନିତ କରାଯାଇଥିଲା । ସେହିଭଳି ପ୍ରଶିକ୍ଷିତ ପାରାଚୁଟର୍ ଭାବେ ମଧ୍ୟ ଯୋଗ୍ୟତା ହାସଲ କରିଥିଲେ ।

## ସିଜନର ୬୦ତମ ବିଜୟ ହାସଲ କଲେ ସ୍ୱିଆଟେକ

ଉହାନ, ୭ ।୧୦ (ଏଜେନ୍ସି): ଚାଇନାରେ ଚାଲିଥିବା ଉହାନ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଇଗା ସ୍ୱିଆଟେକ ସହଜ ବିଜୟ ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି । ମଙ୍ଗଳବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୩୨ର ଏକ ମ୍ୟାଚରେ ଦ୍ୱିତୀୟ ସିଡ୍ ସ୍ୱିଆଟେକ୍ ୬-୧, ୬-୧ ସିଧାସଳଖ ସେଟ୍‌ରେ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ପରାସ୍ତ କରିଥିଲେ । ଏହି ମ୍ୟାଚ୍ ଜିତିବାକୁ ପୋଲାଣ୍ଡ ତାରକା ସ୍ୱିଆଟେକଙ୍କୁ ମାତ୍ର ଏକ ଘଣ୍ଟା ୧୮ ମିନିଟ୍ ସମୟ ଲାଗିଥିଲା । ସେହିଭଳି ଚଳିତ ବର୍ଷ ଏହା ତାଙ୍କର ୬୦ତମ ବିଜୟ ଥିଲା । ଏହାବାଦ୍ ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ ସ୍ୱିଆଟେକ ୧୦୦ତମ ସିଧାସଳଖ ସେଟ୍ ବିଜୟ ହାସଲ କରିଛନ୍ତି । ୧୫୩ତମ ମ୍ୟାଚ୍ ଖେଳୁଥିବାବେଳେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ କମ୍ ମ୍ୟାଚ୍ ଖେଳି ୧୦୦ତମ ସିଧାସଳଖ ସେଟ୍ ବିଜୟ ହାସଲ କରିବାର ରେକର୍ଡ ଷ୍ଟେଫି ଗ୍ରାଫ୍ (୧୨୨ ମ୍ୟାଚ୍)ଙ୍କ ନାମରେ ରହିଛି । ମାର୍ଟିନା ହିଙ୍ଗିସ (୧୪୫) ଓ ସେରେନା ୱିଲିୟମ୍ସ (୧୪୪ତମ ମ୍ୟାଚ) ମଧ୍ୟ ସ୍ୱିଆଟେକଙ୍କଠୁ କମ୍ ମ୍ୟାଚ୍ ଖେଳି ଏହି ସଫଳତା ପାଇଛନ୍ତି ।



● ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ

## ଶୀର୍ଷ ସ୍ଥାନ ବଜାୟ ରଖିଲେ ମନ୍ଧାନା

ଦୁବାଇ, ୭ ।୧୦ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ ପ୍ରକାଶ ପାଇଛି । ମଙ୍ଗଳବାର ସଦ୍ୟପ୍ରକାଶିତ ର୍‍ୟାଙ୍କିଙ୍ଗରେ ଭାରତର ତାରକା ମହିଳା ବ୍ୟାଟର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନକୁ ବଜାୟ ରଖିଛନ୍ତି । ମନ୍ଧାନା ୭୯୧ ରେଟିଂ ପଏଣ୍ଟ ସହ ପୂର୍ବଭଳି ଏକ ନମ୍ବର ସ୍ଥାନରେ ରହିଛନ୍ତି । ଚଳିତ ଦିନିକିଆ ବିଶ୍ୱକପ୍‌ର



ପ୍ରଥମ ଦୁଇଟି ମ୍ୟାଚରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ଏହାର ପ୍ରଭାବ ତାଙ୍କ ମାନ୍ୟତା ଉପରେ ପଡ଼ିନାହିଁ । ବିଶ୍ୱକପ୍‌ରେ ସେ ଶ୍ରୀଲଙ୍କା ବିପକ୍ଷ ଉଦ୍‌ଘାଟନୀ ମ୍ୟାଚରେ ୮ ଓ ପାକିସ୍ତାନ ବିପକ୍ଷରେ ୨୩ ରନର ପାଳି ଖେଳିଥିଲେ । ବ୍ୟାଟିଂ ତାଲିକାର ଟପ୍-୧୦ରେ ଅନ୍ୟକୌଣସି ଭାରତୀୟ ମହିଳା ବ୍ୟାଟର୍ ସ୍ଥାନ ପାଇବାରେ ସଫଳ ହୋଇନାହାନ୍ତି । ଅଧିନାୟିକା ହରମନପ୍ରୀତ୍ କୌର ୨ଟି ସ୍ଥାନ ହରାଇ ୧୬ରେ ରହିଛନ୍ତି । ମହିଳା ଦିନିକିଆ ବ୍ୟାଟିଂ ତାଲିକାର ୨ୟ ଓ ୩ୟ ସ୍ଥାନରେ ଯଥାକ୍ରମେ ଇଂଲଣ୍ଡର ନାଟାଲୀ ସ୍କିଭର-ବ୍ରଣ୍ଟ ଓ ଅଷ୍ଟ୍ରେଲିଆର ବେଥ ମୁନୀ ପୂର୍ବଭଳି ସ୍ଥାନ ବଜାୟ ରଖିଛନ୍ତି । ସେହିଭଳି ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଏକାଥରକେ ୭ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୫ମ ସ୍ଥାନରେ ପହଞ୍ଚିଛନ୍ତି ।

ଦ୍ୱିତୀୟ ୟୁଥ୍ ଟେଷ୍ଟ

## ଅଷ୍ଟ୍ରେଲିଆ-୧୩୫; ଭାରତ-୧୪୪/୭

ମାକୟ, ୭ ।୧୦ (ଏଜେନ୍ସି): ଘରୋଇ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବାଳକ ଦଳ ବିପକ୍ଷରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ୟୁଥ୍ ଟେଷ୍ଟରେ ଭାରତ ପ୍ରଥମ ପାଳିରେ ଅଗ୍ରଣୀ ନେବାରେ ସଫଳ ହୋଇଛି । ଟସ୍ ଜିତି ଅଷ୍ଟ୍ରେଲିଆ ୟୁଥ୍ ଦଳ ପ୍ରଥମେ ବ୍ୟାଟିଂ କରିଥିଲା । ତେବେ ଭାରତୀୟ ୧୯ ବର୍ଷରୁ କମ୍ ଦଳର ବୋଲିଂକୁ ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ୟୁଥ ଦଳ ୪୩.୩ ଓଭରରେ ମାତ୍ର ୧୩୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଆଲେକ୍ସ ଲି ୟଙ୍ଗ୍ ସର୍ବାଧିକ ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଭ୍ରମଣକାରୀ ଭାରତୀୟ ୟୁଥ୍ ଦଳ ପକ୍ଷରୁ ହେନିଲ ପଟେଲ ଓ ଖିଲାନ ପଟେଲ ୩ଟି ଲେଖାଏ ୱିକେଟ୍ ନେଇଥିଲେ । ଉଦ୍ଧବ ମୋହନଙ୍କୁ ୨ଟି ଏବଂ ଦୀପେଶ ଦେବେନ୍ଦ୍ରନଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା ।

ଜବାବରେ ଭାରତୀୟ ୟୁଥ୍ ଦଳ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ୪୦ ଓଭରରେ ୭ ୱିକେଟ୍ ହରାଇ ୧୪୪ ରନ ସଂଗ୍ରହ କରିଛି । ହେନିଲ ୨୨ ଓ ଦୀପେଶ ୬ ରନ କରି ଅପରାଜିତ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଖିଲାନ ପଟେଲ ୨୬, ବେଦାନ୍ତ ତ୍ରିବେଦୀ ୨୫, ବୈଭବ ସୂର୍ଯ୍ୟବଂଶୀ ୨୦ ଓ ବିହାନ ମାଲହୋତ୍ରା ୧୧ ରନ କରି ଆଉଟ୍ ହୋଇଛନ୍ତି । ଅଧିନାୟକ ଆୟୁଷ ମାଲହୋତ୍ରା ମାତ୍ର ୪ ରନ କରିଥିଲେ । ବୋଲିଂରେ କାସେ ବାର୍ଟନ ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି । ୩ ୱିକେଟ୍ ବଳକା ଥାଇ ଭାରତ ୯ ରନରେ ଅଗ୍ରଣୀ ହାସଲ କରିଛି । ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଭାରତ ଏକ ଇନିଂସ ଓ ୫୮ ରନରେ ଜିତି ୧-୦ରେ ଅଗ୍ରଣୀ ରହିଛି ।

## ଅଲିମ୍ପିକ୍ସ ପଦକ ବିଜେତା ଅମନ ବାସନ୍ଦ

ନୂଆଦିଲ୍ଲୀ, ୭ ।୧୦ (ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିବା କୁସ୍ତିଯୋଦ୍ଧା ଅମନ ସେରାୱତ ବାସନ୍ଦ ହୋଇଛନ୍ତି । ୨୨ ବର୍ଷୀୟ ଅମନ ଗତ ମାସରେ କ୍ରୋଏସିଆରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନସିପ୍‌ରେ ୫୭ କିଲୋଗ୍ରାମ ବର୍ଗରେ ଅଂଶଗ୍ରହଣ କରି ଅଧିକ ଓଜନ ଲାଗି ଅଯୋଗ୍ୟ ଘୋଷିତ ହୋଇଥିଲେ । ଧାର୍ଯ୍ୟ ବର୍ଗଠାରୁ ତାଙ୍କ ଓଜନ ୧.୭ କିଲୋଗ୍ରାମ ଅଧିକ ରହିଥିଲା । ଏହି ଘଟଣାରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅମନଙ୍କୁ ବାସନ୍ଦ କରିଛି । ସେପ୍ଟେମ୍ବର ୨୩ରୁ ଏହି ବାସନ୍ଦାଦେଶ ଲାଗୁ ହୋଇଛି । ଅମନଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସମସ୍ତ କୁସ୍ତି ସମ୍ପର୍କିତ କାର୍ଯ୍ୟକଳାପରୁ ନିଷେଧ କରାଯାଇଛି । ତାଙ୍କ ପ୍ରଶିକ୍ଷକଙ୍କୁ ମଧ୍ୟ ଆନୁଷ୍ଠାନିକ ଚେତାବନୀ ଦିଆଯାଇଛି ।



## ରାଜମାତା ଜିଜାବାଈ ଟ୍ରଫି: ଓଡ଼ିଶାର ୨ୟ ବିଜୟ

କଟକ,୭।୧୦(ସମିସ): ଛତିଶଗଡ଼ରେ ଚାଲିଥିବା ୩୦ତମ ଜାତୀୟ ସିନିଅର ମହିଳା ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫି ଫାଇନାଲ ରାଉଣ୍ଡରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି । ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ମଙ୍ଗଳବାର ଓଡ଼ିଶା ୩-୦ ଗୋଲରେ ଘରୋଇ ଛତିଶଗଡକୁ ହରାଇଛି । ଯଶୋଦା ମୁଣ୍ଡା ଏବଂ ଇପସିତା ରାଉତଙ୍କ ଗୋଟିଏ ଲେଖାଏ ଗୋଲ ସ୍କୋର ବଳରେ ପ୍ରଥମାର୍ଦ୍ଧ ଖେଳରେ ଓଡ଼ିଶା ଆଗୁଆ ରହିଥିଲା । ଏହାପରେ ୯୧ତମ ମିନିଟରେ ଅଧିନାୟିକା ପ୍ୟାରୀ ଖାଖା ଦଳ ପାଇଁ ୩ୟ ଗୋଲ ଦେଇଥିଲେ । ଆସନ୍ତା ୯ ତାରିଖରେ ତାମିଲନାଡୁ ବିପକ୍ଷରେ ଓଡ଼ିଶା ଅନ୍ତିମ ମ୍ୟାଚ୍ ଖେଳିବ ।

## ଶତକ ପରେ ନିୟନ୍ତ୍ରଣ ହରାଇଲେ ପୃଥ୍ୱୀ

ପୁଣେ, ୭ ।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ଆଗାମୀ ସିଜନ ଅକ୍ଟୋବର ୧୫ରୁ ଆରମ୍ଭ ହେବାକୁଯାଉଛି । ଏଥିପୂର୍ବରୁ ରେକର୍ଡ ୪୨ଥରର ଚାମ୍ପିଅନ ମୁମ୍ବଇ ଓ ମହାରାଷ୍ଟ୍ର ମଧ୍ୟରେ ସ୍ଥାନୀୟ ଏମ୍‌ସିଏ ଷ୍ଟାଡିୟମରେ ତ୍ରି-ଦିବସୀୟ ୱାର୍ମ-ଅପ୍ ମ୍ୟାଚ୍

**ମୁମ୍ବଇ-ମହାରାଷ୍ଟ୍ର ରଣଜୀ ଟ୍ରଫି ୱାର୍ମ-ଅପ୍ ମ୍ୟାଚ୍**

ଖେଳାଯାଉଛି । ଏହି ମ୍ୟାଚରେ ପୃଥ୍ୱୀ ଶ'ଙ୍କ ବିସ୍ଫୋରକ ଶତକୀୟ ପାଳି ଦେଖିବାକୁ ମିଳିଛି । ମୁମ୍ବଇ ଦଳରେ ବାରମ୍ବାର ଅଣଦେଖା ହେବାରୁ ପୃଥ୍ୱୀ ଚଳିତ ସିଜନରୁ ମହାରାଷ୍ଟ୍ର ଦଳ ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେଇଥିଲେ । ଏହି ମ୍ୟାଚରେ ମହାରାଷ୍ଟ୍ର ପକ୍ଷରୁ ପ୍ରତିନିଧିତ୍ୱ କରି ସେ ନିଜ ପୂର୍ବ ଦଳ ମୁମ୍ବଇ ବିପକ୍ଷରେ ୧୮୧ ରନର ଦମ୍‌ଦାର ଶତକୀୟ ପାଳି ଖେଳିଛନ୍ତି । ୧୪୦ ବଲରୁ ପୃଥ୍ୱୀ ତାଙ୍କ ଶତକ ପୂରଣ କରିଥିଲେ । ଏହାପରେ ୨୧୯ ବଲରେ ୧୮୧ ରନ କରି ମୁସିର ଖାନଙ୍କ ବଲରେ ଆଉଟ୍ ହୋଇଥିଲେ । ଏହି ପାଳିରେ ୨୧ ଚୌକା ଓ ୩ ଛକା ସାମିଲ ଥିଲା । ନିଜ ପୂର୍ବ ଦଳ ବିପକ୍ଷରେ ଶତକ ହାସଲ କରିବା ସହ ୨୫ ବର୍ଷୀୟ ପୃଥ୍ୱୀ ମୁମ୍ବଇ ଟିମ୍ ମ୍ୟାନେଜମେଣ୍ଟକୁ ମଧ୍ୟ କଡ଼ା ଜବାବ ଦେଇଥିଲେ । ଏପରିକି ସେ ଆଉଟ୍ ହୋଇ ଆସିଲାବେଳେ ମୁମ୍ବଇର ମୁସିରଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିବା ଦେଖିବାକୁ ମିଳିଥିଲା । ନିଜ ଉପରୁ ନିୟନ୍ତ୍ରଣ ହରାଇ ମୁସିରଙ୍କ ପିଠିକୁ ପୃଥ୍ୱୀ ବ୍ୟାଟ୍‌ରେ ଆଘାତ ଦେବାକୁ ଚେଷ୍ଟା କରିଥିଲେ । କିନ୍ତୁ ଅମ୍ପାୟର ହସ୍ତକ୍ଷେପ କରି ତାଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ । ଏହି ମ୍ୟାଚରେ ପୃଥ୍ୱୀ ଓପନିଂ ଯୋଡ଼ିରେ ଆର୍ଶିନ କୁଲକର୍ଣ୍ଣୀଙ୍କ ସହ ୪୯.୪ ଓଭରରୁ ୩୦୫ ରନର ଭାଗୀଦାରି ଗଢ଼ି ମହାରାଷ୍ଟ୍ରକୁ ଦୃଢ଼ ଆରମ୍ଭ ଦେଇଥିଲେ । କୁଲକର୍ଣ୍ଣୀ ମଧ୍ୟ ୧୪୦ ବଲରୁ ୧୮୬ ରନ କରିଥିଲେ । ଆଗାମୀ ରଣଜୀ ଟ୍ରଫିରେ ମହାରାଷ୍ଟ୍ର ଅକ୍ଟୋବର ୧୫ରେ କେରଳ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ ।




## ନିଖିଳ ଓଡ଼ିଶା ରାଜ୍ୟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନରେ କିଟ୍‌ର ସଫଳତା



ଭୁବନେଶ୍ୱର, ୭ ।୧୦ (ଏଜେନ୍ସି): ନିଖିଳ ଓଡ଼ିଶା ରାଜ୍ୟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ବାଲେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଦଳ ଦମ୍‌ଦାର ପ୍ରଦର୍ଶନ କରିଛି । ବିଶ୍ୱବିଦ୍ୟାଳୟର ଛାତ୍ରୀ ହର୍ଷିତା ରାଉତ ମହିଳା ଚାମ୍ପିଅନ ହୋଇଛନ୍ତି । ସେ ମହିଳା ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇ ଡବଲ୍ ସଫଳତା ପାଇଥିଲେ । ସେହିଭଳି ହର୍ଷିତା ମିକ୍ସଡ ଡବଲ୍ସରେ ରନର୍ସଅପ୍ ହୋଇଥିଲେ । ହର୍ଷିତାଙ୍କ ବାଦ୍ କିଟ୍‌ର ତୁମି ବାଗ୍‌ଚୀ ମହିଳା ସିଙ୍ଗଲ୍ସରେ ରନର୍ସଅପ୍ ହୋଇଥିଲେ । ଅପରପକ୍ଷରେ ପୁରୁଷ ବିଭାଗରେ କିଟ୍‌ର ଆର୍ଯ୍ୟ ମାଝୀ ସିଙ୍ଗଲ୍ସରେ ଟାଇଟଲ୍ ଜିତିଛନ୍ତି । ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଆଇସିସି ମହିଳା ବିଶ୍ୱକପ୍

## ବିପର୍ଯ୍ୟୟରୁ ବର୍ତ୍ତିଗଲା ଇଂଲଣ୍ଡ

ଗୌହାଟୀ, ୭ ।୧୦ (ଏଜେନ୍ସି)




ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଚାରିଥରର ଚାମ୍ପିଅନ ଇଂଲଣ୍ଡ ବଡ଼ ବିପର୍ଯ୍ୟୟରୁ ବର୍ତ୍ତିଯାଇଛି । ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଇଂଲଣ୍ଡ ୪ ୱିକେଟ୍ ଓ ୨୩ ବଲ୍ ବଳକା ଥାଇ ବାଂଲାଦେଶକୁ ପରାସ୍ତ କରିଛି । ୧୭୯ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଶକ୍ତିଶାଳୀ ଇଂଲଣ୍ଡ ଏକଦା ୨୨.୧ ଓଭରରେ ୭୮ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା । ଏହାପରେ ଦଳୀୟ ସ୍କୋର ୧୦୩ ରନ ହୋଇଥିବାବେଳେ ଆଲିସେ କାପସୀ (୨୦ ରନ)ଙ୍କୁ ଆଉଟ୍ କରି ବାଂଲାଦେଶ ମହିଳା ଦଳ ଏକ ବଡ଼ ବିଜୟ ଅଭିମୁଖେ ଅଗ୍ରସର ହୋଇଥିଲା । କିନ୍ତୁ ଏହି ସମୟରେ ୩୪ ବର୍ଷୀୟା ଡାହାଣହାତୀ ବ୍ୟାଟର୍ ହେଥର ନାଇଟ୍ ତାଙ୍କ ଅଭିଜ୍ଞତାର ପରିଚୟ ଦେଇ ଦମ୍‌ଦାର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ଇଂଲଣ୍ଡକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ । ନାଇଟ୍ ଓ ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ଚାର୍ଲୋଟେ ଡିନ ଅବିଭକ୍ତ ୭ମ ୱିକେଟ୍ ଯୋଡ଼ିରେ ୭୯ ରନ ସଂଗ୍ରହ କରି ଇଂଲଣ୍ଡକୁ ସ୍ମରଣୀୟ ବିଜୟ ଭେଟି ଦେଇଥିଲେ । ନାଇଟ୍ ୧୧୧ ବଲରୁ ୮ ଚୌକା ଓ ଗୋଟିଏ ଛକା ସହ ୭୯ ରନ କରିଥିଲେ । ସେହିଭଳି ୫୬ ବଲରେ ୨୭ ରନର ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ୩୨, ଟାମି ବିଉମଣ୍ଟ ୧୩ ରନ କରିଥିଲେ । ବାଂଲାଦେଶର ଫହିମା ଖାତୁନଙ୍କୁ ୩ଟି ୱିକେଟ୍ ମିଳିଥିଲା ।

ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶ ୪୯.୪ ଓଭରରେ ୧୭୮ ରନରେ ଅଲ୍‌ଆଉଟ୍ ହୋଇଥିଲା । ଦଳ ପକ୍ଷରୁ ଶୋଭନା ମୋଷ୍ଟାରୀ ସର୍ବାଧିକ ୬୦ ରନ କରିଥିଲେ । ବୋଲିଂରେ ଇଂଲଣ୍ଡ ପାଇଁ ସୋଫି ଇକଲେଷ୍ଟୋନ ୩ ଏବଂ ଲିନସେ ସ୍ମିଥ, ଚାର୍ଲି ଡିନ ଓ ଆଲିସେ କାପସୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ । ବିଶ୍ୱକପ୍‌ରେ ଇଂଲଣ୍ଡ ମହିଳା ଦଳର ଦ୍ୱିତୀୟ ମ୍ୟାଚରୁ ଏହା ୨ୟ ବିଜୟ । ପୂର୍ବରୁ ଇଂଲଣ୍ଡ ଏହାର ପ୍ରଥମ ମ୍ୟାଚରେ ୧୦ ୱିକେଟ୍‌ରେ ଦକ୍ଷିଣ ଆଫ୍ରିକା ମାତ୍ ଦେଇଥିଲେ । ଅପରପକ୍ଷରେ ପ୍ରଥମ ମ୍ୟାଚରେ ପାକିସ୍ତାନକୁ ୭ ୱିକେଟ୍‌ରେ ହରାଇଥିବା ବାଂଲାଦେଶକୁ ଆଜି ଆଉ ଏକ ବଡ଼ ବିଜୟରୁ ବଞ୍ଚିତ ହୋଇଛି ।

**ବିଶ୍ୱକପ୍‌ରେ ଆଜିର ମ୍ୟାଚ୍**
ଅଷ୍ଟ୍ରେଲିଆ - ପାକିସ୍ତାନ
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS